


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୭୦ ● ୧୦ ଅପ୍ରେଲ ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-70 ● 10th April 2026, Friday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27







# ଆସାମ, କେରଳ ଓ ପୁଡୁଚେରୀରେ ମତଦାନ ଶେଷ

## ୫ଟା ସୁଦ୍ଧା ଆସାମରେ ୮୪.୪୨% ଭୋଟିଂ

**ନୂଆଦିଲ୍ଲୀ, ୯।୪**

ଗୁରୁବାର ଦୁଇ ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ମତଦାନ ଅନୁଷ୍ଠିତ ହୋଇଛି। ଅପରାହ୍ଣ ୫ଟା ସୁଦ୍ଧା ଆସାମରେ ୮୪.୪୨ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି। ସେହିପରି କେରଳରେ ୭୫.୦୧ ପ୍ରତିଶତ ଏବଂ ପୁଡୁଚେରୀରେ ସର୍ବାଧିକ ୮୬.୯୨ ପ୍ରତିଶତ ମତଦାନ ହୋଇଛି। ଗୁରୁବାର ଭାରତର ୩ ରାଜ୍ୟ ଆସାମ, କେରଳ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଜାରି ରହିଥିଲା। କେରଳରେ ୧୪୦ ବିଧାନସଭା ଆସନ ପାଇଁ ୮୮୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ମୋଟ ୩୦ଟି ଆସନ ରହିଛି। ଅପରାହ୍ଣ ୩ଟା ପର୍ଯ୍ୟନ୍ତ କେରଳରେ ୬୨.୭୧ ପ୍ରତିଶତ ଏବଂ ପୁଡୁଚେରୀରେ ୭୨.୪୦ ପ୍ରତିଶତ ମତଦାନ ହୋଇଥିଲା। ସେହିପରି



ଆସାମରେ ଅପରାହ୍ଣ ୧ଟା ସୁଦ୍ଧା ୫୯.୬୩% ଭୋଟର ମତଦାନ ହୋଇଥିଲା। ସେହିପରି କେରଳରେ ୪୯.୭୦% ଏବଂ ପୁଡୁଚେରୀରେ ୫୬.୮୩% ମତଦାନ ହୋଇଥିଲା।

ଆସାମ ଓ କେରଳ ସମେତ କେନ୍ଦ୍ର ଶାସିତ ପୁଡୁଚେରୀ ବିଧାନସଭା ଆସନ ପାଇଁ ଗୁରୁବାର ମତଦାନ ଶେଷ ହୋଇଛି। ଗୁରୁବାର ଦିନ ତମାମ ସବୁ ସ୍ଥାନରେ ଲୋକମାନେ ବିପୁଳ ସଂଖ୍ୟାରେ ସାମିଲ ହୋଇ ଗଣତନ୍ତ୍ରର ମହାନ ପର୍ବରେ ନିଜକୁ ସାମିଲ କରିଛନ୍ତି। ଧାର୍ଯ୍ୟ ସମୟ ସନ୍ଧ୍ୟା ୫ଟା ପରେ ମଧ୍ୟ ଲୋକଙ୍କ ଲମ୍ବା ଲାଇନ ବୁଥ୍ ବାହାରେ ଦେଖିବାକୁ ମିଳିଥିଲା।

ପୁଡୁଚେରୀରେ ସର୍ବାଧିକ ୮୬.୯୨% ଭୋଟିଂ ରେକର୍ଡ ହୋଇଥିବା ବେଳେ ଆସାମରେ ଭୋଟିଂ ହାର ସନ୍ଧ୍ୟା ୫ଟା ସୁଦ୍ଧା ୮୪.୪୨% ରହିଛି। ସେହିପରି କେରଳରେ ୭୫.୦୧% ଲୋକ ମତଦାନ କରିଛନ୍ତି। ଯେହେତୁ ବିଭିନ୍ନ ବୁଥରେ ଲମ୍ବା ଲାଇନ ରହିଛି, ତେଣୁ ଆଗକୁ ଭୋଟିଂ ହାର ବଢ଼ିବାର ସମ୍ଭାବନା ରହିଛି।

ଆସାମରେ ୮୪.୪୨% ମତଦାନ ହେବା ଗୋଟିଏ ରେକର୍ଡ। ୨୦୨୧ରେ ଆସାମର ୧୨୬ ବିଧାନସଭା ଆସନରେ ଭୋଟିଂ ହାର ୮୨.୦୪% ରହିଥିଲା। କିନ୍ତୁ ଏଥର ଆସାମରେ ରେକର୍ଡ ସଂଖ୍ୟକ ମତଦାନ ହୋଇଛି। ଏହି ଭୋଟିଂ ହାର ଆହୁରି ୨ରୁ ୩% ବଢ଼ିବାର ସମ୍ଭାବନା ବି ରହିଛି।

ଆସାମରେ ଏଥର ବଡ଼ ଲଢ଼େଇ ହେଉଛି। କ୍ଷମତାସୀନ ବିଜେପି ନେତୃତ୍ୱାଧୀନ ଏନଡିଏ କ୍ରମାଗତ ତୃତୀୟ ଥର ପାଇଁ ଶାସନ ଦଖଲ କରିବା ଲକ୍ଷ୍ୟରେ ରହିଥିବା ବେଳେ କଂଗ୍ରେସ ଦଶନ୍ଧି ପରେ ଶାସନକୁ ଫେରିବାକୁ ଉଦ୍ୟମ କରୁଛି।

ରାଜ୍ୟର ଡାଲଗାଓଁରେ ସର୍ବାଧିକ ୯୪.୫୭% ଭୋଟିଂ ହୋଇଥିବା ବେଳେ ଆମ୍ରୀରେ ସର୍ବନିମ୍ନ *(ପୃଷ୍ଠା ୭ରେ)*

# ଯୁଦ୍ଧ ବିରତି ଉଲ୍ଲଂଘନ କଲେ ପରିଣାମ ଭୟଙ୍କର ହେବ

**ୱାଶିଂଟନ, ୯।୪**

ଇରାନ ସହ ଦୁଇ ସପ୍ତାହର ଯୁଦ୍ଧ ବିରତି ଲାଗୁ ହୋଇଥିବା ବେଳେ ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତେହରାନକୁ ପୁଣି ଧମକ ଦେଇଛନ୍ତି। ଯୁଦ୍ଧ ବିରତି ଉଲ୍ଲଂଘନ ହେଲେ ତା'ର ଭୟଙ୍କର ପରିଣତି ଭୋଗ କରିବାକୁ ପଡିବ ବୋଲି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଚେତାବନୀ ଶୁଣାଇଛନ୍ତି। ଦୁଇ ଦେଶ ମଧ୍ୟରେ ଚୂଡ଼ାନ୍ତ ବୁଝାମଣା ସଫଳ ନ ହେବା ଯାଏ ଆମେରିକା ସୁରକ୍ଷା ବଳ ଇରାନରେ ଓ ଆଖପାଖ ଅଞ୍ଚଳରେ ପୂର୍ବଭଳି ରହିବେ। ସେହିପରି ଦରକାର ପଡ଼ିଲେ ଇରାନ ଉପରେ ସବୁ ଠାରୁ ବଡ଼ ଆକ୍ରମଣ କରିବାକୁ ଆମେରିକା ପଛାଇବ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି।

ଟ୍ରୁଥ ସୋଶାଲରେ ଟ୍ରମ୍ପ କହିଛନ୍ତି, "ସମସ୍ତ ଆମେରିକୀୟ ଜାହାଜ, ଯୁଦ୍ଧ ବିମାନ ଓ ସୁରକ୍ଷାକର୍ମୀ ଅତିରିକ୍ତ ଗୁଳିଗୋଳା, ଯୁଦ୍ଧାସ୍ତ୍ର ଓ ପୂର୍ବରୁ ହିଁ ଅତ୍ୟନ୍ତ ଦୁର୍ବଳ ହୋଇ ସାରିଥିବା ଶତ୍ରୁ ଦେଶର ବିନାଶ ପାଇଁ ଉପଯୁକ୍ତ ଏବଂ ଆବଶ୍ୟକ ଅନ୍ୟ ସମସ୍ତ ଜିନିଷ ସହ ଇରାନରେ ଓ ଆଖପାଖ ଅଞ୍ଚଳରେ ମୁତୟନ ହୋଇ ରହିବେ। ଯେଉଁ ପର୍ଯ୍ୟନ୍ତ ପ୍ରକୃତ ବୁଝାମଣା



ଶେଷ ହୋଇ ନାହିଁ, ସେ ଯାଏଁ ସେମାନେ ସେଠାରେ ରହିବେ।"

ନିଜ ପୋଷ୍ଟରେ ଇରାନ ଷ୍ଟ୍ରେଟ ଅଫ ହର୍ମୁଜ ଖୋଲା ରଖିବା ପାଇଁ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବା କଥା ଟ୍ରମ୍ପ ମନେ ପକାଇ ଦେଇଛନ୍ତି। ସେହିପରି ଇରାନ ଶାନ୍ତି ବୁଝାମଣା ଅନୁସାରେ ଆଣବିକ ଯୁଦ୍ଧାସ୍ତ୍ର ବିକଶିତ କରିପାରିବ ନାହିଁ ବୋଲି ଟ୍ରମ୍ପ ଦୋହରାଇଛନ୍ତି।

ସେ କହିଛନ୍ତି, "ଯଦି କୌଣସି କାରଣ ପାଇଁ ବୁଝାମଣା ଚୂଡ଼ାନ୍ତ ନ ହେବ, ଯାହାର ସମ୍ଭାବନା କମ ତା'ହେଲେ ଆକ୍ରମଣ ଅତ୍ୟନ୍ତ ବଡ଼, ଭଲ ଓ ଶକ୍ତିଶାଳୀ ଢଙ୍ଗରେ କରାଯିବ। ପୂର୍ବରୁ କେହି ଦେଖି ନଥିବା ଘଟଣା ଘଟିବ।"

ଅନ୍ୟପକ୍ଷରେ ଯୁଦ୍ଧ ବିରତି ଲାଗୁ ହୋଇଥିଲେ ହେଁ ମଧ୍ୟପ୍ରାଚ୍ୟରେ ସ୍ଥିତି ଉତ୍ତେଜନା ମୂଳକ ରହିଛି। ଇସ୍ରାଏଲ ସେନା ପକ୍ଷରୁ ଲେବାନନରେ ଆକ୍ରମଣ କରାଯାଉଥିବାରୁ ଇରାନ ମଧ୍ୟ ଏହାର ପ୍ରତିଶୋଧ ନେବାକୁ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିଦେଇଛି। ଏହାକୁ ନେଇ ଆମେରିକା କ୍ଷୁବ୍ଧ ହୋଇଛି। ଇରାନକୁ ତୁରନ୍ତ ହର୍ମୁଜ ପ୍ରଣାଳୀ ଖୋଲିବା ମଧ୍ୟ ୱାଶିଂଟନ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଆଜି ରାଜ୍ୟ କ୍ୟାବିନେଟ ବୈଠକ

**ଭୁବନେଶ୍ୱର, ୯।୪**
**ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ରାଜ୍ୟ ମନ୍ତ୍ରୀମଣ୍ଡଳର ଗୁରୁତ୍ୱପୂର୍ଣ୍ଣ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ ହୋଇଛି। ଏହି ବୈଠକରେ ୭ଟି ଏଜେଣ୍ଡା ଉପରେ ଆଲୋଚନା ହୋଇ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଏକ ନୂଆ ନୀତିର ପ୍ରଣୟନ ସଂକ୍ରାନ୍ତରେ ପ୍ରସ୍ତାବ ଅନୁମୋଦନ ପାଇଁ ରହିଛି। ଏହି ନୀତି ଆଣିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରାଜ୍ୟର ପ୍ରତି ଘରକୁ ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରିବା। *(ପୃଷ୍ଠା ୭ରେ)*

### ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୫,୧୪୮ (-୨୩୪) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୩,୮୮୫ (-୨୧୫) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୧,୩୬୧ (-୧୭୬) |

### ରୁପା ଦର

ରୂପା – ପ୍ରତି ଗ୍ରାମ ୨୫୫ (-୫)

## ଏକାଳ ପଖାଳ



ଇଲେକ୍ଟ୍ରି ବାଲାଏ ହେଇଟି
ଶୁଣିଛ କି ନାହିଁ କୁହ
ଘୋଷଣା ନକରି ଲାଇନି କାଟିକି
ଗରମେ ଜାଳୁଛ ଦେହ
ଜେଲ୍‌କୁ ଯିବ ରୁହ
ନଜଣେଇ କଟାକଟି କଲେ
ଗଡେଇବ ଏବେ ଲୁହ ।

## ୭ମ ବେତନ କମିଶନ ଠାରୁ ମହିଳା ସୁରକ୍ଷା

# ପଶ୍ଚିମବଙ୍ଗ ପାଇଁ ପ୍ରଧାନମନ୍ତ୍ରୀଙ୍କ ୬ ଗ୍ୟାରେଣ୍ଟି

**ନୂଆଦିଲ୍ଲୀ, ୯।୪**

ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ପଶ୍ଚିମବଙ୍ଗବାସୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ୬ଟି ପ୍ରତିଶ୍ରୁତି ବା ଗ୍ୟାରେଣ୍ଟି ଦେଇଛନ୍ତି। ବେଙ୍ଗଲର କ୍ଷମତାସୀନ ଟିଏମ୍‌ସିକୁ ମଧ୍ୟ ମୋଦୀ ବିଭିନ୍ନ ପ୍ରସଙ୍ଗରେ ସମାଲୋଚନା କରିଛନ୍ତି। ଏପ୍ରିଲ ୨୩ରେ ବେଙ୍ଗଲରେ ପ୍ରଥମ ପର୍ଯ୍ୟାୟ ମତଦାନ ହେବ।

ବିଜେପି ବେଙ୍ଗଲରେ କ୍ଷମତାକୁ ଆସିଲେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ କରାଯିବ,



ସରକାରୀ ନୀତିରେ ସ୍ୱଚ୍ଛତା ଅଣାଯିବ, ପ୍ରତିଟି ଦୁର୍ନୀତିର ତଦନ୍ତ ହେବ, ଅନୁପ୍ରବେଶକାରୀଙ୍କୁ ବିଦା କରାଯିବ ଓ ରାଜ୍ୟରେ ୭ମ ବେତନ କମିଶନ ଲାଗୁ ହେବ ବୋଲି ଗୁରୁବାର ହଲଦିଆରେ ଆୟୋଜିତ ବିଜେପିର ଏକ ନିର୍ବାଚନୀ ସମାବେଶରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଏହି ପ୍ରତିଶ୍ରୁତି ଦେଇଛନ୍ତି।

ସେ କହିଛନ୍ତି, "ଆଜି ମୁଁ ଆପଣମାନଙ୍କୁ ପ୍ରତିଶ୍ରୁତି ଦେଉଛି ଯେ ବିଜେପି ସବୁ କିଛି ସମ୍ବିଧାନ ଅନୁସାରେ କରିବ। ସମସ୍ତେ ସେମାନଙ୍କ ଆଇନଗତ ପ୍ରାପ୍ୟ ପାଇବେ। ଏହା ମୋଦୀ ଗ୍ୟାରେଣ୍ଟି।" *(ପୃଷ୍ଠା ୭ରେ)*

# ମିଶନ ଶକ୍ତି ମହିଳାଙ୍କ ପାଇଁ ଆତ୍ମରକ୍ଷା ପ୍ରଶିକ୍ଷଣର ଶୁଭାରମ୍ଭ

**ଭୁବନେଶ୍ୱର, ୯।୪**
**ନ୍ୟୁଜ୍ ବ୍ୟୁରୋ**

ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁବାର ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ର ସଦସ୍ୟାମାନଙ୍କୁ ସୁରକ୍ଷିତ ଓ ସଶକ୍ତ କରିବା ଲକ୍ଷ୍ୟରେ ମିଶନ ଶକ୍ତି ପକ୍ଷରୁ ପ୍ରଥମ ଥର ପାଇଁ ଏକ ସ୍ୱତନ୍ତ୍ର ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଜାତୀୟ ମହିଳା କମିଶନର ଅଧ୍ୟକ୍ଷା ବିଜୟା କିଶୋର ରାହତକର ସମ୍ମାନିତ




ଅତିଥି ଭାବେ ଯୋଗ ଦେଇଥିଲେ।

ଏହି ସମାବେଶକୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମହିଳା ସଶକ୍ତୀକରଣ କେବଳ ଆର୍ଥିକ ସ୍ୱାଧୀନତା ମଧ୍ୟରେ ସୀମିତ ନୁହେଁ, ବରଂ ସେମାନଙ୍କର ସମ୍ମାନ ଓ ସୁରକ୍ଷା ସୁନିଶ୍ଚିତ କରିବା ମଧ୍ୟ ଏକ ପ୍ରମୁଖ ଲକ୍ଷ୍ୟ। ଏହି ପ୍ରଶିକ୍ଷଣ ଦ୍ୱାରା ମହିଳାମାନେ ଆତ୍ମବିଶ୍ୱାସର ସହ ସମାଜରେ ବିଚରଣ କରିପାରିବେ ଏବଂ ନିର୍ଭୟରେ ବିଭିନ୍ନ ଆର୍ଥିକ *(ପୃଷ୍ଠା ୭ରେ)*

# ଆସିଲା ବିଜୁ ଲିଗାସିର ନୂଆ କାହାଣୀ

**ଭୁବନେଶ୍ୱର, ୯।୪**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟସଭା ନିର୍ବାଚନ ଫଳାଫଳ ଘୋଷଣା ପରଠାରୁ ରାଜ୍ୟରେ ବିଜୁ ଲିଗାସି ନେଇ ଚର୍ଚ୍ଚା ଆଲୋଚନା ବଢ଼ିଚାଲିଛି। ବିଜୁ ଅନୁଗତଙ୍କ ମେଳି ଚାଲୁ ରହିଛି। ଏହି କ୍ରମରେ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଘନିଷ୍ଠ ସହଯୋଗୀ ତଥା ଅନୁଗତମାନେ ଏବେ ଏକାଠି ହେଉଛନ୍ତି। ଏହି ପ୍ରସଙ୍ଗରେ ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ ସକାରାତ୍ମକ ଆଭିମୁଖ୍ୟ ଗ୍ରହଣ କରିଥିବା ବେଳେ ବରିଷ୍ଠ ରାଜନେତା ବିଜୟ ମହାପାତ୍ର, ଅମର ଶତପଥୀ, ପ୍ରଭାତ ତ୍ରିପାଠୀ, ପ୍ରଭାତ ବିଶ୍ୱାଳ, ରବି ପାଣି ପ୍ରମୁଖ ଅନେକ ଅଭିଜ୍ଞ ନେତା ମଝିରେ ମଝିରେ ବୈଠକ କରୁଛନ୍ତି। ସେମାନେ ବିଜୁ ଲିଗାସିକୁ ବଞ୍ଚାଇ ରଖିବା ପାଇଁ ଭରପୂର ପ୍ରୟାସ ଜାରି ରଖିଛନ୍ତି। ଆସନ୍ତା ୧୭ ତାରିଖ ବିଜୁଙ୍କ ପୁଣ୍ୟତିଥି *(ପୃଷ୍ଠା ୭ରେ)*

## କିଏ ହେବେ ବିଜେଡ଼ି ସଂସଦୀୟ ଦଳର ନେତା

# ସଂତୃପ୍ତ ଓ ମାନସ ମଙ୍ଗରାଜଙ୍କ ନାମରେ ହେଉଛି ଚର୍ଚ୍ଚା

**ଭୁବନେଶ୍ୱର, ୯।୪**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ବିଜେଡ଼ି ସଂସଦୀୟ ଦଳ ନେତା ପଦରୁ ଇସ୍ତଫା ଦେବା ପରେ ଏହି ପଦରେ ଦଳ ଆଉ କାହାକୁ ଦାୟିତ୍ୱ ଦେବ ସେନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଗୁରୁବାର ଶ୍ରୀ ପାତ୍ରଙ୍କ ଇସ୍ତଫା ପତ୍ରକୁ ବିଜେଡ଼ି ସଭାପତି ନବୀନ ପଟ୍ଟନାୟକ ଗ୍ରହଣ କରିନେଇଛନ୍ତି। ଏହା ପରେ ଏବେ ରାଜ୍ୟସଭାରେ ବିଜେଡ଼ି ସଂସଦୀୟ ଦଳର ନେତା କାହାକୁ କରାଯିବ ତାକୁ ନେଇ ଦଳୀୟ ରାଜନୀତି ସରଗରମ ହୋଇଛି। ଶ୍ରୀ ପାତ୍ରଙ୍କ ସ୍ଥାନରେ ନିକଟରେ ରାଜ୍ୟସଭା ନିର୍ବାଚନରେ ବିଜୟ ଲାଭ କରିଥିବା ବିଜେଡ଼ି ସାଂସଦ ସଂତୃପ୍ତ ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇ ପାରେ ବୋଲି ଚର୍ଚ୍ଚା ହେଉଥିବା ବେଳେ ବିଜେଡ଼ିର ଆଉ ଗୋଟିଏ ଗୋଷ୍ଠୀ ସାଂସଦ ମାନସ ମଙ୍ଗରାଜଙ୍କୁ ଏହି ପଦ ମିଳିପାରେ ବୋଲି ଆଲୋଚନା କରୁଥିବା ଶୁଣାଯାଉଛି। ଏବେ ରାଜ୍ୟସଭାରେ ଓଡ଼ିଶାର ୧୦ଜଣ ସାଂସଦ ରହିଥିବା ବେଳେ *(ପୃଷ୍ଠା ୭ରେ)*

## ଓଏସ୍‌ଏସ୍‌ଟିଇଟି ରେଜଲ୍ଟ ପ୍ରକାଶିତ

# ପାସ୍ ହାର ୭୨.୩୮%

**କଟକ, ୯।୪ : ନ୍ୟୁଜ୍ ବ୍ୟୁରୋ**

ଓଡିଶା ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍ (ବିଏସଇ) ଗୁରୁବାର ଦିନ ଓଡିଶା ସେକେଣ୍ଡାରୀ ସ୍କୁଲ୍ ଟିଚର୍ ଏଲିଜିବିଲିଟି ଟେଷ୍ଟ (ଓଏସଏସଟିଇଟି) ୨୦୨୫ ର ରେଜଲ୍ଟ ଔପଚାରିକ ଭାବେ ପ୍ରକାଶ କରିଛି। ଏହି ପରୀକ୍ଷା ୨୧ ଜାନୁଆରୀ ୨୦୨୬ ରେ ଆୟୋଜିତ ହୋଇଥିଲା। *(ପୃଷ୍ଠା ୭ରେ)*

# ମହାଭାରତ ଭଳି ଲଢ଼େଇ



**ନୂଆଦିଲ୍ଲୀ, ୯।୪**

ଗୋଟିଏ ଦଶନ୍ଧି ଧରି ଜାରି ରହିଥିବା ବୈବାହିକ ବିବାଦକୁ ଗୋଟିଏ ମହାଭାରତ ଭଳି ଲଢ଼େଇ ଭାବେ ଅଭିହିତ କରିଛନ୍ତି ସୁପ୍ରିମକୋର୍ଟ। ନିଜର ସ୍ୱତନ୍ତ୍ର କ୍ଷମତା ବ୍ୟବହାର କରି ଏହି ଛାଡ଼ପତ୍ର ମାମଲାର ସାମାଧାନ ବି କରିଛନ୍ତି। ଏଥିସହ ପତ୍ନୀଙ୍କୁ ମୋଟ ୫ କୋଟି ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ପତ୍ନୀଙ୍କ ପାଖରେ ଏବେ ଦମ୍ପତିଙ୍କ ୨ ଛୋଟ ପୁଅ ରହୁଛନ୍ତି।

କୋର୍ଟ କହିଛନ୍ତି, "ବ୍ୟବହାରିକ ରୂପରେ ଏହି ବାହାଘର ଶେଷ ହୋଇ ସାରିଛି। ତେଣୁ ସମ୍ବିଧାନ ଧାରା ୧୪୨ରେ ରହିଥିବା ସ୍ୱତନ୍ତ୍ର କ୍ଷମତାର ପ୍ରୟୋଗ କରିବା ପାଇଁ ଏହା ଅତ୍ୟନ୍ତ ଉପଯୁକ୍ତ ମାମଲା। ଏହାଦ୍ୱାରା ସଂପୂର୍ଣ୍ଣ ନ୍ୟାୟ କରାଯାଇ ପାରିବ ଓ ଦଶନ୍ଧି ଧରି ଚାଲିଥିବା ବିବାଦ ସମାଧାନ କରାଯାଇ ପାରିବ। କାରଣ ଏହି ବିବାଦ ସବୁ ସୀମା ପାର କରି ଯାଇଛି।"

ଏହି ଦମ୍ପତି ୨୦୧୦ରେ ବିବାହ କରିଥିଲେ ଓ ସେମାନଙ୍କ ୨ ଜଣ ନାବାଳକ ପୁତ୍ର ସନ୍ତାନ ରହିଛନ୍ତି। ସମୟକ୍ରମେ ସେମାନଙ୍କ ବୈବାହିକ ଜୀବନରେ ଝଡ଼ ଦେଖା ଦେଇଥିଲା ଓ ୨୦୧୬ରୁ ଉଭୟ ଅଲଗା ରହିବା ଆରମ୍ଭ କରିଥିଲେ। ୨୦୧୬ରୁ ଦମ୍ପତି ଆଇନଗତ ଯୁଦ୍ଧ କରୁଛନ୍ତି। ପତ୍ନୀ *(ପୃଷ୍ଠା ୭ରେ)*

# ୧୧ରୁ ଗ୍ରୀଷ୍ମ ତାତି ଅସହ୍ୟ ହେବ



**ଭୁବନେଶ୍ୱର, ୯।୪**
**ନ୍ୟୁଜ୍ ବ୍ୟୁରୋ**

ମାଡ଼ିଆସୁଛି ସାଂଘାତିକ ଖରା। ଆସନ୍ତା ଶନିବାରଠୁ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି। ରାଜ୍ୟରେ ଆଜି ଓ କାଲି କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିବ। ତେବେ ୧୧ ତାରିଖରୁ ଉପକୂଳ ଏବଂ ଆଖପାଖ ଅଞ୍ଚଳରେ ପ୍ରବଳ ଖରା ଓ ଗରମ ନେଇ ଆଲର୍ଟ ଜାରି କରିଛି ପାଣିପାଗ କେନ୍ଦ୍ର।

ଶୁକ୍ରବାର ଉପକୂଳ ଓ ଉତ୍ତର ଓଡ଼ିଶାର ମାତ୍ର ୧୦ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ତେବେ ୧୧ ତାରିଖରୁ ପ୍ରବଳ ଖରା ହେବାର ସମ୍ଭାବନା ରହିଛି। ୧୧ ଓ ୧୨ ତାରିଖରେ ଅହସ୍ୟ ଖରା ପାଇଁ ୧୧ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ କେନ୍ଦ୍ର।





# ବ୍ରହ୍ମପୁର ସହରାଞ୍ଚଳରେ ସ୍ୱଚ୍ଛତା ଅଭିଯାନ ନେଇ ପ୍ରଶ୍ନବାଚୀ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ସହରର ସ୍ୱଚ୍ଛତା ଓ ପରିମଳ ପ୍ରତି ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷ ଆଦୌ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି। ସ୍ୱଚ୍ଛ ସର୍ବେକ୍ଷଣ ପ୍ରତିଯୋଗିତାରେ ଏକଦା ରାଜ୍ୟରେ ଶୀର୍ଷ ସ୍ଥାନରେ ଥିବା ବିଇଏମ୍‌ସିର ମାନ୍ୟତା କ୍ରମଶଃ ଖସିବାରେ ଲାଗିଛି। ଏଭଳି ପରିସ୍ଥିତିରେ ସମଗ୍ର ଦେଶରେ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୬ ପ୍ରତିଯୋଗିତା ଜାରି ରହିଛି। ତେବେ ଏଥିରେ ପରିମଳ ଓ ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯାଉଥିବା ବେଳେ ସହରର ସ୍ଥିତିକୁ ଦେଖିଲେ ବିଇଏମ୍‌ସିର ସ୍ଥାନ କେଉଁଠାରେ ରହିବ ତାହା ସ୍ପଷ୍ଟ ଅନୁମେୟ କରି ହେଉଛି। ସହରବାସୀଙ୍କ ସହଯୋଗ ଓ ସେମାନଙ୍କ ଠାରୁ ମିଳୁଥିବା ଫିଡ୍‌ବ୍ୟାକ୍ ଓ ବିଭିନ୍ନ ସମସ୍ୟାର ସମାଧାନ କେତେଶୀଘ୍ର ସମାଧାନ କରାଯାଇ ପାରୁଛି ତାକୁ ମଧ ଏହି ପ୍ରତିଯୋଗିତାରେ ଏକ ପ୍ରମୁଖ ମାପକାଠି ଭାବେ ଗ୍ରହଣ କରାଯାଉଛି। ତେବେ ଏସବୁକୁ ଦେଖିଲେ ଏବଂ ଅପରପକ୍ଷେ ସହରର ପରିମଳ ଓ ସ୍ୱଚ୍ଛତାକୁ ଦେଖିଲେ ଗାଁ ସୁନ୍ଦର ଧୋବା ତୁଠରୁ ଜଣାପଡ଼ିବା ନ୍ୟାୟରେ ଯେ କେହି ଜାଣି ପାରିବେ। ଯେକୌଣସି ମୁହୂର୍ତ୍ତରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଦଳ ସହରରେ ଗ୍ରାଉଣ୍ଡ୍ ଜିରୋରେ ବୁଲି ମୂଲ୍ୟାୟନ କରିବେ। ଏଭଳି ସ୍ଥିତିରେ ସହରର ଶୌଚାଳୟ ଗୁଡ଼ିକର ଶୋଚନୀୟ ସ୍ଥିତିକୁ ଦେଖିଲେ ସବୁ କିଛି ସ୍ପଷ୍ଟ ହେଉଛି। ୪୨ଟି ୱାର୍ଡ୍ ବିଶିଷ୍ଟ ବ୍ରହ୍ମପୁର ମହାନଗର ନିଗମରେ ମୋଟ ୬୧ଟି ଶୌଚାଳୟ ରହିଛି। ସେଥିମଧ୍ୟରୁ ୩୦ଟି ର ପରିଚାଳନା ଦାୟିତ୍ୱ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ହାତରେ ଥିବା ବେଳେ ୨୧ଟି ଶୌଚାଳୟର ଦାୟିତ୍ୱ ସୁଲଭକ ଇଣ୍ଟରନ୍ୟାସନାଲ୍ ସଂସ୍ଥାକୁ ଦିଆଯାଇଥିବା ଜଣାପଡ଼ିଛି। ବିଭିନ୍ନ ୱାର୍ଡ଼ରେ ଥିବା ୪୦ଟି ଶୌଚାଳୟଗୁଡ଼ିକର ରକ୍ଷଣା-ବେକ୍ଷଣ ପାଇଁ ମାସିକ ୬ ହଜାରରୁ ୩୧ ହଜାର ପର୍ଯ୍ୟନ୍ତ ହିସାବରେ ମାସିକ ୫ ଲକ୍ଷ ୨୪ ହଜାର ୫ ଶହ ଟଙ୍କା ଖର୍ଚ୍ଚ ହେଉଥିବା ଜଣାପଡ଼ିଛି। ଯାହା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ପ୍ରଦାନ କରାଯାଉଛି। ସେହିଭଳି ସୁଲଭ ଅଧୀନରେ ଥିବା ୨୧ଟି ଶୌଚାଳୟ ପାଇଁ ଅଧିକ ତଥା ପୃଥକ୍ ଭାବେ ଅର୍ଥ ବିନିଯୋଗ ହେଉଛି। ତେବେ ସବୁଠାରୁ ଚିନ୍ତା ଓ ପରିତାପର ବିଷୟ ହେଲା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଅଧୀନରେ ଥିବା ମୋଟ ୪୦ଟି ମଧ୍ୟରୁ ମାତ୍ର ୫ଟି ଓ ସୁଲଭ ଅଧୀନରେ ଥିବା ୨୧ଟି ଶୌଚାଳୟ ମଧ୍ୟରୁ ୭ଟି ଏହିଭଳି ମୋଟ ୬୧ଟି ଶୌଚାଳୟ ମଧ୍ୟରୁ ମାତ୍ର ୧୨ ଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଥିବା ଜଣାପଡ଼ିଛି। ଅବଶିଷ୍ଟ ୪୯ଟି ମଧ୍ୟରୁ କେତେକ ଅଚଳ ପଡ଼ିଥିବା ବେଳେ ଆଉ କେତେକରେ ପାଣିର ଅଭାବ ରହିଛି ତ ଆଉ କେଉଁଠି ଟାଙ୍କି ଚୋକ୍ ହୋଇ ବ୍ୟବହାର ଯୋଗ୍ୟ ଅବସ୍ଥାରେ ନଥିବା ଦେଖିବାକୁ ମିଳିଛି। ସେଥି ମଧ୍ୟରୁ ଗୋଟିଏ ହେଉଛି ଏମ୍‌କେସିଜି ମେଡ଼ିକାଲ୍ ସମ୍ମୁଖ ମର୍ଦ୍ଦରାଜ ଭେଣ୍ଡିଂ ଜୋନ୍ ସଂଲଗ୍ନ ସୁଲଭ ଶୌଚାଳୟ। ଯାହା ଦୀର୍ଘ ୨ ମାସରୁ ଅଧିକ କାଳ ଧରି ବନ୍ଦ ପଡ଼ିଥିବା ଦେଖିବାକୁ ମିଳିଛି। ଏଠାରେ ପନିପରିବା ମାର୍କେଟ୍ ସହିତ ଆମିଷ ବଜାର ଥିବାରୁ ଏଠାକୁ ଦୈନିକ ସହସ୍ରାଧିକ ଲୋକ ଓ ବ୍ୟବସାୟୀ ଯାତାୟାତ କରିଥାନ୍ତି। ତେବେ ଶୌଚାଳୟର ଟାଙ୍କି ଜାମ ହୋଇ ଆବର୍ଜନା ଜଳ ବାହାରେ ଭାସୁଥିବାରୁ ସେଥିରୁ ନିର୍ଗତ ଦୁର୍ଗନ୍ଧ ଯୋଗୁଁ ଲୋକଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସହରର ବିଭିନ୍ନ ୱାର୍ଡ଼ରେ ଶୌଚାଳୟଗୁଡ଼ିକର ସ୍ଥିତି ନେଇ ବାରମ୍ବାର ଅଭିଯୋଗ କଲେ ସୁଦ୍ଧା କେହି କର୍ତ୍ତୃପକ୍ଷ କରୁନଥିବା ଅଭିଯୋଗ ହୋଇଛି। ଏଭଳି ପରିସ୍ଥିତିରେ ସ୍ଥାନୀୟ କର୍ପୋରେଟର ମାନେ ବିଭିନ୍ନ ସମୟରେ ଲୋକଙ୍କ ଆକ୍ରୋଶର ଶିକାର ହେଉଥିବା ଦେଖିବାକୁ ମିଳୁଛି। ଶୌଚାଳୟ ଗୁଡ଼ିକର ରକ୍ଷଣାବେକ୍ଷଣରେ ଅଭାବ ସାଙ୍ଗକୁ ପରିଚାଳନା ଗତ ତ୍ରୁଟି ଯୋଗୁଁ ସେଗୁଡ଼ିକର ଦୁଃସ୍ଥିତି ସହରର ପରିମଳ ବ୍ୟବସ୍ଥାକୁ ପଦାରେ ପକାଇ ଦେଇଛି। ଏଭଳି ପରିସ୍ଥିତିରେ ସ୍ୱଚ୍ଛ ସର୍ବେକ୍ଷଣ ଟିମ୍ ସହରକୁ କିଭଳି ମୂଲ୍ୟାୟନ କରିବେ ଏଥିରୁ ହିଁ ସ୍ପଷ୍ଟ ହେଉଛି। ପରିମଳକୁ ପ୍ରାଥମିକତା ଦିଆଯାଉଥିବା ନେଇ ନିଗମ କର୍ତ୍ତୃପକ୍ଷ ଦ୍ୱାହି ଦେଉଥିବା ବେଳେ ଏଥିପାଇଁ ଖର୍ଚ୍ଚ ହେଉଥିବା କୋଟି କୋଟି ଟଙ୍କା କେବଳ ପାଣିରେ ବୁଡ଼ିବା ଛଡ଼ା ଅନ୍ୟ କିଛି ନୁହେଁ ବୋଲି ସହରବାସୀ ମତ ପ୍ରକାଶ କରୁଛନ୍ତି। ତୁରନ୍ତ ଏ ଦିଗରେ ନିଗମ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ଚମ୍ପୁଆକୁ ସରକାରୀ ବସ୍ ଚଳାଚଳ ଦାବି

**ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ**

ଉପାନ୍ତ ଚମ୍ପୁଆ ଉପଖଣ୍ଡ ମୁଖ୍ୟାଳୟକୁ ସରକାରୀ ଚଳାଚଳ କରିବାକୁ ଦାବି ହେଉଛି। ବହୁଦିନରୁ ଚାଲୁଥିବା ବସ୍‌ଗୁଡ଼ିକ ମଧ ବନ୍ଦ ହୋଇଯିବା କାରଣରୁ ଚମ୍ପୁଆବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ବ୍ୟବସାୟୀ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ, ଚାକିରୀଜୀବୀ, ସ୍ୱାସ୍ଥ୍ୟଗତ ଅସୁବିଧା ଜନିତ ସମସ୍ୟାର ସୁଧାର ନିମନ୍ତେ ବହୁ ସମୟରେ ଚମ୍ପୁଆ ଲୋକ ଦେହ ଦେଖାଇବା ନିମନ୍ତେ କଟକ, ଭୁବନେଶ୍ୱର ଆଦିକୁ ଯାତାୟାତ କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି ହେଉଛି। ତେଣୁ ଉନ୍ନତ ମାନର ସରକାରୀ ବସ ଚଳାଚଳ ନିମନ୍ତେ ଦାବି ହୋଇ ଆସୁଅଛି। ଏ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଦାବୀ ହେଉଛି। ଏତଦ୍‌ବ୍ୟତୀତ ବଡ଼ବିଲରୁ ରିମୁଳି ଦେଇ ପୁରୀ ଏକ ସରକାରୀ ଭଲଭୋ ବସ ଯାତାୟାତ କରୁଛି। ସେହିଭଳି ଅନ୍ୟ ଏକ ଭଲଭୋ ବସ୍ ଚମ୍ପୁଆରୁ ସିଧାସଳଖ ପୁରୀକୁ ଯାତାୟାତ କରିବାକୁ ଚମ୍ପୁଆବାସୀ ପୂର୍ବରୁ ଦାବି କରି ଆସୁଥିଲେ ମଧ ବର୍ତ୍ତମାନର ଡବଲ ଇଞ୍ଜିନ ସରକାର କର୍ଣ୍ଣପାତ କରୁନଥିବା ଦେଖିବାକୁ ମିଳୁଛି। ଏ ଦିଗରେ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇ ସରକାରୀ ବସ୍ ଚଳାଚଳ ସରକାରୀ ସୁବିଧା ମୁତାବକ ବା ସମୟ ପରିବର୍ତ୍ତନ କରି ଚଳାଚଳ କରିବାକୁ ଦୃଢ ଦାବି ହୋଇଛି। ଖବରନେବାରୁ ଜଣାପଡ଼ିଛି ଯେ ପୂର୍ବରୁ ଚମ୍ପୁଆରୁ କଟକକୁ ଭୋର୍ ୪ଘ.୪୫ମିନିଟ ସମୟରେ ବାହାରି କେନ୍ଦୁଝର ଭାୟା ଘଟଗାଁ, ହରିଚନ୍ଦନ ପୁର, ଚଣ୍ଡିଖୋଲ ଦେଇ ଏକ ବସ୍ ଚଳାଚଳ କରୁଥିଲା। ସେହି ଗାଡ଼ି କଟକରୁ ୧୨ଘ.୫୫ ମିନିଟ୍ ସମୟରେ ବାହାରି ଚମ୍ପୁଆକୁ ପ୍ରାୟ ରାତ୍ରୀ ୮ ଘଟିକା ସମୟରେ ପହଞ୍ଚୁଥିଲା। ସେହିପରି ଅନ୍ୟଏକ ସରକାରୀ ବସ୍ ଭୁବନେଶ୍ୱରରୁ ପ୍ରାୟ ୮ ଘଟିକାରୁ ଆସି ଚମ୍ପୁଆକୁ ଦିନ ୨ ଘଟିକା ସମୟରେ ପହଞ୍ଚୁଥିଲା ଓ ସେହି ଗାଡ଼ି ଚମ୍ପୁଆରୁ ପ୍ରାୟ ଦିନ ୩ ଘଟିକାରେ ଛାଡ଼ି ଭୁବନେଶ୍ୱରକୁ ରାତ୍ରୀ ୧୦ ଘଟିକା ସମୟରେ ପହଞ୍ଚୁଥିଲା। ଲୋକେ ସେଥିରେ ଯାଆସ କରି ନିଜର କାମଦାମ ଆଦି କରୁଥିଲେ ଏବଂ ସବୁ ଠିକଠାକ ଚାଲୁଥିଲା। ମାତ୍ର ଗତ ତିନି ମାସ ହେବ ଗାଡ଼ିଗୁଡ଼ିକ ବନ୍ଦ ହୋଇଯାଇଛି। ଗାଡ଼ିଗୁଡ଼ିକ ବନ୍ଦ ହୋଇଯିବା କାରଣରୁ ଚମ୍ପୁଆ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ କେଉଁ କାରଣ ପାଇଁ ଗାଡ଼ିଗୁଡ଼ିକ ବନ୍ଦ ହେଲା ନା ଘରୋଇ ବସ୍ ମାଲିକ ସଂଘର ଚାପ କ୍ରମେ ଗାଡ଼ିଗୁଡ଼ିକ ବନ୍ଦ ରହିଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ଦୟନୀୟ ଅବସ୍ଥାରେ ରୋଗୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟର ଅନ୍ୟତମ ଡାକ୍ତରଖାନା ଭାବେ ପରିଚିତ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ଦୀର୍ଘ ବର୍ଷ ହେଲା ଡାକ୍ତର ଅଭାବ ଥିବାରୁ ରୋଗୀମାନେ ଦୟନୀୟ ଅବସ୍ଥା ଭୋଗୁଛନ୍ତି। କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ କେନ୍ଦ୍ରାପଡ଼ା ଜିଲ୍ଲା, ଜଗତସିଂହପୁର, ଯାଜପୁର ଏବଂ ଚାନ୍ଦବାଲି ଅଞ୍ଚଳର ଦୈନିକ ଶହ ଶହ ରୋଗୀ ଚିକିତ୍ସା ହେବା ପାଇଁ ଆସୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର କଥା ରୋଗୀମାନଙ୍କ ପାଇଁ ଆଉଟ ଡୋରରେ ବସିବାର ସୁବିଧା ନଥିବା ବେଳେ ମାତ୍ର ୨ ରୁ ୩ ଜଣ ଡାକ୍ତର ରୋଗୀ ଦେଖୁଛନ୍ତି। ଯାହା ଫଳରେ ଆଉଟଡୋରର ସମୟ ଦିନ ୧୨ଟା ପରେ ଶେଷ ହୋଇ ଯାଉଥିବାରୁ ରୋଗୀମାନେ ଡାକ୍ତରଙ୍କୁ ନ ଦେଖାଇ ଚିକିତ୍ସା ନହୋଇ ନିରାଶ ହୋଇ ଫେରୁଛନ୍ତି। ଏହି ଚିକିତ୍ସାଳୟକୁ ରୋଗୀମାନେ ଆସୁଥିଲେ ମଧ ଗୁରୁତର ରୋଗୀମାନେ ଉପର ମହଲାକୁ ଯିବା ଆସିବାରେ କଷ୍ଟ ଅନୁଭବ କରୁଛନ୍ତି। ସେଠାରେ ରୋଗୀଙ୍କ ବସିବାର କୌଣସି ସୁବିଧା ନଥିବାରୁ ରୋଗୀ ତଳ ବାରଣ୍ଡାରେ ବସିବା ସହିତ ଘଣ୍ଟା ଘଣ୍ଟା ଧରି ଶୋଇ ରହୁଛନ୍ତି। ତୁରନ୍ତ ଚିକିତ୍ସାଳୟରେ ଅଭାବ ଥିବା ଡାକ୍ତରଙ୍କ ସଂଖ୍ୟା ପୂରଣ କରିବା ସହିତ ରୋଗୀମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ଦଣ୍ଡ ଯାତ୍ରାରେ ମେଲୋଡ଼ି, ଅଶ୍ଳୀଳ ନୃତ୍ୟ ନେଇ ଅସନ୍ତୋଷ

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲାରେ ବର୍ତ୍ତମାନ ବହୁ ଦଣ୍ଡ ଯାତ୍ରା ଦଳ ମୁଖ୍ୟ ସ୍ରୋତ ତଥା ନିୟମରୁ ଦୂରେଇ ଯାଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ରାତିରେ ଜଜମାନଙ୍କ ଘର ସମ୍ମୁଖରେ ମା' କାଳୀଙ୍କ ପ୍ରଭା ପ୍ରଦର୍ଶନ ପରେ ୧୩ଟି ସୁଆଙ୍ଗ ହେବା କଥା। କିନ୍ତୁ ଦଣ୍ଡ ଯାତ୍ରାଦଳ କାଳୀ ପ୍ରଭା ଓ ଚଢେୟା ସୁଆଙ୍ଗ ପ୍ରଦର୍ଶନ ପରେ ଅନ୍ୟ ସୁଆଙ୍ଗ ବାଦ୍ ଦେଇ ଯୁବବର୍ଗଙ୍କୁ ଆକୃଷ୍ଟ କରିବା ପାଇଁ ମେଲୋଡ଼ି, ଅଶ୍ଳୀଳ ନୃତ୍ୟ ସହ ସାମାଜିକ ନାଟକ ପ୍ରଦର୍ଶନ କରୁଛନ୍ତି। ଫଳରେ ଅନ୍ୟ ବର୍ଗର ଜନସାଧାରଣଙ୍କ ମନରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲାପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଦଣ୍ଡ ଯାତ୍ରାରେ ବିଧି ମୁତାବକ ୧୩ଟି ସୁଆଙ୍ଗ ପ୍ରଦର୍ଶନ ପାଇଁ ନିର୍ଦ୍ଦେଶ ଦେବାକୁ ସାଧାରଣରେ ଦାବି ହେଉଛି।

# ଶହୀଦ ମାଟିରେ ବଢୁଛି ଡ୍ରପଆଉଟ୍ ସଂଖ୍ୟା : ହାଇସ୍କୁଲ ଖୋଲିବା ପାଇଁ ଦାବି

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଶିକ୍ଷା ଅଧିକାର ଆଇନ ଅନୁଯାୟୀ ପ୍ରତ୍ୟେକ ପଞ୍ଚାୟତରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଠପଢ଼ା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଖଲିବା ପାଇଁ ବ୍ୟବସ୍ଥା ରହିଛି। କିନ୍ତୁ କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ ଲକ୍ଷ୍ମଣ ନାୟକଙ୍କ ଜନ୍ମ ମାଟି ତେନ୍ତୁଲିଗିମ୍ମା ପଞ୍ଚାୟତରେ ଶିକ୍ଷା ବିଭାଗ ପକ୍ଷରୁ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇ ନାହିଁ। ଫଳରେ ଏହି ସଂଗ୍ରାମ ମାଟିର ତଥା ପଞ୍ଚାୟତର ଛାତ୍ରଛାତ୍ରୀମାନେ ଅଷ୍ଟମ ଶ୍ରେଣୀ ପାସ୍ କରିବା ପରେ ପଡ଼ୋଶୀ ଜିଲ୍ଲା ଉପରେ ନିର୍ଭର କରିବାକୁ ପଡୁଛି। ଏଥିଲାଗି ବହୁ ସମସ୍ୟା ସମ୍ମୁଖୀନ ହେଉଛନ୍ତି ପିଲାମାନେ। ଏଣୁ ବାଧ ହୋଇ ଅଷ୍ଟମ ପରେ ଅଧିକାଂଶ ପିଲା ପାଠ ଛାଡୁଛନ୍ତି। ଶିକ୍ଷାର ଉନ୍ନତି ପାଇଁ ତେନ୍ତୁଲିଗୁମ୍ମା ସଦର ମହକୁମା ଠାରେ ଶହୀଦ ଲକ୍ଷ୍ମଣ ନାୟକ ଆଶ୍ରମ ବିଦ୍ୟାଳୟ ରହିଛି। ଏହି ଅନୁଷ୍ଠାନରେ ୨୩୦ରୁ ଉର୍ଦ୍ଧ୍ୱ ପିଲା ପଢୁଛନ୍ତି କିନ୍ତୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢିବା ସୁବିଧା ରହିଛି। ଉଚ୍ଚ ଶିକ୍ଷା ସୁବିଧା ନାହିଁ। ଚଳିତ ବର୍ଷ ଅଷ୍ଟମ ଶ୍ରେଣୀ ପାସ ପରେ ୬୦ ଜଣ ଛାତ୍ର ଛାତ୍ରୀଙ୍କୁ ବିଦ୍ୟାଳୟ ସ୍ଥାନ ନାହିଁ। ଏଣୁ ସେମାନେ ପଡ଼ୋଶୀ ଜିଲ୍ଲା ମାଲକାନଗିରି ଉପରେ ନିର୍ଭର କରିବାକୁ ପଡ଼ିବ। ନଚେତ ପାଠ ଛାଡ଼ିବାକୁ ପଡ଼ିବ। ସୂଚନା ଥାଉକି, ବୈପାରୀଗୁଡ଼ା ସ୍ଥିତ ତେନ୍ତୁଲିଗୁମ୍ମା ଠାରେ ଗତ ମାର୍ଚ୍ଚ ୨୯ ତାରିଖରେ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ତିରୋଧାନ ଦିବସ ପାଳନ ହୋଇଛି। ଏହି ଅବସରରେ ଲକ୍ଷ୍ମଣ ନାୟକ ଆଶ୍ରମ ବିଦ୍ୟାଳୟ ଛାତ୍ର ଛାତ୍ରୀ ବୈପାରୀଗୁଡ଼ା ବିଡ଼ିଓ ସୁବ୍ରତ ସାହୁ ଏବଂ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତାଙ୍କୁ ହାଇସ୍କୁଲ ଆବଶ୍ୟକକୁ ନେଇ ଦାବି କରିଥିଲେ। ଏହି ଦିନ ମଞ୍ଚରେ ମଧ ତେନ୍ତୁଲିଗୁମ୍ମା ଯୁବକ ସଙ୍ଘ କର୍ମକର୍ତ୍ତାମାନେ ଅତିଥିଙ୍କ ଉପସ୍ଥିତିରେ ପ୍ରଶାସନର ପ୍ରତିଶ୍ରୁତିକୁ ନେଇ ପ୍ରଶ୍ନ ଉଠାଇ ଥିଲେ। ଏଥିପୂର୍ବରୁ ଗତ ନଭେମ୍ବର ୨୨ ତାରିଖ ଦିନ ଶହୀଦଙ୍କ ଜନ୍ମତିଥି ପାଳନ ଅବସରରେ ଓଡ଼ିଶା ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, କୋଟପାଡ଼ ବିଧାୟକ ରୁପୁ ଭତ୍ରା ଏବଂ କୋରାପୁଟ ଜିଲ୍ଲାପାଳ ମଧ ଉପସ୍ଥିତ ଥିଲେ। ଏହି ଅବସରରେ ତେନ୍ତୁଲିଗୁମ୍ମା ପଞ୍ଚାୟତ ଆଶ୍ରମ ବିଦ୍ୟାଳୟରେ ହାଇସ୍କୁଲ ଖଲିବା ପାଇଁ ମଞ୍ଚରେ ଘୋଷଣା କରିଥିଲେ। କିନ୍ତୁ ଏବେ ଶିକ୍ଷା ବର୍ଷ ଆରମ୍ଭ ହୋଇଛି କିନ୍ତୁ ହାଇସ୍କୁଲ ଆରମ୍ଭ ହୋଇପାରିଲା ନାହିଁ। ବର୍ତ୍ତମାନ ଏହି ପଞ୍ଚାୟତରେ ଭେଜିନିଗୁଡ଼ା, ମାଙ୍କଡ଼ପାଣି, ଅଁଳାଗୁଡ଼ା ଆଦି ୩ଟି ପ୍ରାଥମିକ ବିଦ୍ୟାଳୟ ରହିଥିବା ବେଳେ କିନ୍ତୁ ହାଇସ୍କୁଲ ବ୍ୟବସ୍ଥା ନାହିଁ। ଯଦିଓ ଅଭିଭାବକମାନେ ନିରକ୍ଷର କିନ୍ତୁ ସେମାନେ ସଚେତନ। ସେମାମଙ୍କ ପିଲାଙ୍କୁ ପାଠ ପଢାଇବା ପାଇଁ ଚେଷ୍ଟା କରୁଛନ୍ତି। କିନ୍ତୁ ପଞ୍ଚାୟତରେ ନବମ ଶ୍ରେଣୀ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ିବା ପାଇଁ କୌଣସି ବିଦ୍ୟାଳୟ ନଥିବା ଯୋଗୁଁ ପଡ଼ୋଶୀ ଜିଲ୍ଲା ମାଲକାନଗିରି ଉପରେ ନିର୍ଭର କରୁଛନ୍ତି। ନଚେତ ପିଲାମାନେ ଅଧାରୁ ପାଠ ଛାଡୁଛନ୍ତି। ନଦୀ ଅଟୋପଟେ ଥିବା ୬ ଖଣ୍ଡ ଗାଁ ଲୋକଙ୍କ କଷ୍ଟ ଦୁଇଗୁଣିତ କରିଦେଉଛି। ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମଣ ନାୟକଙ୍କୁ ନେଇ ଦେଶ ଗର୍ବ କରୁଥିବା ବେଳେ ସଂଗ୍ରମ ମାଟିର ସନ୍ତାନ ଶିକ୍ଷାରୁ ବଞ୍ଚିତ ରହି ଡ୍ରପ୍‌ଆଉଟ୍ ସଂଖ୍ୟା ବଢୁଛି। ଏନେଇ ସ୍ଥାନୀୟ ବିଇଓ ସୁକାନ୍ତି କର୍ମୀଙ୍କୁ ପଚାରିବାରୁ ସେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ ଆସିଲେ ଖୋଲାଯିବ କହିଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଖୋଲିବା ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି।

# ବଣୁଆ ଦନ୍ତା ହାତୀଙ୍କ ଉପଦ୍ରବରେ ଲୋକେ ଅତିଷ୍ଠ



**ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ**

ଚମ୍ପୁଆ ବନାଞ୍ଚଳରେ ସର୍ବମୋଟ ୩୬ଟି ବଣୁଆ ହାତୀ ରହିଥିବା ବେଳେ ଗୋଠଛଡ଼ା ହୋଇ ଦୁଇଟି ବଣୁଆ ଦନ୍ତାହାତୀ ଅଲଗା ଅଲଗା ସ୍ଥାନରେ ରହି ଉପଦ୍ରବ କରୁଥିବା ଜଣାପଡ଼ିଛି। ଚମ୍ପୁଆ ସେକ୍ସନରେ ଗୋଟିଏ ଗୋଠ ଛଡ଼ା ଦନ୍ତା, ଉଖୁଣ୍ଡା ସେକ୍ସନରେ ଗୋଟିଏ ଗୋଠ ଛଡ଼ା ଦନ୍ତା, ଯୋଡ଼ା ସେକ୍ସନରେ ୧୯ଟି ବଣୁଆ ହାତୀ, ବାଲିବନ୍ଧ ସେକ୍ସନରେ ୧୩ଟି ବଣୁଆ ହାତୀ, ବାମେବାରି ସେକ୍ସନରେ ୨ଟି ବଣୁଆ ହାତୀ ସର୍ବମୋଟ ୩୬ଟି ବଣୁଆ ହାତୀ ରହିଥିବା ଚମ୍ପୁଆ ବନାଞ୍ଚଳ ଅଧିକାରୀ ଏସିଏଫ୍ ଅକ୍ଷୟ ଛତ୍ରିଆ ସୂଚନା ଦେଇଛନ୍ତି। ହାତୀପଲ ମଧ ରାତ୍ରରେ ଘର ନିକଟକୁ ଯାଇ ଘର ଭାଙ୍ଗି ଧାନ ଚାଉଳ ଖାଇବା ସହିତ ବାଡ଼ି ବଗିଚାରେ ପଶି ପନିପରିବା ନଷ୍ଟ କରୁଛନ୍ତି। ଚମ୍ପୁଆ ବନାଞ୍ଚଳର ଚମ୍ପୁଆ ସେକ୍ସନ କାଳିକା ପ୍ରସାଦ ସଂରକ୍ଷିତ ଜଙ୍ଗଲରେ ଗୋଟିଏ ଗୋଠଛଡ଼ା ଦନ୍ତା ରହି ନିକଟସ୍ଥ କୃଷ୍ଣପୁର ଗ୍ରାମରେ ପଶି ଜଣକ ଘର ଭାଙ୍ଗି ଧାନ ଚାଉଳ ଖାଇଥିବାବେଳେ ସେହିପରି ଉଖୁଣ୍ଡା ସେକ୍ସନର ଉଖୁଣ୍ଡା ବିଟ୍ ଅନ୍ତର୍ଗତ କଟୁପଶି ଗ୍ରାମର ହଗୁରୁ ମହାନ୍ତ, ଗମା ମହାନ୍ତଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇଥିବା ଜଣାପଡ଼ିଛି। ଏତଦ୍‌ବ୍ୟତୀତ ଜ୍ୟୋତିପୁର ବିଟର ପାରୁଡ଼ିପଶୀ ଗ୍ରାମର ବିରଞ୍ଚି ବେହେରାଙ୍କ ଘର ମଧ ଭାଙ୍ଗି ଧାନ ଚାଉଳ ଖାଇଥିବା ସୂଚନା ମିଳିଛି। ହାତୀ ଦୁଇଟିର ଗତିବିଧି ଉପରେ ବନ ବିଭାଗ ନଜର ରଖିବା ସହିତ ନିକଟସ୍ଥ ଗ୍ରାମାଞ୍ଚଳ ଗୁଡ଼ିକରେ ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସତର୍କ ରହିବା ନିମନ୍ତେ ବନବିଭାଗ କର୍ମଚାରୀ ସୂଚନା ଦେଉଥିବା ଦେଖିବାକୁ ମିଳିଛି।

# ମିଳୁନାହିଁ ରନ୍ଧନ ଗ୍ୟାସ ସିଲିଣ୍ଡର : ହାତବାନ୍ଧି ବସିଛନ୍ତି ଜଳଖିଆ ଦୋକାନୀ, ସମସ୍ୟା ଭୋଗୁଛନ୍ତି ଗ୍ରାହକ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ମଧ୍ୟପ୍ରାଚ୍ୟରେ ଯୁଦ୍ଧର ପ୍ରଭାବ ଏବେ ସବୁଠି ଦେଖିବାକୁ ମିଳିଛି। ସବୁ କ୍ଷେତ୍ରରେ ଦେଖିବାକୁ ମିଳିଛି। ଦିଲ୍ଲୀଠାରୁ ଆରମ୍ଭ କରି ପଲ୍ଲୀ ପର୍ଯ୍ୟନ୍ତ ସବୁଠି ଯୁଦ୍ଧର ପ୍ରଭାବ। କେଉଁଠି ଖାଦ୍ୟ ସାମଗ୍ରୀ ହେଉ ତ କେଉଁଠି ଗ୍ୟାସ୍, ସବୁଠାରେ ଯୁଦ୍ଧର ପ୍ରଭାବ ଲକ୍ଷ୍ୟ କରାଯାଇଛି। ମୁଖ୍ୟତଃ ଏହି ପ୍ରଭାବ ରନ୍ଧନ ଗ୍ୟାସ ଉପରେ ପଡ଼ିଛି। ବିଶେଷକରି ରନ୍ଧନ ଗ୍ୟାସ୍ ସିଲିଣ୍ଡର୍ ସଙ୍କଟ ଏବେ ସାଧାରଣ ଲୋକଙ୍କୁ ପ୍ରଭାବିତ କରିଛି। କୋରାପୁଟ ଜିଲ୍ଲା ଜୟପୁର ସହର କିମ୍ବା ଗ୍ରାମାଞ୍ଚଳରେ ଗ୍ୟାସ୍ ସିଲିଣ୍ଡର୍ ମିଳୁ ନଥିବାରୁ ଅନେକ ଜଳଖିଆ ଦୋକାନୀ ହାତବାନ୍ଧି ବସିଛନ୍ତି। ବିଭିନ୍ନ ସ୍ଥାନରୁ ଏହି ସହରକୁ ଆସୁଥିବା ଲୋକମାନେ ବିଶେଷ ହଇରାଣ ହେଉଛନ୍ତି। ରନ୍ଧନ ଗ୍ୟାସ୍ ସଙ୍କଟ କାରଣରୁ ରାଜ୍ୟର ଅଧିକାଂଶ ସହରରେ ଥିବା ଜଳଖିଆ ଦୋକାନ ବନ୍ଦ ରହିଛି। ରନ୍ଧନ ଗ୍ୟାସ୍ ଅଭାବ ପାଇଁ ଏବେ ଅନେକ ଜଳଖିଆ ଦୋକାନରେ ବେପାର ଠପ୍ ହୋଇ ଯାଇଛି। ଏବେ ଜଳଖିଆ ଦୋକାନ ବନ୍ଦ ରହୁଥିବାରୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମାତ୍ର ଯେଉଁ କେତୋଟି ଜଳଖିଆ ଦୋକାନ ଖୋଲା ରହୁଛି ସେଠାରେ ପ୍ରବଳ ଗହଳି ହେଉଛି। ଗ୍ୟାସ୍ ସିଲିଣ୍ଡର୍ ଅଭାବ ପାଇଁ କେବଳ ସହର ଭିତରର ଜଳଖିଆ ଦୋକାନ ବନ୍ଦ ରହୁଛି ତାହା ନୁହେଁ ବରଂ କିଛି ହୋଟେଲ ଓ ଜଳଖିଆ ଦୋକାନ ବନ୍ଦ ରହିଛି।

ଅନ୍ୟପଟରେ କୋରାପୁଟ ଜିଲାକୁ ଆସୁଥିବା ପର୍ଯ୍ୟଟକ ମାନେ ମଧ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତିକି ହୋଟେଲ ଓ ଜଳଖିଆ ଦୋକନରେ ଥିବା ମେନୁକୁ ମଧ ପରିବର୍ତ୍ତନ କରିସାରିଲେଣି ଅନେକ ମାଲିକ। ସରକାର ବାରମ୍ବାର ଗ୍ୟାସ୍‌ର ଅଭାବ ନଥିବା କହୁଛନ୍ତି, ମାତ୍ର ଅନେକ ଜଳଖିଆ ଦୋକାନୀ ଓ ହୋଟେଲ ମାନଙ୍କରେ ଗ୍ୟାସ ସରିଯିବାରୁ ବ୍ଲାକରେ ୩୦୦୦ରୁ ୪୦୦୦ ଟଙ୍କା ପର୍ଯ୍ୟନ୍ତ ଦେଇ କିଣିବାକୁ ବାଧ ହେଉଛନ୍ତି। ପ୍ରତ୍ୟେକ ଦିନ ବହୁ ମାତ୍ରାରେ ଗ୍ୟାସ ସିଲିଣ୍ଡର ରାଜ୍ୟର ବିଭିନ୍ନ ସ୍ଥାନର କଳାବଜାରୀଙ୍କ ଠାରୁ ଜବତ କରାଯାଉଛି ମାତ୍ର ଗ୍ୟାସର ଅଭାବ ସେହିଭଳି ଲାଗିରହିଛି। ଅନେକ ଉଠାଦୋକାନୀ ବାଧ ହୋଇ ବ୍ୟବସାୟ ବନ୍ଦ କରି ନିଜ ଗାଁକୁ ମଧ ପଳାଇଯାଉଥିବା ଦେଖିବାକୁ ମିଳୁଛି। ଅନେକ ସ୍ଥାନରେ ଥିବା ଜଳଖିଆ ଦୋକାନୀ ନିଜର ଖାଦ୍ୟ ମୂଲ୍ୟ ମଧ ବଢ଼ାଇ ଦେଇଛନ୍ତି। ଗ୍ୟାସ୍ ସିଲିଣ୍ଡର୍ ସଙ୍କଟ ପାଇଁ ସହର ବାସିନ୍ଦା ଏବେ ଘରେ ଜଳଖିଆ ତିଆରି କରି ଖାଉଛନ୍ତି। ଗ୍ୟାସ୍ ନେବାକୁ ଗ୍ୟାସ ଏଜେନ୍ସୀ ଆଗରେ ପ୍ରବଳ ଭିଡ଼ ଲାଗିରହୁଥିବା ଦେଖିବାକୁ ମିଳୁଛି। ଆଗାମୀ ଦିନରେ ଯଦି ଏହି ସଙ୍କଟ ନଟଳେ ତେବେ ଲୋକମାନେ ଆହୁରି ଅସୁବିଧାର ସମ୍ମୁଖୀନ ହେବା ଜଳଜଳ ଦେଖାଯାଉଛି। କେଉଁଦିନ ଏହି ଗ୍ୟାସ୍ ସିଲିଣ୍ଡର୍ ସଙ୍କଟ ଦୂର ହେଉଛି ତାକୁ ଅପେକ୍ଷା କରିଛନ୍ତି ଜିଲ୍ଲାବାସୀ।

## ବଦଳିବ ବଲାଙ୍ଗୀରସହରର ବନ୍ଧକଟାର ଚିତ୍ର

# ରାଣୀବନ୍ଧ ପୁନଃରୁଦ୍ଧାର କାମର ଶୁଭାରମ୍ଭ କଲେ ବିଧାୟକ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ସହରରେ ପ୍ରାୟ ୧୭ଟି ବନ୍ଧ ରହିଛି। କିନ୍ତୁ କୌଣସି ବନ୍ଧର ପାଣି ଉପଯୋଗୀ ହୋଇରହି ନାହିଁ। ସେଥିପାଇଁ ଜନଅସନ୍ତୋଷ ଦେଖା ଦେଇଥିଲା। ଏବେ ପୌର ପାଳିକା ୭ଟି ବନ୍ଧର ପୁନଃରୁଦ୍ଧାର କାମ କରାଇବାକୁ ଯୋଜନା କରିଛି। ଚଳିତବର୍ଷ ପ୍ରାୟ ୨୩ କୋଟି ଟଙ୍କା ଖର୍ଚ୍ଚରେ ଏହି ବନ୍ଧଗୁଡ଼ିକର ପଙ୍କୋଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାମ କରାଯିବ। ୧୩ ନମ୍ବର ୱାର୍ଡରେ ଥିବା ରାଣି ବନ୍ଧର ପୁନଃରୁଦ୍ଧାରକାମର ଶୁଭାରମ୍ଭ କରାଯାଇଛି। ବଲାଙ୍ଗୀର ବିଧାୟକ କଳିକେଶନାରାୟଣ ସିଂଦେଓ ଏହାର ଶୁଭାରମ୍ଭ କରିଛନ୍ତି। ପୂର୍ବରୁ କରାଯାଇଥିବା ଦାବି ମୁତାବକ ରାଣି ବନ୍ଧର ପୁନଃରୁଦ୍ଧାର କାମ କରାଯାଉଛି। ସ୍ଥାନୀୟ କାଉନସିଲର ଇସମତଆରା ଖାନଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ବିଧାୟକ କଳିକେଶ ସିଂଦେଓଙ୍କୁ ସ୍ୱାଗତ କରାଯାଇ ଶୋଭାଯାତ୍ରାରେ ଟିକ୍ରାପଡ଼ାଛକରୁ ଦୈନିକବଜାର ଦେଇ ସିନେମାହଲ ରୋଡ ପଟୁ ରାଣିବନ୍ଧକୁ ନିଆଯାଇ ଥିଲା। ସେଠାରେ ବିଧାୟକ କଳିକେଶ ନାରାୟଣ ସିଂଦେଓ, ପୌରାଧ୍ୟକ୍ଷା ଲିକା ସାହୁ, ଉପାଧ୍ୟକ୍ଷା ଗାୟିତ୍ରୀ ଭୋଇ, ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ବେହେରା, କାଉନସିଲର ଇସମତ ଆରା ଖାନ ପୂଜାର୍ଚ୍ଚନା ସହିତ ନଡିଆ ବାଡେଇ ଉନ୍ନୟନକାମର ଶୁଭାରମ୍ଭ କରିଥିଲେ। ବନ୍ଧର ପାଣି ଶୁଖାଇବାକୁ ଖୋଲା ଯାଇଛି। ପାଣି ନିଷ୍କାସନ କରି ଶୁଖିଲେ ପଙ୍କୋଦ୍ଧାର କାମ ଆରମ୍ଭ ହେବ ବୋଲି ପୌରାଧ୍ୟକ୍ଷା ଲିକା ସାହୁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ବରିଷ୍ଠ ବିଜେଡି ନେତା ଭଗବାନ ବଗର୍ତ୍ତି, ପ୍ରଦୀପ ସାହୁ, ପ୍ରକାଶ ନେପାକ, ମୁନା ସାହୁ, ପ୍ରବୀଣ ଦର୍ଜି, ମୁନା ଖାନ, ବିଧୂଭୁଷଣ ତ୍ରୀପାଠୀ, ମୁନୁ ପୋଢ, ଚନ୍ଦ୍ରମଣୀ ତ୍ରୀପାଠୀ, ସନ୍ତୋଷ ଦନ୍ତା, କାଉନସିଲର ତଥା ବିଜେଡି ନଗର ସଭାପତି ଶମ୍ଭୁ ନାଗ, ୧୬ନମ୍ବର କାଉନସିଲର ସନ୍ତୋଷିନୀ କୁଅଁର, ୮ନମ୍ବର କାଉନସିଲର ନନ୍ଦିନୀ ପୋଢ, କାଉନସିଲର ସରିତା ଦାସ, ଶତ୍ରୁଘ୍ନ ନାଗ, ଲଲାଟେନ୍ଦୁ ପଟ୍ଟନାୟକ, ଗଙ୍ଗାଧର ଚାନ୍ଦ, ଲେଙ୍କା ସାହୁଙ୍କ ସମେତ ବହୁ ସଂଖ୍ୟାରେ ସ୍ଥାନୀୟ ଲୋକ ଓ ବିଜେଡି ନେତାଗଣ ଉପସ୍ଥିତ ଥିଲେ। ସେହିପରି ପୌରଯନ୍ତ୍ରୀ ଇଂ.କୃଷ୍ଣପ୍ରସାଦ ବେହେରା, କନିଷ୍ଠଯନ୍ତ୍ରୀ ଇଂ.ରୋଜାଲିସା ରାଉତ ଠିକାକାମ ପାଇଥିବା ଦୀପକ ନାଗ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ପୂର୍ବରୁ କନ୍ଧପାଲିବନ୍ଧ, ତାଳପାଲିବନ୍ଧ, ଗେଟସରୋବର ଇତ୍ୟାଦି ବନ୍ଧର ପୁନଃରୁଦ୍ଧାର ପାଇଁ ଜଳ ନିଷ୍କାସନ କାମ ଆରମ୍ଭ କରାଯାଇ ସାରିଛି। ଠିକ ସେହିପରି ଅଧାହୋଇ ପଡିଥିବା ମହାରାଣୀସାଗର କାମ ମଧ ଆରମ୍ଭ କରାଯାଇ ସାରିଛି।

# ଭାରସିଂ ଉଚ୍ଚ ବିଦ୍ୟାଳୟରେ ବ୍ୟାପକ ଅବ୍ୟବସ୍ଥା ନେଇ ଦାବିପତ୍ର ପ୍ରଦାନ କଲେ ଅଭିଭାବକ

**ଗୁଣୁପୁର, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ାର ଭାରସିଂ ଗ୍ରାମରେ ଅବସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧୀନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ୟାପକ ଅନିୟମିତତା ଅଭିଯୋଗ। ଉତ୍କଳ ଦିବସରେ ୫୬୦ ଅନ୍ତେବାସୀଙ୍କୁ ମଧ୍ୟାହ୍ନ ଭୋଜନ ନଦେବା ସହିତ ୨୦୨୫-୨୬ ଶିକ୍ଷାବର୍ଷରେ ୫୧ ଜଣ ଛାତ୍ରଛାତ୍ରୀଙ୍କୁ ଟିସି ପ୍ରଦାନ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣା ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ମଙ୍ଗଳ ବିଭାଗ ପକ୍ଷରୁ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାକୁ ନେଇ ପୁଟାସିଂ ଲାଞ୍ଜିଆ ସୌରା ଜନଜାତୀ ଅଞ୍ଚଳର ଅଭିଭାବକ ଓ ଲୋକପ୍ରତିନିଧିମାନେ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲିପଙ୍କୁ ୧୧ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ପ୍ରଧାନ ଶିକ୍ଷକଙ୍କ ମନମାନି କାର୍ଯ୍ୟକଳାପ, ଛାତ୍ରଛାତ୍ରୀଙ୍କୁ ବଳପୂର୍ବକ ଟିସି ଦେବା, ଉତ୍କଳ ଦିବସରେ ଭୋଜନ ବଞ୍ଚିତ କରିବା, ଛାତ୍ରଛାତ୍ରୀଙ୍କୁ ମାଡ଼ ମାରିବା, ଦୁଇ ବର୍ଷ ଧରି ଖରାପ ଫଳାଫଳ, ନିମ୍ନମାନର ପୋଷାକ ବଣ୍ଟନ, ଖାଦ୍ୟର ଗୁଣବତ୍ତା ଓ ପରିମାଣରେ ଅନିୟମିତତା ଏବଂ ବିଦ୍ୟାଳୟ ପରିସରରେ ବ୍ୟବସାୟିକ କାର୍ଯ୍ୟ ଚାଲିଥିବା ଭଳି ଗୁରୁତର ଅଭିଯୋଗ ଉଠାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପୁଟାସିଂ ସରପଞ୍ଚ ଏସିଓ ଶବର, ରେଗେଡା ସରପଞ୍ଚ ଯୁଗଳ ଶବର, ବରିଷ୍ଠ ନାଗରିକ ଦାମୋଦର ଶବର, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ଇସମାଇଲ ଶବର, ପୂର୍ବତନ ସରପଞ୍ଚ ଜେମ୍ସ ଶବର, ଜିତେନ୍ଦ୍ର ଶବର ସହ ଅନ୍ୟାନ୍ୟ ଅଭିଭାବକ ଓ ଲୋକପ୍ରତିନିଧି ଉପସ୍ଥିତ ଥିଲେ। ଏନେଇ ଉପଜିଲ୍ଲାପାଳ କହିଛନ୍ତି ଯେ, ତଦନ୍ତ ପ୍ରକ୍ରିୟା ଚାଲିଛି ଏବଂ ଶୀଘ୍ର ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ଅନ୍ୟପଟେ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଶିମା ରାଓଙ୍କ ନିର୍ଦ୍ଦେଶରେ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା ବିଦ୍ୟାଳୟକୁ ଯାଇ ତଦନ୍ତ କରି ରିପୋର୍ଟ ଦେଇଛନ୍ତି। ଏହାସହ ୨୦୨୫-୨୬ ଶିକ୍ଷାବର୍ଷରେ ୫୧ ଜଣ ଛାତ୍ରଛାତ୍ରୀଙ୍କୁ ଟିସି ଦିଆଯାଇଥିବା ସହ ଏପ୍ରିଲ ୩୧ରେ ଆଉ ୩ ଜଣଙ୍କୁ ଟିସି ପ୍ରଦାନ ହୋଇଥିବା ତଥ୍ୟ ମଧ ସାମ୍ନାକୁ ଆସିଛି। ଚିନାସାରି ପଞ୍ଚାୟତର ଆରଙ୍ଗୁଲ ଗ୍ରାମର ତୃତୀୟ ଶ୍ରେଣୀ ଛାତ୍ର ପ୍ରତ୍ୟୁଷ ଶବରଙ୍କୁ ବଳପୂର୍ବକ ଟିସି ଦିଆଯାଇଥିବା ଅଭିଯୋଗ ତାଙ୍କ ପିତା ପ୍ରବିଣ ଶବର କରିଛନ୍ତି। ସେ କହିଛନ୍ତି ଯେ, ଧଳା କାଗଜରେ ସହି ନେଇ ପରେ ଟିସି ପ୍ରଦାନ କରାଯାଇଥିଲା। ଏହି ସମଗ୍ର ଘଟଣା ଅଞ୍ଚଳରେ ଚିନ୍ତା ଓ ଅସନ୍ତୋଷର ପରିବେଶ ସୃଷ୍ଟି କରିଛି।

# ଜଳ ସଂକଟ : ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି ବୋରୱେଲ ପାଖରେ

**ଉମରକୋଟ, ନ୍ୟୁଜ୍‌ବ୍ୟୁରୋ**



ମୁନ୍ଦାଏ ପାଣି ପାଇଁ ଘଣ୍ଟା ଘଣ୍ଟା ଗରା ବାଲ୍‌ଟି ଧରି ଅପେକ୍ଷା କରିବାକୁ ପଡୁଛି ବୋରୱେଲ ପାଖରେ। ପିଇବା, ରୋଷେଇ କରିବା ସହ ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ଜଳର ସଙ୍କଟ, ଗ୍ରାମରେ ସରକାର ପକ୍ଷରୁ ଘର ଘରକୁ ପାଇପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ଥାଇ ମଧ କାମରେ ଲାଗୁନାହିଁ ଦୀର୍ଘ ଦିନ ହେଲା। ୭୫୦ ଉର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଥିବା ବାମନଦେଇଭଟା ଗ୍ରାମରେ ପାଞ୍ଚଟି ନଳକୂପ, ଜଳ ଜୀବନ ମିଶନ ପାନୀୟ ଜଳ ପ୍ରକଳ୍ପରେ ଘର ଘରକୁ ପାଣି ଟ୍ୟାପ୍, ୱାଟର ହେଡ଼ ଟାଙ୍କି ରହିଛି କିନ୍ତୁ କେଉଁଠୁ ମଧ ପାଣି ଟୋପାଏ ବାହାରୁ ନାହିଁ। ଏଣୁ ବାଧ ହୋଇ ପୋଖରୀ ପାଣି ଉପରେ ଭରସା, ଗ୍ରାମରେ ଜଳ ସଙ୍କଟ ନେଇ ପ୍ରଶାସନ ଓ ସରକାରଙ୍କୁ ଯେତେ ଅଭିଯୋଗ କଲେ କେବଳ ମିଳୁଛି ଫମ୍ପା ଆଶ୍ୱାସନା ଓ ପ୍ରତିଶ୍ରୁତି। ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦୁଇ ଥର ଅଭିଯୋଗ ପରେ ବି ସମାଧାନ ହୋଇପାରୁନାହିଁ ଜଳ ସଙ୍କଟର ସମସ୍ୟା। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଭଣ୍ଡାରୀଗୁଡ଼ା ପଞ୍ଚାୟତର ବାମନଦେଇଭଟା ଗାଁରେ ଲାଗିରହିଛି ଜଳ ସଙ୍କଟ। ଗାଁରେ ପ୍ରାୟ ୨୨୦ ପରିବାରରେ ୭୫୦ରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବାସବାସ କରୁଛନ୍ତି। ଉକ୍ତ ଗାଁରେ ଦୁଇଟି ୱାର୍ଡରେ ଚାରିଟି ସାହି ରହିଛି। ଗାଁରେ ୫ଟା ନଳକୂଅ ଥିବା ବେଳେ ୨ଟି ନଳକୂଅ ଖରାପ ହୋଇଯାଇଛି। ବାକି ୩ଟି ନଳକୂଅରୁ ଅଳ୍ପ ଅଳ୍ପ ପାଣି ବାହାରୁ ଥିବା ବେଳେ ହାଣ୍ଡିଏ ପାଣି ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି, ବାମନଦେଇଭଟା ଗ୍ରାମରେ ପୋଖରୀ ଅଛି ଯାହା ଫଳରେ ନିତ୍ୟବ୍ୟବହାର୍ଯ୍ୟ ସକାଶେ ଯେଉଁ ପାଣି ଆବଶ୍ୟକ ପଡ଼େ ତାହା ମେଣ୍ଟାଉଛି। ଜଳ ଜୀବନ ମିଶନ ମାଧ୍ୟମରେ ଗ୍ରାମରେ ପାଣି ଟାଙ୍କି ସହ ପ୍ରତ୍ୟେକ ଘରକୁ ପାଇପ ସଂଯୋଗ କରାଯାଇଛି କିନ୍ତୁ ଟ୍ରାନ୍ସଫରମର ଖରାପ ଯିବା ଯୋଗୁଁ ଟାଙ୍କିକୁ ପାଣି ଉଠୁନାହିଁ କିମ୍ବା ଜଳ ଯୋଗାଣ ହୋଇପାରୁ ନାହିଁ। ଦୀର୍ଘ ଦିନ ବ୍ୟବହାର ହୋଇ ନଥିବା ଯୋଗୁଁ ପାଇପ୍ ଗୁଡିକ ମଧ୍ୟ ଖରାପ ହେବାକୁ ବସିଲାଣି। ତିନି ବର୍ଷ ତଳେ ଜଳ ଜୀବନ ମିଶନରୁ କିଛି ଦିନ ପାଇଁ ପାଣି ଯୋଗେଇ ଦିଆଯାଇଥିବା କିନ୍ତୁ ପ୍ରାୟ ତିନି ବର୍ଷ ହେଲା ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଯଥା ଶୀଘ୍ର ପ୍ରକଳ୍ପରୁ ପାଣି ଯୋଗାଇ ଦିଆଯାଉ ନଚେତ ପଞ୍ଚାୟତବାସୀ ଆନ୍ଦୋଳନ କରିବେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ବାମନଦେଇଭଟା ଗ୍ରାମର ଜଳ ସଙ୍କଟ ସରପଞ୍ଚ ଓ ସମିତିସଭ୍ୟମାନେ ମଧ ପଞ୍ଚାୟତ ବୈଠକ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ନିବେଦନ ସତ୍ତ୍ୱେ ଗ୍ରାମର ଜଳ ସଙ୍କଟ ଦୂର ହୋଇପାରିନାହିଁ।

# କାମରେ ଆସୁନି ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ପ୍ରାଣୀ ଚିକିତ୍ସା ଉପକେନ୍ଦ୍ର

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତରେ ଗୃହପାଳିତ ଜୀବଜନ୍ତୁମାନଙ୍କର ସେବା ଶୁଶ୍ରୁଷା ପାଇଁ ତଥା ହିତ ସାଧନ ପାଇଁ ପଶୁ ଚିକିତ୍ସା ସହାୟକ କେନ୍ଦ୍ର ନିର୍ମାଣ କରାଯାଇଛି। ସେମାନଙ୍କର ସେବା, ଚିକିତ୍ସାରେ କୌଣସି ଅସୁବିଧା ତଥା ସବୁ ଗୃହପାଳିତ ପଶୁମାନଙ୍କର ଠିକ୍ ସମୟରେ ସେବା ଯୋଗାଇଦେବା ପାଇଁ ପ୍ରାଣୀ ଚିକିତ୍ସା ଉପକେନ୍ଦ୍ର ମାନ ନିର୍ମାଣ କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ମଧ କହିଥାନ୍ତି। ତେବେ ସରକାରଙ୍କ ଏହି ଯୋଜନା ପ୍ରକୃତରେ କେତେ କାର୍ଯ୍ୟକାରୀ ହେଉଛି। ସେକଥା କେହି ଚିନ୍ତା କରୁନାହାନ୍ତି। ଯାହା ଫଳରେ ସରକାର କା ମାଲ୍ ଦରିଆ ମେଡାଲ୍ ନୀତିରେ ପଡ଼ିରହିଛି ଏହି ଯୋଜନା। ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ସଦର ଗ୍ରାମରେ ନିର୍ମାଣ ହୋଇଥିବା ଲକ୍ଷ ଲକ୍ଷ ଟଙ୍କାର ନିର୍ମିତ ହୋଇଥିବା ଏହି ପ୍ରାଣୀ ଚିକିତ୍ସା ଉପକେନ୍ଦ୍ର ଗତ ୪/୫ବର୍ଷ ହେବ ନିର୍ମାଣ ଦିନ ଠାରୁ ଆଜି ପର୍ଯ୍ୟନ୍ତ ଅଦରକାରୀ ଅବ୍ୟବହୃତ ହୋଇ ପଡ଼ିରହିଛି। ଫଳରେ ଗ୍ରାମରେ ତଥା ଆଖପାଖ ଅଞ୍ଚଳରେ ଥିବା ରୋଗିଣୀ ଗାଇ ଗୋରୁ ଛେଳି ମେଣ୍ଢାମାନଙ୍କର ଚିକିତ୍ସା ଉଚିତ ସମୟରେ ହୋଇ ପାରୁନଥିବାରୁ ସେମାନଙ୍କର ମୃତ୍ୟୁ ହୋଇ ପଡୁଛି। କିନ୍ତୁ ବିଭାଗୀୟ ଅଧିକାରୀ ଏହି ପ୍ରାଣୀ ଚିକିତ୍ସା ଉପକେନ୍ଦ୍ରକୁ ଆଡ ଆଖି ରେ ଚାହୁଁନାହାଁନ୍ତି ଅଭିଯୋଗ ହେଉଛି। ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ଉକ୍ତ କେନ୍ଦ୍ର ଏବେ ଭୂତ କୋଠି ପାଲଟିଛି। ଅନା ବନା ଗଛଲତାରେ ପରିପୂର୍ଣ୍ଣ ହୋଇ ସରୀସୃପମାନଙ୍କର ଆଶ୍ରୟସ୍ଥଳୀରେ ପରିଣତ ହୋଇଛି ପ୍ରାଣୀ ଚିକିତ୍ସା କେନ୍ଦ୍ର। ଫଳରେ କିଛି କାମରେ ଆସୁନଥିବା ତଥା ଏହି କେନ୍ଦ୍ରଟି କାର୍ଯ୍ୟ ଆରମ୍ଭରୁ ବ୍ୟବହାର ହୋଇନଥିଲେ ମଧ ପ୍ରତି ବର୍ଷ ଏହି କେନ୍ଦ୍ରର ମରାମତି ପାଇଁ ଖର୍ଚ୍ଚ ହେଉଛି ଲକ୍ଷ ଲକ୍ଷ ଟଙ୍କା। ତେବେ ବିଭିଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୦ ଅପ୍ରେଲ ୨୦୨୬ ଶୁକ୍ରବାର





# ଏନ୍‌କ୍ୱାସରେ ସୁବର୍ଣ୍ଣପୁର ଜିଲ୍ଲା ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର




**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏକ ଜିଲ୍ଲା ସ୍ତରୀୟ ସ୍ୱାସ୍ଥ୍ୟ ଅନୁଷ୍ଠାନର ଗୁଣବତ୍ତା ସୁନିଶ୍ଚିତ କମିଟି ବୈଠକ ଜିଲ୍ଲାପାଳ ଡା. ନୃପରାଜ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଶ୍ରୀ ସାହୁ ଏକାଧିକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏନ୍‌କ୍ୱାସ ସାର୍ଟିଫିକେଟ୍ ପାଇଁ ଆବଶ୍ୟକ ସହଯୋଗ ଦେବା ପାଇଁ ଆଶ୍ୱାସନା ଦେଇଥିଲେ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଉକ୍ତ ବୈଠକରେ ସୂଚନା ଦିଆଯାଇଥିଲା ଯେ, ୨୦୨୫-୨୬ ବର୍ଷରେ ସାରା ଓଡ଼ିଶାରେ ସୁବର୍ଣ୍ଣପୁର ଜିଲ୍ଲାର ୬୨ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର - ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଏନ୍‌କ୍ୱାସ ପାଇଥିବାରୁ ଓଡ଼ିଶାରେ ପ୍ରଥମ ହୋଇପାରିଛି । ଉକ୍ତ ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଉଷାରାଣୀ ଦାସ, ଡା. ପ୍ରକାଶ ଦଣ୍ଡସେନା, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ, ରୂପକ କୁମାର ମହାପାତ୍ର, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ, ହିତେଶ କୁମାର ତ୍ରିପାଠୀ, ସହ ପରିଚାଳକ ଗୁଣବତ୍ତା ସୁନିଶ୍ଚିତ, ଅନାଦି ଚରଣ ସାହୁ ସହକାରୀ ଯନ୍ତ୍ରୀ ଉପସ୍ଥିତ ଥିଲେ । ହିତେଶ ତ୍ରିପାଠୀ ଏନ୍‌କ୍ୱାସର ଜିଲ୍ଲାର ଉପଲବ୍ଧିକୁ ବର୍ଣ୍ଣନା କରିଥିବା ବେଳେ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ରୂପକ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଣେ ଅଧିକାରୀ ଓ ୩ଜଣ କନେଷ୍ଟବଳଙ୍କୁ ନେଇ ଚାଲିଛି ବ୍ରହ୍ମବରଦା ଥାନା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଅବିଭକ୍ତ ବ୍ରହ୍ମବରଦା ଏକ ଅତି ସମ୍ବେଦନଶୀଳ ଅଞ୍ଚଳ ଭାବେ ବେଶ୍ ଜଣାଶୁଣା । ଏହି ଅଞ୍ଚଳରେ ବହୁ ପରିବାର ଦଳିତ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ । ଏପରିକି ଅନେକ ସମୟରେ ସାମାନ୍ୟ କଥାକୁ ନେଇ ବଡ ବଡ ଘଟଣାରେ ପରିଣତ ହୋଇଥିବା ନଜିର ରହିଛି । ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମବରଦା ଠାରେ ଧର୍ମଶାଳା ଥାନା ଅଧିନରେ ଫାଣ୍ଡି ପ୍ରତିଷ୍ଠା ହୋଇଥିଲା । ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ପାଇବା ସହିତ ଆଇନ୍ ଶୃଙ୍ଖଳାକୁ ବିପର୍ଯ୍ୟସ୍ତ ହୋଇପଡିଥିଲା । କିଛି ବର୍ଷ ବ୍ୟବଧାନ ପରେ ବ୍ରହ୍ମବରଦା ଫାଣ୍ଡିକୁ ଥାନାର ମାନ୍ୟତା ଦେବାକୁ ବିଭିନ୍ନ ମହଲରୁ ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ନିକଟରେ ବାରମ୍ବାର ଦାବି ହୋଇଆସୁଥିଲା । ତେବେ ୨୦୨୩ ମସିହାରେ ବ୍ରହ୍ମବରଦା ଫାଣ୍ଡିକୁ ଥାନାର ମାନ୍ୟତା ମିଳିଥିଲା । ଏହି ଥାନା ଏବେ ଅତି ଦୟନୀୟ ଅବସ୍ଥାରେ ଚାଲିଛି । ନିକଟରେ ଜଣେ ଏଏସ୍‌ଆଇଙ୍କ ସମେତ ୨ ଜଣ କନେଷ୍ଟବଳ କାର୍ଯ୍ୟରେ ଅବହେଳା ପାଇଁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସେମାନଙ୍କୁ ନିଲମ୍ବିତ କରିଥିଲେ । ସେପଟେ ୨ ଜଣ କାର୍ଯ୍ୟରତ ଏଏସ୍‌ଆଇ ଛୁଟିରେ ଯାଇଥିବାବେଳେ ଏବେ ଜଣେ ଥାନା ଅଧିକାରୀଙ୍କ ସମେତ ୩ ଜଣ କନେଷ୍ଟବଳଙ୍କ ଦ୍ୱାରା ଥାନା ପରିଚାଳିତ ହେଉଛି । ଯାହାକି ଏବେ ଅଞ୍ଚଳରେ ଆଇନ୍‌ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଥାନା ଅଧିନରେ ରସୁଲପୁର, ଧର୍ମଶାଳା ଓ ଯାଜପୁର ବ୍ଲକର ମୋଟ୍ ୯ ଗୋଟି ପଞ୍ଚାୟତ ରହିଛି । ରସୁଲପୁର ବ୍ଲକର ବ୍ରହ୍ମବରଦା, ମହେଶ୍ୱରପୁର, ବନ୍ଧଡିହ, ମଙ୍ଗରାଜପୁର, ଅର୍ଥଙ୍ଗା ଓ ରାଉତରାପୁର, ଯାଜପୁର ବ୍ଲକର ଝାଲପଡା ଓ ରୁଦ୍ରପୁର ଓ ଧର୍ମଶାଳା ବ୍ଲକର ମଙ୍ଗଳପୁର ପଞ୍ଚାୟତ ରହିଛି । ନିୟମ ଅନୁଯାୟୀ, ଥାନାରେ ଜଣେ ଅଧିକାରୀଙ୍କ ସମେତ ୨ ଜଣ ଏସ୍‌ଆଇ, ୪ ଜଣ ଏଏସ୍‌ଆଇ, ଜଣେ ହାବିଲଦାର ଓ ୧୨ ଜଣ କନେଷ୍ଟବଳଙ୍କର ଆବଶ୍ୟକତା ରହିଛି । ହେଲେ ଏବେ ଜଣେ ଅଧିକାରୀଙ୍କ ସମେତ ୩ ଜଣ କନେଷ୍ଟବଳଙ୍କ ଦ୍ୱାରା ଚାଲିଛି ଥାନା । ଏହି ବ୍ରହ୍ମବରଦା ଅଞ୍ଚଳ ଜିଲ୍ଲାର କେନ୍ଦ୍ରସ୍ଥଳ ହୋଇଥିବା ବେଳେ ବଡଚଣା, ଧର୍ମଶାଳା, ବରୀ, ଯାଜପୁର ଓ ରସୁଲପୁର ବ୍ଲକର ବିଭିନ୍ନ ପ୍ରାନ୍ତରୁ ଶହ ଶହ ଜନସାଧାରଣ ଭିନ୍ନ ଭିନ୍ନ କାରଣ ନେଇ ଆସିଥାନ୍ତି । ସେପେଟ ସ୍କୁଲ କଲେଜ ଓ ଘରୋଇ ସ୍କୁଲ, ସାପ୍ତାହିକ ହାଟ ଓ ୩ଟି ରାଷ୍ଟ୍ରାୟତ ବ୍ୟାଙ୍କ ଓ ୨ଟି ଋଣ ବନ୍ଧନ ବ୍ୟାଙ୍କ ରହିଛି । ଯାହାକି ୪ ଜଣଙ୍କ ପକ୍ଷେ ଏହିସବୁ ଅଞ୍ଚଳକୁ ଚଳାଇବା କଷ୍ଟକର ହୋଇପଡିଛି । ଏହି ବ୍ରହ୍ମବରଦା ଅଞ୍ଚଳ ଏବେ ଦୁର୍ଘଟଣାର ଜୋନ୍ ପାଲଟିଛି । ପ୍ରତିଦିନ କିଛି ନା କିଛି ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି । ଏପରିକି ସବୁଦିନ ପାରିବାରିକ ହିଂସା ମାମଲା ଥାନାକୁ ଆସୁଛି । ରାତିରେ ପାଟ୍ରୋଲିଂ କରିବା କଷ୍ଟକର ହୋଇପଡୁଛି । ଯାହାକି ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି । ସେପଟେ ମାସକୁ ୨୦ରୁ ଉର୍ଦ୍ଧ୍ୱ ମାମଲା ରୁଜୁ ହେଉଥିବା ବେଳେ ଅନେକ ମାମଲା ଆପୋଷ ସମାଧାନ ହେଉଛି । ଆସାମୀମାନଙ୍କୁ ଧରିବା ଏବେ କଷ୍ଟକର ବ୍ୟାପାର ହୋଇପଡିଛି । ତେବେ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ପୂର୍ବରୁ ଏହି ଥାନାରେ ଆବଶ୍ୟକ ମୁତାବକ କର୍ମଚାରୀ ଯୋଗାଇଦେବା ଜରୁରୀ ହୋଇପଡିଛି ।

# ମା' ଅନ୍ଧାରୀ ଦେବୀ ପାହାଡ଼ର ବିକାଶ ପାଇଁ ୧.୫୬ କୋଟି ମଞ୍ଜୁର

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲାବାସୀଙ୍କ ପାଇଁ ଏକ ଖୁସିର ଖବର । ଜିଲ୍ଲାର ଲଇକେରା ବ୍ଲକର କୁଆଁରମାଲ ଗ୍ରାମ ନିକଟରେ ଅବସ୍ଥିତ ପ୍ରସିଦ୍ଧ ମା' ଅନ୍ଧାରୀ ଦେବୀ ପାହାଡ଼ର ସମଗ୍ର ଉନ୍ନୟନ ପାଇଁ ରାଜ୍ୟ ସରକାର ପକ୍ଷରୁ ୧ କୋଟି ୫୬ ଲକ୍ଷ ୨୮ ହଜାର ଟଙ୍କା ମଞ୍ଜୁର କରାଯାଇଛି । ସାଂସ୍କୃତିକ ବିଭାଗ ତରଫରୁ ଏହି ପ୍ରକଳ୍ପକୁ ପ୍ରଶାସନିକ ଅନୁମୋଦନ ମିଳିଛି । ଓଡ଼ିଶା ପର୍ଯ୍ୟଟନ ବିଭାଗର ସୂଚନା ଅନୁସାରେ, ଏହି ପ୍ରକଳ୍ପ ମାଧ୍ୟମରେ ମା' ଅନ୍ଧାରୀ ଦେବୀ ପାହାଡ଼କୁ ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରାଯିବ । ପ୍ରକଳ୍ପରେ ଆକର୍ଷଣୀୟ ପ୍ରବେଶ ଦ୍ୱାର, ଜଳଉତ୍ସ ଓ ପୋଖରୀର ସୌନ୍ଦର୍ଯ୍ୟକରଣ, ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ମଣ୍ଡପ ଓ ବିଶ୍ରାମସ୍ଥଳ, ପାନୀୟ ଜଳ ବ୍ୟବସ୍ଥା, ପାହାଡ଼ ଉପରକୁ ଯିବା ପାଇଁ ସୁବ୍ୟବସ୍ଥିତ ପାହାଚ ଓ ରାସ୍ତା ନିର୍ମାଣ କରାଯିବ । ତଦୁପରି, ପାର୍କିଂ ବ୍ୟବସ୍ଥା, ଆଧୁନିକ ଶୌଚାଳୟ, ସୂଚନା ଫଳକ ଓ ଆଲୋକିକରଣ ସୁବିଧା ମଧ୍ୟ ସୃଷ୍ଟି କରାଯିବ । ଏହି ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଓ ତଦାରଖ ପାଇଁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି । ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେଲେ ଜିଲ୍ଲାରେ ପର୍ଯ୍ୟଟନ ଉନ୍ନତି ସହ ସ୍ଥାନୀୟ ଅର୍ଥନୀତି ମଜବୁତ ହେବ ବୋଲି ଆଶା କରାଯାଉଛି ।

# ୪ ଦିନରେ ୩୨ ଫେରାର୍ ଅଭିଯୁକ୍ତ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ସଦର ପୋଲିସ ବିଭିନ୍ନ ସ୍ଥାନରେ ଚଢଉ କରି ୪ ଦିନରେ ୩୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ଜୟପୁର ସଦର ପୋଲିସ ବିଭିନ୍ନ ସ୍ଥାନରେ ଚଢଉ କରି ଅପରାଧିକ ମାମଲାରେ ଫେରାର୍ ଥିବା ୮ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ମୁଖି ଖୁଡୁପି ଗ୍ରାମର ନକୁଳ ମାଣ୍ଡିଆ, ବଳରାମ ସୌରା, ପ୍ରହଲ୍ଲାଦ ମାଣ୍ଡିଆ, ଭଗବାନ ମଲଡିଆ, ନିକାଗୁଡା ଗ୍ରାମର ଆକାଶ ଭଇଁସା, ଅନ୍ତା ଗ୍ରାମର ଶ୍ୟାମଘନ ବିଷୋୟୀ, ଫାମ୍ପୁଣି ଗ୍ରାମର ପଦ୍ମନ ଭୁମିଆ, ବରମୁଣ୍ଡି ଗ୍ରାମର ଗୁପ୍ତ ପ୍ରସାଦ ସାହୁ । ଗିରଫ ଅଭିଯୁକ୍ତଙ୍କ ନାମରେ ଜୟପୁର ସଦର ଥାନାରେ ଅପରାଧିକ ମମଲା ରହିଥିଲା । ସେହିଦିନଠାରୁ ସେମାନେ ଫେରାର୍ ଥିବା ବେଳେ ବିଭିନ୍ନ ସ୍ଥାନରେ ଚଢଉ କରି ୮ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୂଚନା ଦିଆଯାଇଛି । ପ୍ରଥମ ଦିନରେ ୧୧, ଦ୍ୱିତୀୟ ଦିନରେ ୫, ତୃତୀୟ ଦିନରେ ୮ ଓ ଚତୁର୍ଥ ଦିନରେ ୮ ଅଭିଯୁକ୍ତଙ୍କୁ ଗିରଫ କରିଛି । ଫେରାର୍ ୮ ଅଭିଯୁକ୍ତଙ୍କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତମାନେ ହେଲେ ଜୟପୁର ହାଡିଆ ଗ୍ରାମର ଜବେଶ ହରିଜନ, ଭତ୍ରା ଗ୍ରାମର ପ୍ରକାଶ ନାଗ, ପଲରାପୁଟ ଗ୍ରାମର ଗୁରୁବନ୍ଧୁ ନାଗ, କଲାଗୁଡା ଗ୍ରାମର ମଧୁ ପୁଜାରି, ଅନ୍ତା ଗ୍ରାମର ଉଦ୍ଧବ ହରିଜନ, ଭତ୍ରା ଗ୍ରାମର ରିତିକ ହରିଜନ, ଖଣ୍ଡିଆଗୁଡା ଗ୍ରାମର ଡମଣି ଖାଡି ଓ ଚନ୍ଦ୍ରମା ଖାଡି । ଗିରଫ ଅଭିଯୁକ୍ତଙ୍କ ନାମରେ ଜୟପୁର ସଦର ଥାନାରେ ଅପରାଧିକ ମାମଲା ରହିଥିଲା । ସେହିଦିନଠାରୁ ସେମାନେ ଫେରାର୍‌ଥିବା ବେଳେ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୂଚନା ଦିଆଯାଇଛି । ସେହିପରି ୫ ତାରିଖରେ ଜୟପୁର ସଦର ପୋଲିସ ବିଭିନ୍ନ ସ୍ଥାନରେ ଚଢଉ କରି ଅପରାଧିକ ମାମଲାରେ ଫେରାର୍ ଥିବା ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବାଲିଆ ଗ୍ରାମର ବିଶା ଧର ପରଜା ଭାଜିଗୁଡା ଶିବ ଘଡେଇ, ଧଡ୍ରିଗୁଡା ଗ୍ରାମର ହରି ଗାଦବା, ଏକମ୍ବା ଗ୍ରାମର ମହେଶ୍ୱର କୁଳଦିପ, ଷ୍ଟେସନ୍ କଙ୍ଗା ଗ୍ରାମର ତୁଳସା ଗଣ୍ଡ । ଗିରଫ ଅଭିଯୁକ୍ତ ମାନଙ୍କ ନାମରେ ଜୟପୁର ସଦର ଥାନାରେ ଅପରାଧିକ ମାମଲା ରହିଥିଲା । ସେହିଦିନଠାରୁ ସେମାନେ ଫେରାର୍ ଥିବାବେଳେ ସଦର ପୋଲିସ ବିଭିନ୍ନ ସ୍ଥାନରେ ଚଢଉ କରି ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୂଚନା ଦିଆଯାଇଛି । ସେହିପରି ଗତ ୪ ତାରିଖରେ ଫେରାର୍ ଥିବା ୧୧ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଜୟପୁର ସଦର ଥାନା ଅନ୍ତର୍ଗତ ରଣ୍ଡାପିଲ୍ଲି ଗ୍ରାମର ଧନୁର୍ଯ୍ୟାୟ ଖାଡି, କୁମୁଲିପୁଟ ଗ୍ରାମର ବିଷ୍ଣୁ ବାହାଦୁର, ସିଆଡିମାଳ ଗ୍ରାମର ଶିବ ମୁଦୁଲି, ସାନକାଉଡି ଗ୍ରାମର ଗୋବିନାଥ ହାଲବା, ପିଣ୍ଟୁ ବାହାଦୁର, ସାନଜିଉନା ଗ୍ରାମର ଲଛମନ ନାୟକ, ପ୍ରେମ ନାୟକ, କୁମାର ନାୟକ ହରିଜନ, ବାରିଣିପୁଟ ଗ୍ରାମର ରୁଜୁ ମୁଦୁଲି, ପୁରୁଷୋତ୍ତମ ମୁଦୁଲି, କୈଳାଶ ଖୋସଲା । ୧୧ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୂଚନା ଦିଆଯାଇଛି । ୪ ଦିନରେ ୩୨ ଫେରାର୍ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ଅଫିସରୁ ଲକ୍ଷାଧିକ ଟଙ୍କା ଚୋରି



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ରୋଡ ସହରେ ଦିନକୁ ଦିନ ଚୋରି ବୃଦ୍ଧି ପାଉଛି । କେଉଁଠାରୁ ସୁନା ଚେନ୍ ଝମ୍ପି ନେଲେଣି ତ, କେଉଁଠି ଘରର ଚାବି ଭାଙ୍ଗି ଘରେ ପଶି ଚୋରି ହେଲାଣି । ଏମିତି ଏକ ଘଟଣା ଘଟିଛି ସରକାରୀ ଅଫିସରେ । ଘଟଣା ମୁତାବକ ଯାଜପୁରରୋଡ଼ ଥାନା ସ୍ଥିତ ବ୍ୟାସନଗର ପୌରପରିଷଦର ଡାକବଙ୍ଗଳା ଛକ ନିକଟରେ ଥିବା କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଛି । ଏନେଇ ମଙ୍ଗଳବାର ଯାଜପୁରରୋଡ଼ ଥାନାରେ ଅଭିଯୋଗ ହୋଇଛି । ପୋଲିସ କାର୍ଯ୍ୟାଳୟରେ ପହଞ୍ଚି ସିସିଟିଭି ଫୁଟେଜ୍‌କୁ ଆଧାର କରି ତଦନ୍ତ ଚଳାଇଛି । ଘଟଣାରୁ ପ୍ରକାଶ ଯେ ସୋମବାର ବିଳମ୍ବିତ ରାତିରେ କାର୍ଯ୍ୟାଳୟର ପଛପଟ ଝରକା ଭାଙ୍ଗି ଜଣେ ଦୁର୍ବୃତ୍ତ ଭିତରେ ପ୍ରବେଶ କରିଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡିଛି । ଦୁର୍ବୃତ୍ତ ଅଫିସରେ ଥିବା ଷ୍ଟିଲ୍ ଆଲମିରା ଲକ୍କର ଭାଙ୍ଗି ପ୍ରାୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଚୋରି କରି ପଳାଇଯାଇଥିଲା । ମଙ୍ଗଳବାର ସକାଳେ କର୍ମଚାରୀମାନେ ଅଫିସ ଖୋଲି ଆଲମିରା ଖୋଲାଥିବା ଓ ଲକ୍କର ଭଙ୍ଗାଯାଇଥିବା ଦେଖିଥିଲେ । ଏ ସମ୍ପର୍କରେ କର୍ମଚାରୀମାନେ ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦଙ୍କୁ ଅବଗତ କରିଥିଲେ । ଅଡ଼ିଏମ୍ ନନ୍ଦ ଅଫିସକୁ ଆସି ସମସ୍ତ ଘଟଣା ସମ୍ପର୍କରେ ଅବଗତ ହେବାପରେ ଯାଜପୁର ରୋଡ଼ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ଥାନାଧିକାରୀ ଆଶିଷ କୁମାର ସାହୁ ଘଟଣାସ୍ଥଳକୁ ଆସି ପାରିପାର୍ଶ୍ୱିକ ପରିସ୍ଥିତି ଅନୁଧ୍ୟାନ କରିଥିଲେ । ଏ ସମ୍ପର୍କରେ ଏଡିଏମ୍ ନନ୍ଦଙ୍କୁ ପଚାରିବାରେ ଏହି ଟଙ୍କା ରେଡ଼କ୍ରସ୍ ପାଇଁ ଆଦାୟ ହୋଇଥବା ଓ ଛୁଟି ଥିବାରୁ ଡିପୋଜିଟ୍ ହୋଇପାରିନଥିଲା ବୋଲି କହିଛନ୍ତି । ଅନ୍ୟପକ୍ଷରେ ଏହି କାର୍ଯ୍ୟାଳୟରେ ବହୁ ଗୁରୁତ୍ୱପୂର୍ଣ୍ଣ ସରକାରୀ ଦସ୍ତାବିଜ୍ ଥିବାବେଳେ ଏଠାରେ ରାତ୍ରି ଜଗୁଆଳି ବ୍ୟବସ୍ଥା ନଥିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ସକିଲ୍ ଖାନ ବିରୋଧରେ ଏନ୍‌ଏସ୍‌ଏ ଲାଗୁ କରିଛି ଗ୍ରାମାଞ୍ଚଳ ପୋଲିସ

**କଟକ, ନ୍ୟୁଜ୍ ବ୍ୟୁରୋ**



କଟକ ତିଗିରିଆର ଦୁର୍ଦ୍ଦାନ୍ତ ଅପରାଧି ସକିଲ୍ ଖାନ ବିରୋଧରେ ଏନ୍‌ଏସ୍‌ଏ ଲାଗୁ କରିଛି କଟକ ଗ୍ରାମାଞ୍ଚଳ ଥାନା ପୋଲିସ । ରାଜ୍ୟ ତଥା ରାଜ୍ୟ ବାହାରକୁ ଗୋ-ଚାଲାଣ କରି ସାମାଜିକ ଶାନ୍ତି ଭଙ୍ଗ କରୁଥିବା ଏହି ଅପରାଧୀ ବିରୋଧରେ ଜାତୀୟ ନିରାପତ୍ତା ଆଇନ୍ ବା ଏନ୍‌ଏସ୍‌ଏ ଲାଗୁ ହୋଇଛି । ସାକିଲ୍ ଖାନ ଜଣେ କୁଖ୍ୟାତ ଅପରାଧୀ ଭାବେ ପରିଚିତ ଥିବାବେଳେ ତା ବିରୋଧରେ ଆକ୍ରମଣ, ଧମକ, ଦଙ୍ଗା, ଗୋ ଚାଲାଣ ଏବଂ ପଶୁ ନିର୍ଯାତନା ସହ ଅନେକ ଗୁରୁତର ମାମଲା ତିଗିରିଆରୁ ନିମାପଡ଼ା ଯାଏ ରହିଛି । ଗତ ୬ ଫେବୃୟାରୀରୁ ଆରମ୍ଭ ହୋଇଥିବା ପ୍ରକ୍ରିୟା ଏବେ ଶେଷ ପର୍ଯ୍ୟାୟରେ । ୧୮ ଫେବୃୟାରୀରେ ଗିରଫ ପରୱାନା ଜାରି ପରେ, ରାଜ୍ୟ ଗୃହ ବିଭାଗର ମଞ୍ଜୁରି ମିଳିବା କ୍ଷଣି ସକିଲ୍‌କୁ ଏନ୍‌ଏସ୍‌ଏ ଜାଲରେ ଛନ୍ଦି ଦେଇଛି ପୋଲିସ । ହିଂସା ଓ ଅପରାଧ ସାମ୍ରାଜ୍ୟ ଉପରେ ଏହି କଠୋର ଆଇନ୍‌ର ପ୍ରୟୋଗ ଏବେ ଅନ୍ୟ ଅପରାଧୀଙ୍କ ପାଇଁ ଏକ ଶକ୍ତ ଚେତାବନୀ ପାଲଟିଛି ।

# ପ୍ରବୀଣା ସାହୁ ଆତ୍ମହତ୍ୟା ଘଟଣା

# ୨୦ ଦିନ ପରେ ରହସ୍ୟ ଉନ୍ମୋଚନ:ପ୍ରେମିକ ଗିରଫ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ଜିଲ୍ଲାର ବହୁ ଚର୍ଚ୍ଚିତ ପ୍ରବୀଣା ସାହୁଙ୍କ ଆତ୍ମହତ୍ୟା ମୃତ୍ୟୁ ଘଟଣାରେ ଶେଷରେ ପୋଲିସକୁ ମିଳିଛି ବଡ଼ ସଫଳତା । ଘଟଣାର ୨୦ ଦିନ ଧରି ଚାଲିଥିବା ତଦନ୍ତ ପରେ ଏହାର ପଛରେ ଲୁଚିଥିବା ସତ୍ୟ ସାମ୍ନାକୁ ଆସିଛି । ପ୍ରେମ ସମ୍ପର୍କ ନେଇ ମାନସିକ ଚାପ ଓ ନିର୍ଯ୍ୟାତନା ଫଳରେ ପ୍ରବୀଣା ବେକରେ ଫାଶୀ ଦେଇ ଆତ୍ମହତ୍ୟା ଘଟିଥିବା ପୋଲିସ ତଦନ୍ତରୁ ସ୍ପଷ୍ଟ ହୋଇଛି । ଏହି ମାମଲାରେ ପ୍ରବୀଣାଙ୍କ ପ୍ରେମିକ ସଞ୍ଜୀବ ସାହୁଙ୍କୁ ମୁଖ୍ୟ ଆସାମୀ ଭାବେ ଗିରଫ କରାଯାଇଥିବା ବେଳେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ବୌଦ୍ଧ ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲ ମଙ୍ଗଳବାର ସନ୍ଧ୍ୟାରେ ପ୍ରେସ୍ ମିଟରେ ଏ ନେଇ ବିସ୍ତୃତ ସୂଚନା ଦେଇ କହିଛନ୍ତି ଯେ, ଘଟଣାର ଗଭୀର ତଦନ୍ତ ପରେ ପ୍ରେମିକଙ୍କ ବିରୋଧରେ ପ୍ରମାଣ ମିଳିଛି । ପୋଲିସ ସୂଚନା ଅନୁଯାୟୀ ବୌଦ୍ଧ ସହରର ନୂଆସାହିରେ ବିବାହିତା ପ୍ରବୀଣା ଓ ଏନ୍‌ଏସି ଛକ ନିକଟରେ ରହୁଥିବା ସଞ୍ଜୀବଙ୍କ ମଧ୍ୟରେ ଦୀର୍ଘଦିନ ଧରି ପ୍ରେମ ସମ୍ପର୍କ ରହିଥିଲା । କିନ୍ତୁ ଏହି ସମ୍ପର୍କ ପରିବାର ଓ ସମାଜରେ ଜଣାପଡିବା ପରେ ପ୍ରବୀଣା ଏଭଳି ପଦକ୍ଷେପ ନେଇଥିଲେ । ମୃତ୍ୟୁ ପରେ ପ୍ରବୀଣାର ବାପ ଘର ଲୋକେ ପ୍ରଥମେ ପ୍ରବୀଣାର ଶାଶୁ ଘର ପରିବାର ଲୋକଙ୍କୁ ଦୋଷାରୋପ କରିଥିବା ବେଳେ ପୋଲିସ ଏହାର ତଦନ୍ତ କରି ପୋଷ୍ଟମର୍ଟମ୍ ରିପୋର୍ଟକୁ ଅପେକ୍ଷା କରିଥିଲା । ଏହି ଘଟଣାକୁ ପୋଲିସ ଗମ୍ଭୀର ଭାବେ ପର୍ଯ୍ୟାୟକ୍ରମେ ତଦନ୍ତ କରିବା ସହିତ ପ୍ରମାଣ ସବୁ ସଂଗ୍ରହ କରିଥିଲା । ଏହି ସବୁ ପ୍ରମାଣ ଆଧାରରେ ସଞ୍ଜୀବର ଭୂମିକା ସ୍ପଷ୍ଟ ହୋଇଥିବାରୁ ତାକୁ ଗିରଫ କରାଯାଇଥିଲା । ପ୍ରେମିକଙ୍କ ବିରୋଧରେ ଆତ୍ମହତ୍ୟାକୁ ପ୍ରେରିତ କରିବା ସମ୍ପର୍କିତ ଆଇନ୍ ଧାରାରେ ମାମଲା ରୁଜୁ ହୋଇଥିବା ଓ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ପି କହିଥିଲେ । ସାମ୍ବାଦିକ ସମ୍ମିଳନୀରେ ଆରକ୍ଷୀ ଅଧିକ୍ଷକଙ୍କ ସମେତ ଏସ୍‌ଡିପିଓ ଲରେନ୍ସ ରାଉତରାୟ ଉପସ୍ଥିତ ରହିଥିଲେ । ବୌଦ୍ଧ ଥାନା ମାମଲା ନଂ ୧୩୨ (ତା.୧୮.୦୩.୨୦୨୬) ଅନୁସାରେ ବିଏନ୍‌ଏସ୍‌ର ଧାରା ୮୫/ ୧୦୩(୨)/୨୯୬/୩୫୧(୨)/ ୩(୫) ଅଧୀନରେ ଏକ ଆତ୍ମହତ୍ୟା ପ୍ରେରଣା ସମ୍ବନ୍ଧୀୟ ଘଟଣାରେ ବୌଦ୍ଧ ପୋଲିସ ଅଭିଯୁକ୍ତ ସଞ୍ଜୀବ କୁମାର ସାହୁଙ୍କୁ ଗିରଫ କରିଛି ।

# ୮୦ ଫୁଟ୍ ଘାଟି ତଳକୁ ଖସିଲା ଟ୍ରକ୍

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ଘାଟିରେ ୮୦ ଫୁଟ୍ ତଳକୁ ଖସିଲା ଟ୍ରକ୍ । ଡ୍ରାଇଭରକୁ ଉଦ୍ଧାର ପରେ ଡାକ୍ତରଖାନା ନେଲା ପୋଲିସ । ଜୟପୁର ଘାଟି ରାସ୍ତା ଆରମ୍ଭରେ ଥିବା ଗଙ୍ଗେଇସୁଣି ମନ୍ଦିର ନିକଟରେ ଘଟିଛି ଦୁର୍ଘଟଣା । ସ୍ୱାଭାବିକ ରହିଛି ଯାତାୟାତ । ଜୟପୁର ଘାଟି ରାସ୍ତାରେ ବିଳମ୍ବିତ ରାତିରେ ଏହି ଟ୍ରକ୍ ଦୁର୍ଘଟଣା ଘଟିଛି । ବ୍ରେକ୍ ଫେଲ୍ ହୋଇଯିବା ଯୋଗୁଁ କୋରାପୁଟରୁ ଜୟପୁର ପଟେ ଆସୁଥିବା ଟ୍ରକ୍ ନିୟନ୍ତ୍ରଣ ହରାଇ ରାସ୍ତା ପାର୍ଶ୍ୱର ପାଚେରୀ ଭାଙ୍ଗି ପ୍ରାୟ ୮୦ ଫୁଟ୍ ଘାଟି ତଳକୁ ଖସିଯାଇଥିଲା । ଏହିପରି ଟ୍ରକ୍ ଭିତରେ ଡ୍ରାଇଭର ଗୁରୁତର ଅବସ୍ଥାରେ ପଡିରହିଥିଲେ । ଖବରପାଇ ଜୟପୁର ସଦର ପୋଲିସ ଏବଂ ଅଗ୍ନିଶମ ବିଭାଗ ରାତିରେ ଘଟଣାସ୍ଥଳରେ ପହଞ୍ଚି ତଳକୁ ଓହ୍ଲାଇ ଟ୍ରକ୍ ଭିତରୁ ଡ୍ରାଇଭରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିବା ସହିତ ଚିକିତ୍ସାଳୟକୁ ପଠାଇଥିଲେ । ସେ ଗୁରୁତର ଥିବା ଜଣାପଡିଛି ।

# ରିମାଣ୍ଡରେ ଯିବ ରାଜା ସାହାଣୀ:ଅନୁମତି ଦେଲେ ଜେଏମ୍‌ଏଫ୍‌ସି କୋର୍ଟ

**କଟକ, ନ୍ୟୁଜ୍ ବ୍ୟୁରୋ**



ଦୁର୍ଦ୍ଦାନ୍ତ ଅପରାଧି ରାଜା ସାହାଣୀ

ରିମାଣ୍ଡରେ ଯିବ କୁଖ୍ୟାତ ଅପରାଧୀ ରାଜା ସାହାଣୀ । ୭ ଦିନିଆ ରିମାଣ୍ଡରେ ନେବାକୁ ଅନୁମତି ଦେଲେ କଟକ ଜେଏମ୍‌ଏଫ୍‌ସି । ରିମାଣ୍ଡ ଆବେଦନ କରିଥିଲା କର୍ଣ୍ଣାଟକ ପୋଲିସ । ୨୦ କୋଟି ଟଙ୍କାର ସୁନା ଗହଣା ଲୁଟ୍ ମାମଲାରେ କରିବ ପଚରାଉଚରା । ୯ ରୁ ୧୫ ତାରିଖ ଯାଏଁ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି କୋର୍ଟ । ଦୁର୍ଦ୍ଦାନ୍ତ ଅପରାଧି ରାଜା ସାହାଣୀ ବର୍ତ୍ତମାନ ଚୌଦ୍ୱାର ସର୍କଲ ଜେଲ୍‌ରେ ଅଛି । କର୍ଣ୍ଣାଟକ ପୋଲିସ୍‌ର ଏକ ସ୍ୱତନ୍ତ୍ର ଟିମ୍ କଟକରେ ପହଞ୍ଚିବା ପରେ କଡା ସୁରକ୍ଷା ଭିତରେ ତାକୁ କର୍ଣ୍ଣାଟକ ନିଆଯିବ । ଅନ୍ୟପଟେ ରାଜା ସାହାଣୀକୁ ଚୌଦ୍ୱାର ସର୍କଲ୍ ଜେଲ୍‌ରୁ ଭୁବନେଶ୍ୱର ଝାରପଡା ସ୍ୱତନ୍ତ୍ର ଜେଲ୍ କିମ୍ବା ବ୍ରହ୍ମପୁର ସର୍କଲ୍ ଜେଲ୍‌କୁ ସ୍ଥାନାନ୍ତର କରାଯିବାକୁ ଯାଜପୁର ଏଡିଜେ କୋର୍ଟରେ ଚୌଦ୍ୱାର ସର୍କଲ ଜେଲ୍ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି ।

# ଝଡ଼ବତାସ ପାଇଁ ବଡ଼ଦାଣ୍ଡରେ ବ୍ୟାରିକେଡ଼ ବିପଦ

**ପୁରୀ, ନ୍ୟୁଜ୍ ବ୍ୟୁରୋ**

କିଛିଦିନ ହେଲା କାଳବୈଶାଖୀର ଝଡ଼ବର୍ଷା ଲାଗି ରହିଛି । ବଡ଼ଦାଣ୍ଡରେ ଲୁହା ବ୍ୟାରିକେଡ଼ ଘୋଡ଼ଲାଗି ଥୁଆ ହୋଇଛି । ପବନ ଜୋର୍ ହେଲେ ଏହି ବ୍ୟାରିକେଡ଼ ଲେଉଟି ଯାଉଛି । ଯାହାଫଳରେ ପର୍ଯ୍ୟଟକ ତୀର୍ଥଯାତ୍ରୀ ଓ ବାଇକ୍ ଆରୋହୀ ବିପଦରେ ପଡୁଛନ୍ତି । କାର୍ ଓ ଅଟୋ ବ୍ୟାରିକେଡ଼ର ଗ୍ୟାପ୍‌ରେ ପାର୍ ହେବା ବେଳେ ଏହି ବ୍ୟାରିକେଡ଼ ପଡି ଅଟୋ ଓ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେଉଛି । ବଡ଼ଦାଣ୍ଡର ମଝିରେ ଏହି ଲୁହା ବ୍ୟାରିକେଡ଼ ଥୁଆ ହୋଇଛି । ବ୍ୟାରିକେଡ଼ ପଡି ଯଦି କେହି ମୃତ୍ୟୁବରଣ କରେ ତେବେ କିଏ ଦାୟୀ ହେବ ବୋଲି ସହରରେ ଆଲୋଚନା ହେଉଛି ।



# ହାଇସ୍କୁଲରେ ଶିକ୍ଷକ ଅଭାବ:ଜିଲ୍ଲାପାଳଙ୍କୁ ଭେଟିଲେ ଅଭିଭାବକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୁତରଙ୍ଗ ହାଇସ୍କୁଲରେ ଦୀର୍ଘଦିନ ହେଲା ଶିକ୍ଷକ/ଶିକ୍ଷୟିତ୍ରୀ ଅଭାବ ଥିବାରୁ ଛାତ୍ରଛାତ୍ରୀମାନେ ପାଠପଢାରୁ ବଞ୍ଚିତ ହେବା ସହ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନିକଟରେ ପ୍ରଧାନ ଶିକ୍ଷକଙ୍କ ଅବସର ପରେ ମାତ୍ର ଜଣେ ଶିକ୍ଷୟିତ୍ରୀ ହାଇସ୍କୁଲର ଶତାଧିକ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଦାନ କରିବା ଅସମ୍ଭବ ହୋଇପଡିଛି । ଏନେଇ ପୂର୍ବତନ ସରପଞ୍ଚ ତଥା ସମାଜସେବୀ ରାଜନ ପ୍ରସାଦ ଥାଟୋଇଙ୍କ ନେତୃତ୍ୱରେ ପ୍ରସନ୍ନଜିତ ପଣ୍ଡା, ପିତାମ୍ବର ସାହୁ, ଗନ୍ଧର୍ବ ଦାସ, ବାବାଜୀ ଜେନା, ଆଇନ୍‌ଜୀବୀ ନିରଞ୍ଜନ ବଳ, ପ୍ରମୋଦ ମଲ୍ଲିକ, ଗୋଲଖ ଜେନା, ସମିତି ସଭ୍ୟ ଅକ୍ଷୟ କୁମାର ସାହୁ ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରି ହାଇସ୍କୁଲରେ ତୁରନ୍ତ ଦୁଇଜଣ ଶିକ୍ଷକ ନିଯୁକ୍ତି ଦେବାପାଇଁ ଦାବି କରିବା ସହିତ ହାଇସ୍କୁଲର ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୦।୦୪।୨୦୨୬, ଚୈତ୍ର ଦି୨୭ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ ୫।୩୬।୦୩ ଚନ୍ଦ୍ରୋଦୟ- ରାଘ ୧।୧୦।୪୩**

**ଅଷ୍ଟମୀ-** ରାଘ ୧୧।୦୭ ପର୍ଯ୍ୟନ୍ତ । ପୂର୍ବାଷାଢ଼ା ନକ୍ଷତ୍ର ଦିଘ ୧୧।୨୯ ପର୍ଯ୍ୟନ୍ତ । **ଧନୁ ଚନ୍ଦ୍ର-** ସଂଘ ୬।୦୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମିଥୁନ, କର୍କଟ, କନ୍ୟା, ଧନୁ, ମକର, ମୀନ ରାଶିର । ସଂଘ ୬।୦୫ ଗତେ ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । ସଂଘ ୬।୦୫ ଗତେ ସିଂହ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଓ ଆମିଷ ରାଘ ୧୧।୧୭ ଗତେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୯ ଗତେ ଦିଘ ୨।୨୮ ମଧ୍ୟେ । ଦିଘ ୧୨।୧୪ ଗତେ ଦିଘ ୨।୪୫ ମଧ୍ୟେ ।



**ମେଷ:** ଲୋକ ସମ୍ପର୍କ ବୃଦ୍ଧି ପାଇବ । କଷ୍ଟ କାର୍ଯ୍ୟରେ ସଫଳତା ମିଳିବ । ଆୟ ଓ ବ୍ୟୟ ସମାନ ରହିବ । ଗୃହରେ ସୁଖ ଶାନ୍ତି ବଜାୟ ରହିବ । ଦେବ ଦର୍ଶନ ସାଙ୍ଗକୁ ସେବା ପୂଜାରେ ମନ ଦେବେ ।



**ବୃଷ:** ପାରିବାରିକ ସୁଖ ହାନି ଘଟିବ । ଦେହ ଅସୁସ୍ଥ ରହିବ । କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ଠକାମିର ଶିକାର ହୋଇପାରନ୍ତି । ଅଯଥା ଭ୍ରମଣ ଯୋଗ ରହିଛି ।



**ମିଥୁନ:** ଆଜି ଆପଣଙ୍କର ମନ ପ୍ରଫୁଲ୍ଲ ରହିବ । ଦିନଟି ଆନନ୍ଦ ଉତ୍ସବରେ କଟିବ । ସାମାଜିକ ସ୍ତରରେ ଲୋକ ସମ୍ପର୍କ ବଢ଼ିବ । ଶତ୍ରୁମାନେ ପରାଜିତ ହେବେ । ଶୁଭ ଖବର ମିଳିପାରେ । ଗୃହେ ଆନନ୍ଦ ରହିବ ।



**କର୍କଟ:** ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସଫଳ ହେବ । ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ମହିଳାମାନେ ଗୃହ କାର୍ଯ୍ୟରେ ମନ ଦେବେ । ଶରୀର ସୁସ୍ଥ ରହିବ ।



**ସିଂହ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ପରାମର୍ଶ ଲୋଡ଼ି କାର୍ଯ୍ୟ କରିବେ । ଭ୍ରମଣ ଯୋଗ ମଧ୍ୟ ରହିଛି । ପିଲାମାନେ ପାଠ ପଢ଼ାରେ ମନ ଦେବେ । ରୋଜଗାର ମଧ୍ୟମ ଧରଣର ହେବ । ମାଲିମୋକଦ୍ଦମାରେ ସଫଳତା ମିଳିବ ।



**କନ୍ୟା:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ କଳହ ସୃଷ୍ଟି ହେବ । ଏଣୁ ସଦାସର୍ବଦା ଚିନ୍ତା ଲାଗି ରହିବ । ଆର୍ଥିକ ସ୍ଥିତି ମାନ୍ଦା ରହିବ । କୌଣସି କାମରେ ମନ ଲାଗିବ ନାହିଁ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।



**ତୁଳା:** ଧୈର୍ଯ୍ୟର ପରିମାଣ ବଢ଼ିବ । ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ । ଦ୍ରବ୍ୟ ହାନୀ ଘଟିବ । ଗୃହରେ କଳହ ଓ ଦ୍ୱନ୍ଦ୍ୱ ସୃଷ୍ଟି ହେବ । ଶତ୍ରୁଙ୍କ ହେତୁ ସମସ୍ୟା ଦେଖାଦେବ । କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ ।



**ବିଛା:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମିଳିବନାହିଁ । ମନ ପ୍ରଫୁଲ୍ଲ ରହିବ । ଶତ୍ରୁମାନେ ପରାସ୍ତ ହେବେ । ବ୍ୟୟ ଅଧିକ ହେବ । ପାରିବାରିକ ସହଯୋଗ ମିଳିବ । ମହିଳାମାନେ ସୁଖୀ ହେବେ ।



**ଧନୁ:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ମହିଳାମାନେ ସୁଖୀ ହେବେ । ରୋଜଗାରରେ ଉନ୍ନତି ହେବ । ପାରିବାରିକ ସୁଖ ଶାନ୍ତି ଲାଭ ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ ।



**ମକର:** ଚାକିରୀ କ୍ଷେତ୍ରରେ ପଥରୋଧର ସମ୍ମୁଖୀନ ହେବେ । ଦେହ ଓ ମନ ଭଲ ରହିବ । ଅଯଥା ବ୍ୟୟର ପରିମାଣ ବଢ଼ିବ । ପିଲାମାନେ ପଢ଼ାପଢ଼ିରେ ମାନ୍ଦା ହେବେ । ଘରେ ପ୍ରତିରୋଧର ଶିକାର ହେବେ ।



**କୁମ୍ଭ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ପରିବହନ କ୍ଷେତ୍ରରେ ସମସ୍ୟା ଦେଖାଦେବ । ଶାରୀରିକ ଅସୁସ୍ଥତା ଦେଖାଦେବ । ଆୟରେ ଉନ୍ନତି ହେବ । ପାରିବାରିକ କଳହ ସୃଷ୍ଟି ହେବ ।



**ମୀନ:** ଦୁଃସାହସିକ କାର୍ଯ୍ୟ କରି କୃତ କାର୍ଯ୍ୟ ହେବେ । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହେବ । ଦୂରଯାତ୍ରାରେ ସଫଳତା ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ସୁଖ ଶାନ୍ତି ଅବ୍ୟାହତ ରହିବ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୧।୦୪।୨୦୨୬, ଚୈତ୍ର ଦି୨୮ନ, ଶନିବାର**

**ସୂର୍ଯ୍ୟୋଦୟ- ଘ ୫।୩୫।୧୪ ଚନ୍ଦ୍ରୋଦୟ- ରାଘ ୧।୫୩।୨୨**

**ନବମୀ-** ରାଘ ୧୨।୩୯ ପର୍ଯ୍ୟନ୍ତ । ଉତ୍ତରାଷାଢ଼ା ନକ୍ଷତ୍ର ଦିଘ ୧।୪୦ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ରାଘ ୧୨।୩୯ ଗତେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୫ ଗତେ ଦିଘ ୧।୦୪ ମଧ୍ୟେ ।

32 YEARS
ସମ୍ବାଦ କଳିକା

# ୟୁରିଆ ଅଭାବ ଚିନ୍ତାରେ ଚାଷୀ

ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ କୃଷି କ୍ଷେତ୍ରରେ ପ୍ରତିଫଳିତ ହୋଇଛି । ୟୁରିଆ ଉତ୍ପାଦନ ଏବଂ ଯୋଗାଣ ପ୍ରଭାବିତ ହେବା ପରେ ଖରିଫ୍ ଚାଷ କେମିତି ଉଠିବ ତା'କୁ ନେଇ ଚିନ୍ତା ବଢ଼ିଛି । ଏଭଳି ସଙ୍କଟଜନକ ସମୟରେ ଭଦ୍ରକ ଜିଲ୍ଲାରେ ପୂର୍ବବର୍ଷ ତୁଳନାରେ ୟୁରିଆ ଟାର୍ଗେଟ୍‌କୁ ପ୍ରାୟ ୨ ହଜାର ମେଟ୍ରିକ୍ ଟନ୍ ପର୍ଯ୍ୟନ୍ତ କମାଇ ଦିଆଯାଇଛି । ଅର୍ଥାତ୍ ସର୍ବାଧିକ ୧୨ ହଜାର ମେଟ୍ରିକ୍ ଟନ୍ ଯୋଗାଣ କରିବାକୁ ଯୋଜନା ପ୍ରସ୍ତୁତ କରାଯାଉଛି । ଗତବର୍ଷ ୧୪ ହଜାର ମେଟ୍ରିକ୍ ଟନ୍ ୟୁରିଆ ଯୋଗାଣ ସତ୍ତ୍ୱେ ଚାଷୀଙ୍କୁ ସାର ଅଭାବ ହୋଇଥିଲା । ଚାଷୀ ଆନ୍ଦୋଳନକୁ ଓହ୍ଲାଇଥିଲେ । ଏଥର ସମସ୍ୟା ଆହୁରି ଗମ୍ଭୀର ହେବା ଆଶଙ୍କା ଏବେଠୁ ଜଳଜଳ ହୋଇ ଦିଶିଲାଣି । ଅନ୍ୟ ପଟେ କୃଷି ବିଭାଗ ପକ୍ଷରୁ ସାର ପରିଚାଳନା ନେଇ ଯୋଜନା ପ୍ରସ୍ତୁତ ହୋଇଛି । ପ୍ରାଥମିକ ଭାବେ ତରଳ (ନାନୋ) ସାର ବ୍ୟବହାରକୁ ଗୁରୁତ୍ୱ ଦିଆଯାଇଛି । କଳାବଜାର ରୋକିବା ନିମନ୍ତେ ଅସାଧୁ ବ୍ୟବସାୟୀଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ଭଦ୍ରକ ଜିଲ୍ଲାରେ ୨୦୨୬-୨୭ ଖରିଫ୍ ଚାଷ ପାଇଁ ୪୪ ହଜାର ମେଟ୍ରିକ୍ ଟନ୍ ସାର ବ୍ୟବହାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ନାନୋ ୟୁରିଆ ଏବଂ ନାନୋ ଡିଏପି ପାଖାପାଖି ୨୮ ହଜାର ପେଟି ଚିଠା ହୋଇଥିବାବେଳେ ଏହାକୁ ୪୦ ହଜାର ପେଟିକୁ ବୃଦ୍ଧି କରାଯାଇଛି । ଉଲ୍ଲେଖଯୋଗ୍ୟ, ୨୦୨୫-୨୬ ବର୍ଷରେ ଜିଲ୍ଲାର ୭ଟି ବ୍ଲକ ପାଇଁ ୧୪ ହଜାର ମେଟ୍ରିକ୍ ଟନ୍ ୟୁରିଆ, ୧୦ ହଜାର ମେଟ୍ରିକ୍ ଟନ୍ ଡିଏପି, ୨୬୦୦ ମେଟ୍ରିକ୍ ଟନ୍ ଏମ୍‌ଓପି, ୫୦୦ ମେଟ୍ରିକ୍ ଟନ୍ ଏସ୍‌ଏସ୍‌ପି ୫୦୦ ସାର ଆସିଥିଲା । ସେହିପରି ୨୦-୨୦-୦-୧୩ ନାମକ ସାର ୩୯୪୦ ମେଟ୍ରିକ ଟନ୍, ୨୮-୨୮-୦ ନାମକ ସାର ୮୬୨୫ ମେଟ୍ରିକ୍ ଟନ୍ ଟନ୍, ୧୦-୨୬-୨୬ ନାମକ ସାର ୪୦ ମେଟ୍ରିକ୍ ଟନ୍, ୧୬-୧୬-୧୬ ନାମକ ସାର ୯୦ ମେଟ୍ରିକ୍ ଟନ୍, ୧୪-୩୫-୧୪ ନାମକ ସାର ୫ ମେଟ୍ରିକ୍ ଟନ୍‌କୁ ମିଶାଇ ମୋଟ୍ ୩୯.୮୦୦ ମେଟ୍ରିକ୍ ଟନ୍ ସାର ଯୋଗାଣ ହୋଇଥିଲା । ୟୁରିଆ ଅଭାବକୁ ନେଇ ଗତବର୍ଷ ଚାଷୀ ଅସନ୍ତୋଷ ତୀବ୍ର ହୋଇଥିଲା । ଏବେ ୭ଟି ବ୍ଲକର ଚାଷୀ ପାଖାପାଖି ୧୮ ହଜାର ମେଟ୍ରିକ୍ ଟନ୍ ୟୁରିଆ ସାର ଆବଶ୍ୟକ କରୁଛନ୍ତି। ହେଲେ ଯୁଦ୍ଧ ସ୍ଥିତିରେ ୟୁରିଆ ଟାର୍ଗେଟ ୧୦ରୁ ୧୨ ହଜାର ମେଟ୍ରିକ୍ ଟନ୍ ମଧ୍ୟରେ ସୀମିତ ରଖାଯାଇଛି । ଅନ୍ୟପଟେ ୨୦୨୫-୨୬ ବର୍ଷର ଟାର୍ଗେଟଠାରୁ ୨୦୨୬-୨୭ ବର୍ଷର ଟାର୍ଗେଟରେ ନାନୋ ୟୁରିଆ ପରିମାଣକୁ ବଢ଼ାଯାଇଛି । ୟୁରିଆ ଉପରୁ ନିର୍ଭରଶୀଳତା କମାଇବାକୁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଇଛି । ଉଲ୍ଲେଖଯୋଗ୍ୟ, ୨୦୨୫-୨୬ ବର୍ଷରେ ତିହିଡ଼ି ବ୍ଲକରେ ନାନୋ ୟୁରିଆ ଟାର୍ଗେଟ ଥିଲା ୨୧୨୦ ଲିଟର । ଏଥର ହୋଇଛି ୩୦୦୦ ଲିଟର । ଏହିକ୍ରମରେ ଭଦ୍ରକ ବ୍ଲକରେ ୨୫୧୦ରୁ ୩୧୩୫, ବାସୁଦେବପୁର ବ୍ଲକରେ ୩୧୦୫ରୁ ୪୦୦୫, ଚାନ୍ଦବାଲି ବ୍ଲକରେ ୩୧୪୭ରୁ ୪୨୦୦, ଧାମନଗର ବ୍ଲକରେ ୧୮୧୦ରୁ ୨୬୦୦, ଭଣ୍ଡାରିପୋଖରୀ ବ୍ଲକରେ ୧୮୭୦ରୁ ୨୨୦୦, ବନ୍ତ ବ୍ଲକରେ ୨୦୨୮ରୁ ୨୮୬୦ ଲିଟର ନାନୋ ୟୁରିଆ ବୃଦ୍ଧି କରାଯାଇଛି । ଅପରପକ୍ଷେ ସାର ସଙ୍କଟର ସମ୍ମୁଖୀନ ହେବାକୁ କୃଷି ବିଭାଗ ଅଧ୍ୟାଦେଶ ଭଳି ଚିଠି ଜାରି କରିଛି। ଚାଷୀମାନେ ଅଧିକୃତ ବିକ୍ରେତାଙ୍କଠାରୁ ଆଧାର ମାଧମରେ ଓଟିପି ଦେଇ ସାର କିଣୁଥିବା ବେଳେ ସତର୍କ ରହିବାକୁ ପରାମର୍ଶ ଦେଇଛି । ଅସାଧୁ ସାର କାରବାର ରୋକିବାକୁ ପିଓଏସ୍ ମେସିନ୍‌ରୁ ବାହାରୁ ଥିବା ସ୍ଲିପ୍ ମାଗିବାକୁ କହିଛି ।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ
## ବିଶ୍ୱରୂପ ଦର୍ଶନ

---



### ଜରଦ୍‌ଗବ ବସିଅଛି ଶବକୁ ପ୍ରତୀକ୍ଷା କରି

ଡେଣା ମେଲି ଜରଦ୍‌ଗବ
ବସିଅଛି ବହୁଦୂରେ
ଶବକୁ ପ୍ରତୀକ୍ଷା କରି
ନାହିଁ ଜଳ ନାହିଁ ବାୟୁସ୍ରୋତ
ନାହିଁ ମନ ସ୍ରୋତ
ମାୟାର କାଳ ସ୍ରୋତରେ ଭାସି ଯା'ନ୍ତି
କୁଢ କୁଢ ଶବ,
ବହୁ ଦୂରେ ଜଗିଅଛି କାଳଯମ
ଜରଦ୍‌ଗବ
ଶବକୁ ପ୍ରତୀକ୍ଷା କରି ।୧।

ଶିବା ଶ୍ୱାନ କରୁଛନ୍ତି ବିକଟାଳ ଧ୍ୱନି
ହାୟରେ ଜଡ ମାନବ
ଜାଣୁନାହିଁ ଏହି କାଳ ସ୍ରୋତ
ଶିବା ଶ୍ୱାନ ରଡି ଶୁଣି
ଜାଗି ଉଠେ ଜରଦ୍‌ଗବ
ଆନନ୍ଦ ଉଲ୍ଲାସେ
କ୍ଷୁଧାତାର ମେଣ୍ଟିବ ନିଶ୍ଚିତ
କହୁଅଛି ଶିବା ଡାକ ମାରି
ବହୁଦୂରେ ଜଗି ଅଛି କାଳଯମ
ଜରଦ୍‌ଗବ
ଶବକୁ ପ୍ରତୀକ୍ଷା କରି ।୨।
ଆଉଟିକେ ପରେ ହଜିଯିବ
ସୁନେଲି ସ୍ୱପନ ସବୁ
ଭାଙ୍ଗିଯିବ ଅହଂକାର ସୌଧ
ଗର୍ବ, ଲୋଭ, ମୋହ ବନ୍ଧ ସବୁ
ଯେତେବେଳେ ଜରଦ୍‌ଗବ
ଖୁଣ୍ଟି ଖୁଣ୍ଟି ଖାଉଥିବ
ଏ ମାନବ ମାଂସ ଓ ହାଡକୁ
ଶିବା ଶ୍ୱାନ ଝୁଣି ଝୁଣି ଗିଳି ଦେଉଥିବେ
ସ୍ୱାର୍ଥ ପର ରକ୍ତମିଶା ଚର୍ବିଳ ମାଂସକୁ
କେହିତ ନଥିବେ ପାଶେ
ରହିଥିବ ସେହି ଠାବେ
ଲୋଭ, ମୋହ ଶରୀର ତୋହରି
ଶବୁ ପ୍ରତୀକ୍ଷା କରି
ବହୁଦୂରେ ଜଗିଅଛି କାଳଯମ
ଜରଦ୍‌ଗବ
ଶବକୁ ପ୍ରତୀକ୍ଷା କରି ।୩।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୬୩)
## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ପ୍ରତି ମଣିଷର ହୃଦୟରେ ଝଙ୍କୁରିତ ହେଉଛି ଆଧ୍ୟାତ୍ମଭାବର ଅପୂର୍ବ ସ୍ପନ୍ଦନ । ଆକାଶର ବୁକୁଚିରି ମେଘମାଳା ଗୁଡାକ ପ୍ରତିଦ୍ୱନ୍ଦ୍ୱିତା କରୁଥାନ୍ତି ମହାବାହୁଙ୍କୁ ଦର୍ଶନ କରିବା ପାଇଁ । ମହାବାହୁଙ୍କ ଅଧରର ମନ୍ଦ ମନ୍ଦ ହସ ଯେପରି ଅଗଣିତ ଭକ୍ତଙ୍କୁ ଉଲ୍ଲସିତ କରୁଥାଏ । କୋଟି କୋଟି ଦୁଃଖ,ଦୁର୍ଦ୍ଦଶା ଗ୍ରସ୍ତ ମଣିଷର ସିଏ ହେଉଛନ୍ତି ଆଶାର ଅଖଣ୍ଡ ଆଲୋକ ବର୍ତ୍ତିକା । ଅନନ୍ତ କୋଟି ବ୍ରହ୍ମାଣ୍ଡର ସିଏ ହେଉଛନ୍ତି ସର୍ବଶ୍ରେଷ୍ଠ ନିର୍ମାତା ଓ ବିଶ୍ୱ ବିଖ୍ୟାତ ମହାମହିମ ସମ୍ରାଟ । ତାଙ୍କ ଇଛାବିନା ପତ୍ରଟିଏ ମଧ୍ୟ ଭୂମି ସ୍ପର୍ଶ କରିପାରେନା । ଶ୍ରୀମନ୍ଦିର ନିକଟରୁ ଲମ୍ବିଯାଇଛି ଶହ ଶହ ପୁଷ୍ପିତ ତୋରଣ ଦୂର ଦିଗ୍‌ବଳୟ ପର୍ଯ୍ୟନ୍ତ । ଚାହିଁଲେ ଆଖି ପାଉନି,ଏ ଦିବ୍ୟ ମହୋତ୍ସବର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବା ପାଇଁ । ପ୍ରତି ତୋରଣ ନିକଟରେ ନର୍ତ୍ତକନର୍ତ୍ତକୀ ମାନଙ୍କର ରସାଳ ଅଧ୍ୟାତ୍ମିକ ସଙ୍ଗୀତ ସହିତ ମନ୍ତ୍ରମୁଗ୍ଧର ନୃତ୍ୟରେ ଶ୍ରୀକ୍ଷେତ୍ର ନାଚି ଉଠୁଛି। ବିସ୍ତୀର୍ଣ୍ଣ ଯଜ୍ଞ ମଣ୍ଡପରେ ଅଜସ୍ର ଘୃତାହୁତି କରୁଥିବା ବେଦଜ୍ଞ ବ୍ରାହ୍ମଣମାନଙ୍କର ପବିତ୍ର ଓଁ କାର ଧ୍ୱନିରେ ଶ୍ରୀକ୍ଷେତ୍ର ଓ ଗଡ କୁଜଙ୍ଗର ସୁଭଦ୍ରାକ୍ଷେତ୍ର ପରିଣତ ହୋଇଯାଇଥିଲା । କୋଟି କୋଟି ବୈକୁଣ୍ଠର ଅପୂର୍ବ ସଙ୍ଗମସ୍ଥଳି । ଆମେ ମାଦଳା ପାଞ୍ଜିରେ ଏହି ପର୍ଯ୍ୟାୟର ଏକ ଆନୁଷ୍ଠାନିକ ସ୍ୱୀକୃତୀକୁ ଏଠାରେ ଉଦ୍ଧାର କରୁଛୁ । ''ଅ୯ଙ୍କେ ରାଜା କୁଜଙ୍ଗଗଡରୁ ବ୍ରହ୍ମ ଅଣାଇଲେ। ଖୁରୁଧା କଟକେ ବନଯାଗ କରି ସୁମୁରତି କରାଇଲେ । ଅ୧୧ଙ୍କ କକଡା ଦି୧୮ନ ଶ୍ରାବଣ ଶୁକ୍ଳ ନବମୀ ଦିନ ଶ୍ରୀ ପୁରୁଷୋତ୍ତମ ବଡ ଦେଉଳେ ରତ୍ନ ସିଂହାସନେ ବିଜେ କରାଇଲେ । ବ୍ରହ୍ମ ଆଣିଲା ବିଶର ମହାନ୍ତିଙ୍କୁ ପୋରନାଏକ କଲେ । ଏ ଦାରୁବ୍ରହ୍ମ ଘେନି ଅଇଲା ।'' କୁଜଙ୍ଗଗଡରୁ ରାଜା ରାମଚନ୍ଦ୍ର ଦେବ ମହାସମାରୋହରେ ବ୍ରହ୍ମ ମାନଙ୍କୁ ଖୋର୍ଦ୍ଧା ଅଣାଇ ନୂଆ ଦାରୁରେ ପ୍ରତିମା ମାନଙ୍କୁ ଗଠନ କରି ଯେଉଁ ଶୃଙ୍ଖଳିତ ପର୍ଯ୍ୟାୟରେ ଏବଂ ଶାସ୍ତ୍ରୀୟ ବିଧାନରେ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରାଇଲେ ତାହା ଓଡିଆ ଜାତିର ଗୋଟାଏ ଗୌରବମୟ ଘଟଣା । ମାଦଳା ପାଞ୍ଜିର ଜଣେ ସ୍ୱନାମ ଧନ୍ୟ ଗବେଷକ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସଙ୍କଳିତ ଓ ଉତ୍କଳ ବିଶ୍ୱ ବିଦ୍ୟାଳୟ ଦ୍ୱାରା ପ୍ରକାଶିତ ଅଧାରରେ । ମାଦଳା ପାଞ୍ଜିର ପୃଷ୍ଠା ୬୨,୬୩ର



ଉଦ୍ଧୃତାଂଶ ''ବ୍ରାହ୍ମଣ ସାଆନ୍ତ, ଭଟ୍ଟମିଶ୍ରମାନଙ୍କ ସ୍ୱଦେଶୀପ୍ରବେଶୀ ପଣ୍ଡିତମାନଙ୍କୁ ଘେନି ବିଚାରି ପରମେଶ୍ୱରଙ୍କ ଗହଣେ ଉପସ୍ଥିତ ହୋଇଲା । ସେ ସେବକ ମାନଙ୍କୁ ଘେନି ସଙ୍ଗୁଡି ଭୋଗ ମଣୋହି କରାଇଲେ । ସକାଳ ଧୂପ ମଣୋହି ବଢିଲା ଉତ୍ତାରେ ଖେଚେଡି ମହାପ୍ରସାଦ କାଖରେ କରି ଶ୍ରୀରାମଚନ୍ଦ୍ର ଦେବ ମହାରାଜା ଜଏ ବିଜଏ ଦ୍ୱାରା କଳାପାହାଡ ଉପରେ ଉଭାହୋଇ ସମସ୍ତ ଭଟ୍ଟମିଶ୍ରମାନେ ପଟୋଆର କରୁଥିଲେ । ସମସ୍ତଙ୍କୁ ଚାହିଁଲେ ରାମଚନ୍ଦ୍ର, ଭଟ୍ଟ, ଗୋବର୍ଦ୍ଧନ, ପ୍ରହରାଜ, ମିଶ୍ର ଗୋସାଇଁ ତିନି ଲୋକେ ରାଜାଙ୍କ ହାତରୁ ଉଚ୍ଛୁଡି ମହାପ୍ରସାଦ ସେବା କରି ମୁଣ୍ଡରେ ହାଥ ବୋଳିଲେ । ହରି ଶବଦ କରି ସମସ୍ତ ସନ୍ୟାସୀ ବ୍ରହ୍ମଚାରୀ ଭଟ୍ଟମିଶ୍ରମାନେ ବ୍ରାହ୍ମଣମାନେ ଶ୍ରୀ ରାମଚନ୍ଦ୍ରଦେବ ମହାରାଜାଙ୍କୁ ଦୂତୀ ଇନ୍ଦ୍ରଦୁମନ ବୋଲି ଶାଢି ଦେଲେ । ''

ଆଜିର ଏହି ଅନ୍ତିମ ଅଧ୍ୟାୟର ଅବକାଶରେ କେଉଁ ସ୍ମରଣାତୀତ କାଳର କଥାଗୁଡାକ ମୋର ମନେ ପଡୁଛି । ଯେଉଁ ଦିନ ଅବନ୍ତୀ ନରେଶ ଇନ୍ଦ୍ରଦ୍ୟୁମ୍ନ ଦାରୁମୂର୍ତ୍ତିମାନଙ୍କୁ ଗଠନ କରିବା ଚିନ୍ତାରେ ଦିନ, ରାତି ଭୋକ ଶୋଷ ଭୁଲିଯାଇ ବିଚଳିତ ହୋଇ କାଳଯାପନ କରୁଥାନ୍ତି । ଗୋଟି ଗୋଟି କରି ସମସ୍ତ ପ୍ରଚେଷ୍ଟା ବିଫଳ ହୋଇଗଲା । ଦୁଇ ହାତକୁ ଶୂନ୍ୟକୁ ଟେକି ଦେଇ ଆକୁଳ ହୃଦୟରେ ଡାକୁଥାନ୍ତି ବିଶ୍ୱନିୟନ୍ତାଙ୍କୁ । ସମସ୍ତ ଗର୍ବ, ଗୌରବ, ଅହଙ୍କାର, ଯଶ, କିର୍ତ୍ତୀକୁ ମହାପ୍ରଭୁଙ୍କ ନିକଟରେ ସମର୍ପଣ କରି ଦେଇ ନିଜକୁ ଶୂନ୍ୟ କରିଦେଲେ । ମନରେ କେବଳ ସେହି ପରମେଶ୍ୱରଙ୍କ ଚିନ୍ତା । ରାତ୍ରୀର ନିର୍ଜନତାକୁ ଭଙ୍ଗ କରିଦେଇ ଶୁଭିଲା ଏକ ଦିବ୍ୟ କଣ୍ଠସ୍ୱର, ସେ କଣ୍ଠସ୍ୱରରେ ଥିଲା ଅମୃତଭରା ଆଶ୍ୱାସନା । ପୁଲକିତ ହୋଇଗଲା ମନ, ପ୍ରାଣ ଓ ସର୍ବାଙ୍ଗ ଶରୀର । କଣ୍ଠସ୍ୱରରେ ଭାସି ଆସିଲା ଦିବ୍ୟ ନିର୍ଦ୍ଦେଶ, ହେ ଇନ୍ଦ୍ରଦ୍ୟୁମ୍ନ, ଏ ଦାରୁ ରକ୍ତ ଚନ୍ଦନ ନୁହେଁ, ଏ ମୋ ଶରୀରର ଅର୍ଦ୍ଧଦଗ୍ଧ ପିଣ୍ଡ, ତୁମର ଏ ଶକ୍ତିଶାଳୀ,ବଳବନ୍ତ ସୈନ୍ୟମାନେ ମୋତେ ରେଣୁ ସମାନ ଉଚ୍ଚତାରେ ମଧ୍ୟ ଉଠାଇ ପାରିବେ ନାହିଁ । ତୁମେ ମୁଁ ଯାହା କହୁଛି ତାହା କର । ଗୋଟିଏ ପଟରେ ବସୁ ଶବରର ଅନ୍ୟ ପାର୍ଶ୍ୱରେ ବସୁ ବ୍ରାହ୍ମଣ ହାତ ପକାଇଲେ । ଏହା ଅକ୍ଲେଶରେ ଉଠିଯିବ । ପରମେଶ୍ୱରଙ୍କ ନିର୍ଦ୍ଦେଶରେ ଉଠିଲେ ଦାରୁ ଦେବତା, କିନ୍ତୁ ଏ ଦାରୁରେ ମୂର୍ତ୍ତି ଗଢିବ କିଏ ?କାହାଁନ୍ତି ଏ ସଂସାରରେ ଏପରି ଶିଳ୍ପୀ ଯାହାଙ୍କର ହସ୍ତରେ ଗଠନ ହେବ ବିଶ୍ୱର କୋଟି କନ୍ଦର୍ପକୁ ନିନ୍ଦା କରୁଥିବା ଲାବଣ୍ୟ ମୂର୍ତ୍ତି ?ଯେଉଁ ମୂର୍ତ୍ତି ଅନନ୍ତ କୋଟି ବ୍ରହ୍ମାଣ୍ଡର ମହାନାୟକ ଭାବେ ତ୍ରିଭୁବନରେ ଚର୍ଚ୍ଚିତ ହେବ । କେଉଁଠାରୁ ପାଇପାରିବେ ଏପରି ଶିଳ୍ପୀ ? ମହାଚିନ୍ତାରେ ପଡିଥାନ୍ତି ଇନ୍ଦ୍ରଦ୍ୟୁମ୍ନ, କଣ କରିବେ, କେଉଁ ସ୍ଥାନକୁ ଯିବେ, ସେହି ଦେବ ଦୁର୍ଲ୍ଲଭ ଶିଳ୍ପୀଙ୍କ ସନ୍ଧାନରେ ? ଏହିପରି ଚିନ୍ତାରେ ନିମଗ୍ନ ଥିବା ଅବସ୍ଥାରେ ଜଣେ ଲୋଳିତ ଚର୍ମ ବିଶିଷ୍ଟ ଅତିଶୟ ବୃଦ୍ଧ,ହାତରେ ବାରିସି ଓ ନିହାଣଟିଏ ଧରି ରାଜାଙ୍କ ନିକଟରେ ପହଞ୍ଚିଲା ଓ ଅତ୍ୟନ୍ତ ଗମ୍ଭୀର କଣ୍ଠରେ ଧୀର ସ୍ଥିର ଭାବେ କହିଲା ''ହେ ରାଜନ,ଏକୋଇଶ ଦିନ ପର୍ଯ୍ୟନ୍ତ ମନ୍ଦିରର କବାଟ ଖୋଲିବ ନାହିଁ । ଭିତରେ ମୁଁ ଏକା ରହିବି । କୌଣସି ଖାଦ୍ୟ କିମ୍ବା ସାମାନ୍ୟ ଜଳ ଟିକିଏବି ପିଇବି ନାହିଁ । ଯେଉଁଦିନ ମୋର କାର୍ଯ୍ୟ ସମାପ୍ତ ହେବ, ସେହିଦିନ ହିଁ ମନ୍ଦିରର ଦ୍ୱାର ଖୋଲାଯିବ । ସେହି ବୃଦ୍ଧ ଶିଳ୍ପୀଟିର କଥାରେ ରାଜା ଇନ୍ଦ୍ରଦ୍ୟୁମ୍ନ ରାଜି ହେଲେ । ପ୍ରତିଦିନ ଶ୍ରୀମନ୍ଦିର ମଧ୍ୟରୁ ବାରିସି ଓ ନିହାଣର ଶବ୍ଦ ମୂର୍ତ୍ତି ନିର୍ମାଣର ସୂଚନା ଦେଉଥାଏ । ରାଜା ପ୍ରତିଦିନ ହବିଷାନ୍ନ ଖାଇ ପ୍ରତୀକ୍ଷା କରିଥାନ୍ତି । ଷୋହଳ ଦିନ ବିତିଯିବା ପରେ ମନ୍ଦିର ମଧ୍ୟରୁ କୌଣସି ଶବ୍ଦ ଇନ୍ଦ୍ରଦ୍ୟୁମ୍ନ ଆଉ ଶୁଣି ପାରିଲେ ନାହିଁ । (କ୍ରମଶଃ...)

# ଲାଞ୍ଜ

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୭୬୧୯୪

ଈଶ୍ୱର ମଣିଷ ପ୍ରତି ବଡ଼ ଅବିଚାର କରିଛନ୍ତି, ତାକୁ ଲାଞ୍ଜ ଦେଇନାହାନ୍ତି । ହନୁମାଙ୍କଡ଼ର ଲାଞ୍ଜ ଅଛି, ବାଘ ହାତୀର ଅଛି, ଘୋଡ଼ାର ଅଛି, ଗଧର ବି ଅଛି । କୁକୁର ବିଲେଇର ଅଛି, ଘୁଷୁରୀର ବି ଅଛି । ଚୁଟିଆ ମୂଷା ଭଳିଆ ଟିକି ପ୍ରାଣୀ, ତାର ବି ସରୁ ଲାଂଜଟିଏ ଅଛି । ମଣିଷର ନାହିଁ । ଲାଞ୍ଜ ଥିଲେ ଏବେ ଆମର କେତେ ସୁବିଧା ହୋଇଥାନ୍ତା ଭାବନ୍ତୁ! ଯେଉଁମାନେ ଭାବିପାରୁନାହାନ୍ତି, ସେମାନଙ୍କୁ କହେ –

ସଞ୍ଜବେଳେ ମଶା କାମୁଡୁଛି । ମଶା ମାରନ୍ତୁ ବା ଘଉଡାନ୍ତୁ – ହାତ ବ୍ୟବହାର କରିବାକୁ ପଡୁଛି । ଲାଞ୍ଜ ଥିଲେ ଏ କାମ ଲାଞ୍ଜ କରନ୍ତା । ସେଇ ସମୟରେ ମଣିଷର ହାତ ଆଉ କିଛି କାମ କରନ୍ତା । ବଜାରରୁ ପରିବାପତ୍ର ଆଣିଲାବେଳେ, ଲାଞ୍ଜ ଆଉ ଗୋଟେ ହାତର କାମ କରିଦେବ । ଏହା ଫଳରେ ମଣିଷର ପ୍ରଡକ୍ଟିଭିଟି କେତେ ବଢ଼ିଯିବ ! ଭାବନ୍ତୁ, ଗଛରେ ଚଢି ଆମ୍ବ ପିଜୁଳି ଜାମୁକୋଳି ବିଛେଇବା କେତେ ସହଜ ହୁଅନ୍ତା ! ଲାଞ୍ଜକୁ ଗୁଡ଼େଇଦେଲେ ଗଛ ଡାଳରେ, ବାସ- ଝୁଲି ଝୁଲି ଫଳ ତୋଳ ।

କୌଣସି ଅଫିସରେ ଆଉ କେହି ଟେବୁଲ ତଳେ ହାତ ପତେଇ ଲାଞ୍ଚ ନେବେ ନାହିଁ । ଲାଞ୍ଜରେ ଲାଞ୍ଜରେ ଦିଆନିଆ ହୋଇଯିବ । ସେଲଫି ଉଠେଇବାପାଇଁ ଆଉ ସେଲଫି-ଷ୍ଟିକ ଧରି କୁଆଡେ ଯିବାର ଆବଶ୍ୟକତା ନାହିଁ । ଲାଞ୍ଜରେ ମୋବାଇଲଟି ଗୁଡ଼େଇ ଫଟୋ ଉଠେଇ ନେଲ । ହାତ ଫ୍ରି ।

ଆଜିକାଲିର କିଶୋରକିଶୋରୀ ମୋବାଇଲ ବିନା ମୁହୂର୍ତ୍ତେ ରହିପାରୁନାହାନ୍ତି। ଧର ହଲେ ପ୍ରେମିକପ୍ରେମିକା ସଞ୍ଜବେଳେ ପାର୍କରେ ବୁଲୁଛନ୍ତି । ସେମାନେ ହତଧରାଧରି ହୋଇ ବୁଲିବେ ପୁଣି ମୋବାଇଲ ବି ଦେଖିବେ – ଉଭୟ ତ ଏକ ସାଙ୍ଗରେ ହୋଇ ପାରିବ ନାହିଁ । ଏ ସମୟରେ ଲାଞ୍ଜ କେତେ କାମ କରିଦେଇପାରିବ ଭାବନ୍ତୁ । ହୁଏତ ସେମାନେ ଲାଞ୍ଜ ଧରାଧରି ହୋଇ ଚାଲିବେ, ହାତରେ ଧରିଥିବେ ମୋବାଇଲ । କିମ୍ବା ହାତ ଧରାଧରି ହୋଇ ଚାଲିବେ, ଲାଞ୍ଜରେ ଧରିଥିବେ ମୋବାଇଲ ।

ମନର ଭାବ ପ୍ରକାଶ କରିବା ପାଇଁ ଲାଞ୍ଜ କେତେ କାର୍ଯ୍ୟକାରି ସାଧନ ଥରେ ଭାବନ୍ତୁ । ଯେଉଁମାନେ ଘରେ କୁକୁର ରଖିଛନ୍ତି, ଲକ୍ଷ କରିଥିବେ କୁକୁର ଖୁସି ହୋଇଗଲେ ଘନଘନ ଲାଞ୍ଜ ହଲାଏ । ଅର୍ଥାତ କୁକୁର ଯେତେବେଳେ ଘନଘନ ଲାଞ୍ଜ ହଲଉଛି, ଜାଣିବେ ସେ ଖୁସି ଅଛି । ବାଘ ଆକ୍ରମଣ କରିବା ପୂର୍ବରୁ ଲାଞ୍ଜକୁ ତଳେ ପିଟେ । ସେଟା ହେଲା କ୍ରୋଧର ସଂକେତ । ଏମିତି ଲାଞ୍ଜ ଜରିଆରେ ମନର ଭାବ ବ୍ୟକ୍ତ କରିହୁଏ । ମଣିଷର ଲାଞ୍ଜ ଥିଲେ କେତେ ସୁବିଧା ହୋଇଥାନ୍ତା ଭାବନ୍ତୁ । ଟ୍ରମ୍ପ ଇରାନ ଉପରେ ରାଗି ପ୍ରତିଦିନ ବାର କଥା କହୁଛନ୍ତି । ସେଥିରେ ତାଙ୍କର ସମୟ ନଷ୍ଟ, ସାମ୍ବାଦିକମାନେ ବି ତାଙ୍କ କଥାକୁ ରିପୋର୍ଟ କରି କରି ପରେଶାନ । ଟ୍ରମ୍ପଙ୍କର ଗୋଟେ ଲମ୍ବା ଲାଞ୍ଜ ଥିଲେ, ସେ ତାକୁ ତଳେ ଦି ଚାରିଥର ପିଟି ଦିଅନ୍ତେ – ଲୋକେ ଜାଣନ୍ତେ – ଟ୍ରମ୍ପ ରାଗିଛନ୍ତି ।

# ଆଜିର ଯୁବପିଢ଼ିର ଆତ୍ମହତ୍ୟା ପ୍ରବୃତ୍ତି



ସୌମ୍ୟ ରଞ୍ଜନ ଦାଶ
ଅଧ୍ୟାପକ
ବିରଜା ଆଇନ ମହାବିଦ୍ୟାଳୟ
ଯାଜପୁର
ମୋ ୮୮୯୫୯୫୨୩୧୫

ଆଧୁନିକ ସଭ୍ୟତାର ଚାକଚକ୍ୟ ଓ ପ୍ରଯୁକ୍ତିବିଦ୍ୟାର ବିସ୍ଫୋରଣ ମଧ୍ୟରେ ଆଜିର ମଣିଷ ନିଜକୁ ବିଶ୍ୱବ୍ରହ୍ମାଣ୍ଡର ଶୀର୍ଷରେ ବୋଲି ମନେ କରୁଛି । ଶିକ୍ଷାର ପ୍ରସାର, ଆର୍ଥିକ ସ୍ୱଚ୍ଛଳତା ଏବଂ ସୁବିଧା ସୁଯୋଗର ପ୍ରାଚୁର୍ଯ୍ୟ ସତ୍ତ୍ୱେ ସମାଜର ମେରୁଦଣ୍ଡ କୁହାଯାଉଥିବା ଯୁବପିଢ଼ି ମଧ୍ୟରେ ଆତ୍ମହତ୍ୟା ଭଳି ଏକ ଆତ୍ମଘାତୀ ପ୍ରବୃତ୍ତି ଯେଉଁଭଳି ଭାବରେ କାୟାବିସ୍ତାର କରିବାରେ ଲାଗିଛି, ତାହା ଚିନ୍ତାର ବିଷୟ ନୁହେଁ ବରଂ ଏକ ଗଭୀର ସାମାଜିକ ବିଭୀଷିକା । ଯେଉଁ ବୟସରେ ସ୍ୱପ୍ନ ଦେଖିବା ଓ ଆକାଶକୁ ଛୁଇଁବାର ଅଦମ୍ୟ ଇଚ୍ଛା ରହିବା କଥା, ସେହି ବୟସରେ ଯୁବକଟିଏ ମୃତ୍ୟୁକୁ ଆଲିଙ୍ଗନ କରିବା ପାଇଁ ନିଷ୍ପତ୍ତି ନେବା ଆମ ଶିକ୍ଷା ବ୍ୟବସ୍ଥା, ପାରିବାରିକ ଗଠନ ଏବଂ ସାମୂହିକ ମନସ୍ତତ୍ତ୍ୱ ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଆତ୍ମହତ୍ୟା କୌଣସି ଆକସ୍ମିକ ସଂଘଟିତ ଘଟଣା ନୁହେଁ, ବରଂ ଏହା ଦୀର୍ଘ ସମୟର ନୀରବ ଅନ୍ତର୍ଦାହ, ମାନସିକ ଅବସାଦ ଓ ଅସୀମ ଶୂନ୍ୟତାର ଏକ ଶୋଚନୀୟ ପରିଣତି । ଏହି ସମସ୍ୟାର ମୂଳୋତ୍ପାଟନ କରିବାକୁ ଗଲେ ଆମକୁ ଆଜିର ପାରିବାରିକ ସଂରଚନାକୁ ପ୍ରଥମେ ଅନୁଧ୍ୟାନ କରିବାକୁ ହେବ । କ୍ଷୁଦ୍ର ପରିବାରର ସୀମିତ ପରିସର ମଧ୍ୟରେ ଜନ୍ମିତ ଆଜିର ସନ୍ତାନଟି ପିତାମାତାଙ୍କର ଅତ୍ୟଧିକ ସ୍ନେହ, ଅତ୍ୟାଧୁନିକ ସୁବିଧା ଓ ଅବାଧ ସ୍ୱାଧୀନତା ମଧ୍ୟରେ ବଢୁଛି । ପିଲାର ପ୍ରତ୍ୟେକ ଇଚ୍ଛା ପ୍ରକାଶ ପାଇବା ମାତ୍ରେ ତାହା ପୂରଣ ହେଉଛି, ଯାହା ଫଳରେ ସେ ଜୀବନରେ 'ନା' ଶବ୍ଦଟି ସହ ପରିଚିତ ହେବାର ସୁଯୋଗ ପାଉନାହିଁ । ଏହି କୃତ୍ରିମ ସୁରକ୍ଷିତ ପରିବେଶରେ ବଢୁଥିବା ପିଲାଟି ଭାବୁଛି ଯେ ଜୀବନର ପ୍ରତ୍ୟେକ ସଫଳତା ଅତ୍ୟନ୍ତ ସହଜଲଭ୍ୟ । କିନ୍ତୁ ବାସ୍ତବ ଜୀବନର ରୁକ୍ଷ ପଥରେ ଯେତେବେଳେ ସେ କଲେଜ କିମ୍ବା ବୃତ୍ତିଗତ କ୍ଷେତ୍ରରେ ପ୍ରଥମଥର ପାଇଁ ବିଫଳତା, ପ୍ରତ୍ୟାଖ୍ୟାନ କିମ୍ବା ଅବହେଳାର ସମ୍ମୁଖୀନ ହେଉଛି, ସେତେବେଳେ ତାର ମାନସିକ ସଂକଳ୍ପ ବାଲିଘର ଭଳି ଭୁଶୁଡ଼ି ପଡୁଛି । ଏହି ମାନସିକ ଅପକ୍ୱତା ଯୁବମାନସକୁ ଏତେ ମାତ୍ରାରେ ବିବଶ କରିଦେଉଛି ଯେ, ସେ ଏକ ସାଧାରଣ ପରାଜୟକୁ ଜୀବନର ଶେଷ ବିନ୍ଦୁ ବୋଲି ଧରି ନେଉଛି । ପ୍ରତିଘାତ ସହିବାର ଶକ୍ତି ହରାଇ ବସିଥିବା ଏହି ଦୁର୍ବଳ ମନସ୍ତତ୍ତ୍ୱ ହିଁ ଆଜି ଅନେକ ଯୁବକଙ୍କୁ ମୃତ୍ୟୁର ଅନ୍ଧକାର ଗଳିକୁ ଠେଲି ଦେଉଛି । ଶିକ୍ଷା ଓ କ୍ୟାରିୟରକୁ ନେଇ ସମାଜର ଅତ୍ୟଧିକ ଚାପ ଆଜି ଯୁବପିଢ଼ି ପାଇଁ ଏକ ମୃତ୍ୟୁଫାନ୍ଦ ସଦୃଶ ହୋଇଛି । ପରିବାରଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ ପର୍ଯ୍ୟନ୍ତ ସବୁଠାରେ କେବଳ 'ସଫଳତା'କୁ ହିଁ ମାପଦଣ୍ଡ ଭାବେ ଗ୍ରହଣ କରାଯାଉଛି । ଭଲ ମାର୍କ, ପ୍ରତିଷ୍ଠିତ କଲେଜରେ ନାମଲେଖା ଓ ଉଚ୍ଚ ବେତନର ଚାକିରି ପାଇଁ ଯେଉଁ ଅନ୍ଧ ପ୍ରତିଯୋଗିତା ଚାଲିଛି, ତାହା ମଧ୍ୟରେ ଯୁବମାନଙ୍କର ନିଜସ୍ୱ ଇଚ୍ଛା, ଆଗ୍ରହ ଓ ମୌଳିକ ସ୍ୱପ୍ନଗୁଡ଼ିକ ଅଣନିଶ୍ୱାସୀ ହୋଇ ଦବିଯାଉଛି । ଜୀବନକୁ ସେମାନେ ଆଉ ଆନନ୍ଦର ସହ ବଞ୍ଚିପାରୁ ନାହାନ୍ତି, ବରଂ ଏକ ବୋଝ ଭାବରେ ଗ୍ରହଣ କରୁଛନ୍ତି । ପଢ଼ାଶେଷ କରି ଚାକିରି ପାଇବା ପରେ ମଧ୍ୟ ଏହି ଯନ୍ତ୍ରଣା ସମାପ୍ତ ହେଉନାହିଁ । ଆର୍ଥିକ ଦାୟିତ୍ୱ, ପାରିବାରିକ ଆବଶ୍ୟକତା ଓ ସାମାଜିକ ପ୍ରତିପତ୍ତି ରକ୍ଷା କରିବାର ନିରନ୍ତର ଚାପ ତାକୁ ଏକ ଯାନ୍ତ୍ରିକ ଘୂର୍ଣ୍ଣିବଳୟ ମଧ୍ୟକୁ ଟାଣି ନେଉଛି । ଅଧିକ ରୋଜଗାର କରିବା ଓ ସମାଜରେ ନିଜକୁ ଶ୍ରେଷ୍ଠ ପ୍ରମାଣିତ କରିବାର ଅନ୍ତହୀନ ଦୌଡ଼ରେ ସେ ନିଜର ମାନସିକ ଶାନ୍ତି, ଶାରୀରିକ ସ୍ୱାସ୍ଥ୍ୟ ଓ ବଞ୍ଚିବାର ମୌଳିକ ସୁଖକୁ ବଳି ଦେଉଛି । ଆଧୁନିକ ଯୁଗର ଅଭିଶାପ ସଦୃଶ ସୋସିଆଲ ମିଡିଆ ମଧ୍ୟ ଯୁବମନରେ ଏକ ଭୟଙ୍କର ଭ୍ରମ ସୃଷ୍ଟି କରୁଛି । ଡିଜିଟାଲ ଦୁନିଆର 'ଇନଫ୍ଲୁଏନ୍ସର'ମାନଙ୍କର ନକଲି ଆଡ଼ମ୍ବର, ବିଳାସପୂର୍ଣ୍ଣ ଜୀବନଶୈଳୀ ଓ କୃତ୍ରିମ ସଫଳତାକୁ ଦେଖି ଯୁବପିଢ଼ି ନିଜ ଜୀବନ ସହ ତୁଳନା କରୁଛନ୍ତି । ଫଟୋ ଓ ଭିଡିଓରେ ଦେଖାଯାଉଥିବା ସେହି ଚମକକୁ ସତ୍ୟ ବୋଲି ଭାବି ସେମାନେ ନିଜର ସୀମିତ ସାମର୍ଥ୍ୟରୁ ଅଧିକ ଖର୍ଚ୍ଚ କରୁଛନ୍ତି ଏବଂ ଲୋକଦେଖାଣିଆ ଜୀବନ ବଞ୍ଚିବା ପାଇଁ ଋଣଗ୍ରସ୍ତ ହେଉଛନ୍ତି । ଯେତେବେଳେ ବାସ୍ତବ ଜୀବନର ରୁକ୍ଷ ସତ୍ୟ ସାମ୍ନାକୁ ଆସୁଛି, ସେତେବେଳେ ସେମାନେ ନିଜକୁ ଅଯୋଗ୍ୟ ଓ ବିଫଳ ମନେ କରି ଅବସାଦର ଗର୍ତ୍ତରେ ହଜିଯାଉଛନ୍ତି । ଏହା ସହିତ ଆବେଗିକ ସମ୍ପର୍କର ବିଫଳତା, ଯଥା—ପ୍ରେମରେ ପ୍ରତ୍ୟାଖ୍ୟାନ କିମ୍ବା ବ୍ରେକ୍-ଅପ୍ ଭଳି ଘଟଣାକୁ ଆଜିର ଯୁବପିଢ଼ି ସହଜରେ ଗ୍ରହଣ କରିପାରୁ ନାହାନ୍ତି । ଭାବନାତ୍ମକ ସ୍ତରରେ ସେମାନେ ଏତେ ଦୁର୍ବଳ ହୋଇପଡୁଛନ୍ତି ଯେ, ଏକ ସମ୍ପର୍କର ଅନ୍ତକୁ ସେମାନେ ନିଜ ସମଗ୍ର ଜୀବନର ଅନ୍ତ ବୋଲି ଧରି ନେଉଛନ୍ତି । ସବୁଠାରୁ ମର୍ମନ୍ତୁଦ ବିଷୟ ହେଉଛି, ପରିବାର ଭିତରେ ବଢୁଥିବା 'ସଂଳାପହୀନତା' । ଆଜି ଗୋଟିଏ ଛାତ ତଳେ ପିତାମାତା ଓ ସନ୍ତାନ ରହୁଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଏକ ଅଦୃଶ୍ୟ ପ୍ରାଚୀର ଠିଆ ହୋଇଛି । ପ୍ରତ୍ୟେକ ବ୍ୟକ୍ତି ନିଜର ମୋବାଇଲ ଓ ସ୍ୱାର୍ଥପର ଦୁନିଆରେ ବ୍ୟସ୍ତ । ଯୁବମାନସର ନୀରବ ଆତ୍ମଚିତ୍କାର ଶୁଣିବାକୁ କାହା ପାଖରେ ସମୟ ନାହିଁ । ଯେତେବେଳେ ଜଣେ ଯୁବକ ନିଜର ମାନସିକ ଯନ୍ତ୍ରଣା ବା ଅସହାୟତା ପ୍ରକାଶ କରିବାକୁ ଚାହେଁ, ସେତେବେଳେ ପରିବାର ତାକୁ ବୁଝିବା ପରିବର୍ତ୍ତେ ଉପଦେଶର ବାଣ ମାରିଥାନ୍ତି । ଫଳରେ ଯୁବକଟି ନିଜକୁ ଏକାକୀ ମନେ କରେ ଏବଂ ତାର ଅନ୍ତରର କୋହ ଧୀରେ ଧୀରେ ଏକ ଭୟଙ୍କର ନିଷ୍ପତ୍ତିର ରୂପ ନିଏ । ମାନସିକ ସ୍ୱାସ୍ଥ୍ୟକୁ ନେଇ ଆଜି ମଧ୍ୟ ସମାଜରେ ଏକ ପ୍ରକାର ନୀରବତା ରହିଛି । ମନ ଖରାପ ହେବା କିମ୍ବା ଚିନ୍ତିତ ରହିବାକୁ ଦୁର୍ବଳତା ବୋଲି ମନେ କରାଯାଉଥିବାରୁ ଅନେକେ ସାହାଯ୍ୟ ମାଗିବାକୁ କୁଣ୍ଠାବୋଧ କରନ୍ତି । ଏହି ଆତ୍ମଘାତୀ ସମସ୍ୟାର ସମାଧାନ କେବଳ ସରକାରୀ ଆଇନ କିମ୍ବା ଚିକିତ୍ସା ଦ୍ୱାରା ସମ୍ଭବ ନୁହେଁ; ଏଥିପାଇଁ ଏକ ସାମୂହିକ ସାମାଜିକ ବିପ୍ଲବର ଆବଶ୍ୟକତା ରହିଛି । ପରିବାର ହେଉଛି ପ୍ରଥମ ପାଠଶାଳା, ତେଣୁ ପିତାମାତାମାନେ ପିଲାଙ୍କୁ କେବଳ ସଫଳତାର ମନ୍ତ୍ର ନୁହେଁ, ବରଂ ବିଫଳତାକୁ ସାମ୍ନା କରିବାର ଧୈର୍ଯ୍ୟ ଓ ସାହସ ଦେବା ଉଚିତ । ପିଲାଙ୍କୁ ଶିଖାଇବାକୁ ହେବ ଯେ ଜୀବନ ଏକ ପରୀକ୍ଷା ନୁହେଁ, ବରଂ ଏକ ଯାତ୍ରା ଯେଉଁଠାରେ ଉତ୍ଥାନ-ପତନ ରହିବା ସ୍ୱାଭାବିକ । ଶିକ୍ଷାନୁଷ୍ଠାନଗୁଡ଼ିକରେ କେବଳ ପାଠ୍ୟପୁସ୍ତକର ଜ୍ଞାନ ନୁହେଁ, ବରଂ ଜୀବନ କୌଶଳ ଓ ମାନସିକ ଦୃଢ଼ତା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଯୁବମାନଙ୍କୁ ବିଶ୍ୱାସ ଦେବାକୁ ହେବ ଯେ ସେମାନଙ୍କର ପ୍ରତ୍ୟେକଟି ସମସ୍ୟାର ସମାଧାନ ଅଛି ଏବଂ ମୃତ୍ୟୁ କୌଣସି ପଥର ଶେଷ ନୁହେଁ ।

ଆଜିର ଯୁବମୃତ୍ୟୁଗୁଡ଼ିକୁ କେବଳ ବ୍ୟକ୍ତିଗତ ଦୁର୍ବଳତା ବୋଲି ଭାବି ଅବହେଳା କରିଦେବା ସମାଜର ସବୁଠାରୁ ବଡ଼ ଭୁଲ୍ । ଯେଉଁ ଯୁବକଟିଏ ଆତ୍ମହତ୍ୟା କରୁଛି, ସେ ମରୁନାହିଁ—ସେ ପୂର୍ବରୁ ଅନେକଥର ଭିତରୁ ଭାଙ୍ଗିପଡ଼ିଥାଏ, କିନ୍ତୁ ଆମେ ସେଇ ନୀରବ ଚିତ୍କାରକୁ ଶୁଣିପାରୁନାହିଁ କିମ୍ବା ଶୁଣିବାକୁ ଚାହୁଁନାହିଁ । ଆଜି ଆବଶ୍ୟକ ହେଉଛି—ପିତାମାତା, ଶିକ୍ଷକ, ସମାଜ ଓ ନୀତିନିର୍ଦ୍ଧାରକମାନେ ଏକାଠି ହୋଇ ଯୁବମାନଙ୍କୁ କେବଳ ସଫଳତାର ଭାର ନୁହେଁ, ବଞ୍ଚିବାର ଅର୍ଥ ମଧ୍ୟ ଶିଖାଇବା । ବିଫଳତାକୁ ଅପମାନ ନୁହେଁ, ଅନୁଭବ ଭାବରେ ଗ୍ରହଣ କରିବାର ସାହସ ଦେବାକୁ ହେବ । ଯେପର୍ଯ୍ୟନ୍ତ ଆମେ ଯୁବମନକୁ ଶୁଣିବା ଶିଖିନାହୁଁ, ସେପର୍ଯ୍ୟନ୍ତ ପ୍ରଗତିର ଆଲୋକ ତଳେ ଏହି ନୀରବ ମୃତ୍ୟୁ ଚାଲିରହିବ ।

ପରିଶେଷରେ, ଆଜି ଯଦି ଆମେ ଯୁବପିଢ଼ିର ଏହି ନୀରବ ଆତ୍ମଚିତ୍କାରକୁ ଶୁଣିବାରେ ବିଫଳ ହେଉ, ତେବେ ଆସନ୍ତାକାଲି ଆମେ ଏକ ଶକ୍ତିହୀନ ଓ ଆତ୍ମବିଶ୍ୱାସହୀନ ଭବିଷ୍ୟତର ସମ୍ମୁଖୀନ ହେବା । ଜୀବନ ଅମୂଲ୍ୟ, ଏବଂ ଏହି ସତ୍ୟକୁ ଯୁବମାନସରେ ପ୍ରତିଷ୍ଠିତ କରିବା ଆଜିର ସମୟର ସବୁଠାରୁ ବଡ଼ ଆହ୍ୱାନ । ଆତ୍ମହତ୍ୟାର ଏହି ନୀରବ ମହାମାରୀ ବିରୋଧରେ ଆମକୁ ଏକଜୁଟ ହୋଇ ଲଢ଼ିବାକୁ ହେବ, ଯେପରି କୌଣସି ବି ସ୍ୱପ୍ନ ଅକାଳରେ ଝଡ଼ି ନ ପଡ଼େ । ସେମାନଙ୍କୁ ଦର୍ଶାଇବାକୁ ହେବ ଯେ, ଅନ୍ଧକାର ପରେ ସୂର୍ଯ୍ୟୋଦୟ ଅପରିହାର୍ଯ୍ୟ ଏବଂ ସଂଘର୍ଷ ହିଁ ଜୀବନର ଅନ୍ୟ ନାମ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ସ୍ତ୍ରୀ


ସ୍ନିଗ୍ଧା ପଣ୍ଡା


ସେ ପୃଥିବୀକୁ ଆସେ ଛୋଟ ଛୁଆ ହୋଇ
ମଣିଷର ଛୁଆ
ତା'ପରେ ଘୋଷଣା କରାଯାଏ
ଝିଅ ହେଇଛି
ଝିଅ !!!
ଝିଅ !!!

ଏ ଥର ଲଗେଇ ଦିଆଯାଏ ଟିପା
ପିନ୍ଧେଇ ଦିଆଯାଏ ଫ୍ରକ୍ ଆଉ ବଳା
ସେଇ ବଳା ଯାହା ବୟସ ସାଙ୍ଗେ ବଦଳୁଥାଏ
ମୋଟା ହେଉଥାଏ
ଦିନେ ବେଡି ହେଇଯାଏ
ସେ ଚାହିଁଲେ ଉତାରି ପାରେନା
ସେ ପରା ଝିଅ !!!
ଝିଅ !!!

ତା' ମୁଣ୍ଡରେ ରଙ୍ଗୀନ୍ ରିବନ୍ ଫିତା
ରଙ୍ଗୀନ୍ ପ୍ରଜାପତି ପରି କ୍ଲିପ୍
ହେଲେ ସେ ଜମା ଉଡେନା
ପାଦ ସାମ୍ନାରେ ଥାଏ ଲକ୍ଷ୍ମଣଗାର

ଡେଇଁ ଯାଇପାରେନା
ବହିରୁ ମୁଖସ୍ତ କରେ ପ୍ରଶ୍ନମାନଙ୍କର ଉତ୍ତର
ପ୍ରଶ୍ନ ପଚାରିପାରେନା
ସେ ପରା ଝିଅ !!!
ଝିଅ !!!

ତା' ପାଦରେ ପାଉଁଜି
ରୁଣୁଝୁଣୁ ବାଜୁବାଜୁ
ଦିନେ ତାହା ଶିକୁଳି ପାଲଟିଯାଏ
ଶିକୁଳିରେ ତାଲା
ଚାବି ଝୁଲୁଥାଏ ସଂସ୍କାର କାନ୍ଥରେ
ତା'କୁ ହାତ ବଢେଇବା ମନା
ସେ ପରା ଝିଅ !!!
ଝିଅ !!!

ସେ ମଣିଷ ହେବାକୁ ଚାହେଁ
ହେଲେ ତା'କୁ ସ୍ତ୍ରୀ କରିଦିଆଯାଏ
କୋମଳ ମୁଲାୟମ୍ ରେଶମ ପରି
ଧୀରେ ଧୀରେ ତାକୁ
ଖୋସା ଭିତରକୁ ପଠେଇଦିଆହୁଏ
ଯୋଉଠି ପ୍ରସ୍ତୁତି ଚାଲିଥାଏ
ଆଉ ଗୋଟେ ଅଧ୍ୟାୟ
ଝିଅରୁ ସ୍ତ୍ରୀ ହେବାର !!

ସ୍ତ୍ରୀ ମାନେ ତ ଅଶକ୍ତ
ସ୍ଲୋଗାନ୍‌ରେ ତାକୁ ସଶକ୍ତ କରାଯାଏ
ତା' ପାଇଁ ତିଆରିହୁଏ ଯୋଜନା
ଉପମା ଲାଗିଥିବା ସୁନ୍ଦର ଶବ୍ଦର
ତା' ପାଇଁ କରାଯାଏ ଘୋଷଣା
ଅନୁଦାନ, ସହାୟତାର
ତା'ର ଲୋଡା କି ନାହିଁ କେହି ପଚାରି ନ ଥାଏ ।।
ଆରମ୍ଭରୁ ସେ ସ୍ତ୍ରୀ ହୋଇ ନ ଥାଏ
ଏମିତି ତାକୁ ସ୍ତ୍ରୀ କରିଦିଆଯାଏ
କେବେ କେବେ ଦେବୀ ବି କରିଦିଆଯାଏ
ହେଲେ ମଣିଷ କରାଯାଏନା ।।


ମୋ-୯୮୬୧୩୨୩୬୫୦


# ଏଇଦିନ... ।।


ସୁଜିତ କୁମାର ମିଶ୍ର


ଏଇ ଦିନ
ଗର୍ବ ଗୌରବର ଘଟଣା ଘଟେ,
ପ୍ରାଣ ଚନ୍ଦନ, ଫୁଲ ପରି ଚହଟେ ।

ଏଇ ଦିନ ରକ୍ତାକ୍ତ ମାଟିରେ
ବୋଳାଯାଏ ଫଗୁରଙ୍ଗ,
ଲୁହଫୁଲରେ କରାଯାଏ ଆରାଧନା,
ନମନ,
ସ୍ଲୋଗାନରେ ଛୁଟୁଥାଏ ଆମେ
ନମ୍ବର ୱାନ୍ ।

ଏଇ ଦିନ ମଧୁର ମଧୁର ଲାଗେ
ମାଟିର ଗୀତ,
ସିଲେଇକରି ଚକଚକ କରାଯାଏ
ସମ୍ବେଦନାର ନଈରେ
ତା ଚିରା ପଣତ ।

ଏଇ ଦିନ ସଂସାର ଜଂଜାଳ ଛାଡି
ଆୟୋଜନ ହୁଏ ସଭା, ଅନଶନ
ଓ ଗଣଧାରଣା,
ଫେରେଇ ଦିଆଯାଏ ମାଟିର
ମମତ୍ୱ ପାଉଣା,
ଚାତକର ଦୀର୍ଘ ତୃଷ୍ଣାକୁ
ବର୍ଷା ଦୂର କଲାପରି ଏ ବିଧୁରା ମାଟି
ପିନ୍ଧେ କୃତ୍ରିମ ପ୍ରେମବର୍ଷାର
କିଣା ଗହଣା ।

ଏଇ ଦିନ ସବୁ ସ୍ୱାଭିମାନ
ଗୋଟିଏ ଜାଗାରେ ସମାବେଶ,
ମାଟି ପ୍ରେମର ସଭିଏଁ ବାର୍ଷିକ ଗ୍ରାହକ,
ତୁମ୍ଭି ତୋଫାନରେ ସିଝେ ଦେହ ମନ,
ବକଳ ଛାଡେ ହୃଦୟ ଗଛରୁ,
ବେଶ୍ ଆଲୋକ ମୁଖର
ଜଣାପଡେ ଏକଦିବସୀୟ ତପ ।

ଏଇ ଦିନ ଗାଆଁ ସହର ସବୁଠି
ଫେରାର୍ ପଶୁ,
ବସନ୍ତ ଆଗତେ ବୈଶାଖ ଗଲାପରି,
ଧାନରୁ ବଛାଯାଏ ଚଷୁ,
ଓଠ ହୁଏ ଭାବମୟ,
ଗୋଲାମୀପଣ ହୁଏ ପ୍ରୀତିର ଗୋଲାପ,
ସରାଗ ଶବ୍ଦଟିଏ ଅର୍ପି ଦିଆଯାଏ ''ସ୍ୱର୍ଣ୍ଣପ୍ରସୂ'',
ଚାଳ ବାଜେ ଘରକୁ ପଶୁ ପଶୁ ।

ଏଇ ଦିନ ପୂର୍ବବତ
କରାଯାଏ ଚାଙ୍ଗୁଡି ଚାଙ୍ଗୁଡି
ଶପଥର ଶିଳାନ୍ୟାସ,
ନିସ୍ୱ ପାଏ ସୌଭାଗ୍ୟରଫଳ, ଦୟାର ଗାମୁଛା,
ଆଶ୍ୱାସନାର ରକ୍ତ,
ଏଇଦିନ ହୁଏ

ଲକ୍ଷ ଲକ୍ଷ ବହିର ଲୋକାର୍ପଣ,
ମହଣ ମହଣ ମାନପତ୍ରରେ
ମଣ୍ଡିତ କରାଯାଏ ପ୍ରତିଭୁ ମାନଙ୍କୁ,
ଚିହ୍ନଟ କରାଯାଏ ମାଟିର
ସପନ ଶୋଷ ।

ଏଇ ଦିନ ବହେ ମଳୟ ପବନ,
ତେଲରେ ଚିକ୍କଣ କରାଯାଏ ପିଠି,
ଆସର ହୁଏ ରୂପଚର୍ଯ୍ୟାର,
କଥାର କାକଳିରେ
ଗଢାଯାଏ ବନ୍ଧୁତ୍ୱ,
ମନ ହୁଏ ଇନ୍ଦ୍ର, ମେନେକା ମାନଙ୍କ
ପ୍ରଣୟ କୋଠି ।

ଆମେ ନା ଦାନୀ ହରିଶ୍ଚନ୍ଦ୍ର ନା ଅଗସ୍ତି ?
ଏଇ ଦିନରେ ଏତେ ଦାନ କାହିଁକି
ଲୁହକୁ ମାଟିରେ ବାମହସ୍ତରେ ଲିପିପୋଛି,
ରଙ୍ଗହୀନ ଅଗଣାରେ
ଅସ୍ମିତାକୁ କରି ଆକାଶଛୁଆଁ,
ବାକିଦିନେ ମାଙ୍କଡ଼ ପରି
ସ୍ୱାର୍ଥୀ ଡିଆଁ,
ଏଇ ଦିନ ତୋଫାଜହ୍ନ ଜୋଛନାରେ ଭରା
ଆମ ଉଇହୁଙ୍କା ଛାତି ।

ଆଉ କେତେ କାଳ
ଏ ଦିନ ସହ ସଂପୃକ୍ତ ଥିବ ଏକ
ବିଶାଳ ଛଳର ହଳାହଳ ?
ମାଟି ସହ ଏ ନିବିଡ଼ ପ୍ରବଞ୍ଚନା
ନୁହେଁ କି ଏପ୍ରିଲ ଫୁଲର ପୂର୍ଣ୍ଣ ପାପଫଳ ?

ମାଟି କଣ ଶକୁନୀ ମାନଙ୍କ
ପଶାଗୋଟି ?


ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ : ୭୬୮୩୮୬୭୭୪୨


# ଅସରାଏ ବର୍ଷା


ବନଜା ବିଶ୍ୱାଳ


ଝଡ଼ ତୋଫାନ ସାଙ୍ଗରେ,
ଫାଜିଲ ହୋଇ ବର୍ଷିଗଲା
ଅସରାଏ ବର୍ଷା ଯାହା
ଉତ୍ତପ୍ତ ଧରାକୁ ଛୁଇଁଗଲା ।

ପକ୍ଷୀମାନେ କଳରବ କରି
ଆନନ୍ଦିତ ହେଉଥିଲେ,
ସେ ଅଳପ ଆଳାପକୁ
ମନଭରି ଉପଭୋଗ କରୁଥିଲେ ।

ବର୍ଷା ଛିଟାରେ ଡେଣା ମେଲି
ସତେଜ ହେଉଥିଲେ,
ସେ ଦୃଶ୍ୟର ମୋହରେ
ମନକୁ ମୋ ବାନ୍ଧି ଦେଇଥିଲେ ।

ବୁନ୍ଦା ବୁନ୍ଦା ବର୍ଷା ବିନ୍ଦୁ
କେଜାଣି କଣ ସବୁ କହୁଥିଲେ,
ନିଶବ୍ଦ ଶବ୍ଦର ସ୍ୱର ଶୁଣି
ଭିଜୁଥିଲି ମୁଁ ତୁମ ସାଇତା ସ୍ମୃତିରେ ।

ମାଟିର ମହକ, ପକ୍ଷୀଙ୍କ କାକଳୀ ,
କୋହଲା ପବନ, ତୁମ ପରି..
ଶୀତଳ ସ୍ପର୍ଶରେ ମୋ ଆତ୍ମାକୁ
ପୁଲକିତ କରିଦେଇଥିଲେ ।

ତୁମ ସହ ଭାବନା ରାଜ୍ୟରେ
ସେ ଅଳପ ଆଳାପର ଆସର,
ମୋ ଆତ୍ମାକୁ ଭିଜେଇ ବୋଧହୁଏ
ତୁମ ପାଖକୁ ଚାଲିଗଲା ।

ଶିହରିତ ହେଲା ତନୁ-ମନ,
ମାଧବଙ୍କ ମୁରଲୀ ସ୍ୱନରେ
ରାଇ ମନ ଝୁରୁଥିଲା ଯେନ୍‌ହେଁ
ଯମୁନା ତୀରରେ ଅବା କଦମ୍ବ
ବନରେ ।

ଝଡ଼ ତୋଫାନ ସାଥୀରେ,
ମୋତେ ଆନମନା କରିଦେଲା
ସେହି ଅସରାଏ ବର୍ଷା
ମୋହନଙ୍କ ପ୍ରୀତି ପରଶରେ ।


ଭାଣପୁର, ଗୋପାଳପୁର
କଟକ-୭୫୩୦୧୧
ମୋ-୮୧୪୪୫୫୭୪୬୧


# ନିଜ ନିଆଁରେ ନିଜେ


ଆଦ୍ୟାଶା ମହାପାତ୍ର


ଏ ବିଶ୍ୱ ବକ୍ଷରେ ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ ଆମେ ଅବିରଳ
ତଥାପି କାହିଁକି ହିଂସା ଅହମିକା ଦୃଶ୍ୟ ହୁଏ ଚିରକାଳ,
କେତେଦିନ ଆଉ ଚାଲୁଥିବ ଏଇ ରକ୍ତପାତ ବିଭୀଷିକା
ନେଇ ଚାଲିଥିବ ନୀରିହ ଜୀବନ ନିଃସ୍ୱ ଥିବ ନୈତିକତା !!

ଭୁଲିଲା କି ବିଶ୍ୱ ମାନବବାଦର କାଳଜୟୀ ମହାମନ୍ତ୍ର
ଧ୍ୱଂସସ୍ତୁପ ପରେ ଉଡାଏ ସଗର୍ବେ ରକ୍ତ ରଞ୍ଜିତ ଜୈତ୍ର,
ଚାଲେ ଆକ୍ରମଣ ଧରି ସ୍ୱାଭିମାନ ତାଣ୍ଡବ ସୃଜନେ ଲୟ
ପ୍ରତିହିଂସା ବହ୍ନି ଜଳଇ ପ୍ରଖରେ ମୃତ୍ୟୁରେ ନିହିତ ମୋହ !!

ଯୁଦ୍ଧେ କି ସତେ ସୌନ୍ଦର୍ଯ୍ୟ ସୁରଭି ଖେଳିଯାଏ ମୁହୁର୍ମୁହୁ
ପିପାସିତ ଆତ୍ମା ତୃପତି ଲଭଇ ପିଇ କା'ର ଲୁହ ଲହୁ,
ଯୁଦ୍ଧ ଘନଘଟା କା' ପାଇଁ ସଉକ କିଏ ହୁଏ ହନ୍ତସନ୍ତ
କ୍ଷତାକ୍ତ କ୍ଷୁଧିତ ଦୁଃଖ ଜର୍ଜରିତ ପ୍ରାଣ କି ଲୋଡେ ସଂଘାତ !!

ପ୍ରାଣୀଜଗତର ଶ୍ରେଷ୍ଠତମ ଜୀବ ଭାବି ଦେଖ ଥରେ କୁହ
ନିଜର ନିଆଁରେ ନିଜେ ଜଳ କିଆଁ ଦେଖିବାକୁ ଅବକ୍ଷୟ !!


ନୂଆପଡା, କଟକ


# ।। ଖରା, ଏକ ନୀଳ ଅହଂକାର ।।


ସୁଧୀର ମେହେର


ଚୈତ୍ରରେ ସ୍ୱର୍ଣ୍ଣ ଚମ୍ପା ଭଳି ଦିଶୁଥିବା
ତୋ'ର ଗୋରା ତକ୍ ତକ୍ ଦେହ,
ଦର୍ପଣରେ ଦିଶେ ଆଜି -କଳା କିଟ୍ ମିଟ୍ ,
ସତେକି କିଏ ବୋଳି ଦେଇଚି
ଦେହ ସାରା ମେଞ୍ଚାଏ ଅଂଧାର ।

ଦିଶେ-
ହଳେ ଟଣା ଟଣା ଆଖି,
ଅଲରା କେଶ
ଶେତା ପଡ଼ି ଯାଇଥିବା ଗୋଟେ ଓଠ
ସତେକି ଓଠରେ ଝୁଲୁଛି
ଅଯୂତ ଯୁଗର ଶୋଷ ।।

ଦିଶେ ବି
ଡ଼ହ ଡ଼ହ ଖରାରେ
ମାଠିଆରେ ଗୋଡ଼ି ପକେଇ ପକେଇ ନୟାନ୍ତ
ଗୋଟେ ବିକଳ କାଉର ଚିତ୍ର,
ଦୂର ବିଦିଗ ଏକର ଏକର ଫଟା ମାଟି
ଆଉ ସେଇ
ଫଟା ମାଟିର ଆଁ ଭିତରୁ ଲମ୍ବି ଆସୁଚି
ସହସ୍ର ଲୋମଶ ହାତ ଆମ ତଣ୍ଟି ପାଖକୁ
କ୍ରମଶଃ ରୁ କ୍ରମଶଃ......।।

ଏବେ,
ସଭିଙ୍କୁ ଗ୍ରାସ କରିଛି
ଗୋଟେ ଅହେତୁକ ଭୟ,
ଏ ସବୁଜ, ଶ୍ୟାମଳ ମାଟି
ଜଳି ପୋଡ଼ି ପାଉଁଶ ହେଇ ଯିବନି ତ !

ଲାଗୁଚି,
ଏ କାହାର ତତଲା ଲୁହର ଅଭିଶାପ ,
କିଏ ଜଣେ ଶୂନ୍ୟରେ ଥାଇ
ଅନବରତ ଢାଳି ଚାଲିଛି ଖପରା ଖପରା ନିଆଁ ଝୁଲ,
ତତଲା ନିଶ୍ୱାସରେ ତା'ର
ପୋଡ଼ି ଯାଉଛି କଦମ୍ବ ବଣ,
ପଦ୍ମ ପୋଖରୀ,
ସବୁଜ,ଶ୍ୟାମଳ ଅରଣ୍ୟ......
ଯେମିତି ପ୍ରତିଜ୍ଞାବଦ୍ଧ ସେ
ଅଗ୍ନିର ଭାଷାରେ ଲେଖିବାକୁ
ଅହଂକାରୀ ମଣିଷର ଅନ୍ତିମ ଅଧ୍ୟାୟ ।।

ଦର୍ପଣ,
ଛାତିରେ ସତ୍ୟକୁ ଟୋଳି ଧରେ,
ନିଜର ଅସଲି ରୂପକୁ ଚିହ୍ନାଏ
ସମ୍ଭାବନାର ବାଟ ଦେଖାଏ
ଦର୍ପଣ ଏକ ଶବ୍ଦହୀନ ଉପନିଷଦ
ଆଉ ତା'ର ପ୍ରତିବିମ୍ବ .....!
ଆମ ଅସ୍ତିତ୍ୱର ଗୋଟେ ଭଙ୍ଗା ଶ୍ଳୋକ,
ଆମ ଅହଂକାରର ଅନ୍ତିମ ସଂସ୍କାର ।

ଦୁଃଖର କଥା,
ଆମେ ,ଆମର ଆଗତ ଭବିଷ୍ୟତକୁ
ଦେଖି ସାରିଲା ପରେ ବି
ପ୍ରତିକ୍ରିୟାହୀନ, ନୀରବ, ନିଶ୍ଚଳ ।

କେଜାଣି
ଆଗକୁ କ'ଣ ହେବ !!


ଚିଚୈଗୁଡା, ଜୁନାଗଡ,
କଳାହାଣ୍ଡି, ପିନ୍ -୭୬୬୦୧୪
ସଂପର୍କ -୯୫୮୩୫୮୮୮୭


# କାହିଁକି ଏ ଯୁଦ୍ଧ


ପ୍ରଣୀତା ମିଶ୍ର


ମୁଣ୍ଡ ଉପରେ ନାହିଁ ଆଉ
ଅଭୟ ସେ ହାତ
ଆବାସ ଧ୍ୱସ୍ତ ବିଧ୍ୱସ୍ତ
ନାହିଁ ଆଉ ବିଦ୍ୟାଳୟ
ଚତୁର୍ଦ୍ଦିଗେ ଧ୍ୱଂସସ୍ତୁପ
କୁଢ଼ କୁଢ଼ ପାଉଁଶର ତଳେ
ଜୀବନ ଖୋଜୁଛି ଭବିଷ୍ୟତ ।
ଆଖିରେ ଆଖିଏ ଲୁହ
ହୃଦୟରେ ଭରା କୋହ
ତଥାପି ଅଛି ଜୀବନ
ଅଛି ପେଟେ ଭୋକ
ବୁନ୍ଦାଏ ଜଳ ପାଇଁକି
ଆଖି ଯେ ତୃଷାର୍ତ୍ତ ।
ହଜିଛି ମୁହଁର ହସ
ଲୁହ ଝରେ ଅବିରତ
ଅଜଣା ଆଶଙ୍କାରେ ସଦା
ହୃଦୟ ଯେ ପ୍ରକମ୍ପିତ ।
ସୀମାନ୍ତରେ ଲାଗିଅଛି ଯୁଦ୍ଧ
ଗୁଳିଗୋଳାର ବର୍ଷଣ
କ୍ଷେପଣାସ୍ତ୍ରର ବିକଟାଳ ଶବ୍ଦ
କଣ ପାଇଁ ଏ ଯୁଦ୍ଧ ?
ଅକାରଣେ ଚାଲିଯାଏ ନିରୀହ ଜୀବନ
ଯୁଦ୍ଧ ପାଇଁ କେବେ ତାର
ମତ ତ ଲୋଡ଼ିନ ?
ତୁମ ଅହମିକା ପାଇଁ
କର ଧ୍ୱଂସ ଏ ଜୀବଜଗତ
ଅନାଥ କରି ଶିଶୁଙ୍କୁ
କୋଳ ଶୂନ୍ୟ କରି ମା'ର
କିବା ଉଡ଼ାଇବ ଧ୍ୱଜ ?

କରିପାର ଯୁଦ୍ଧ ତୁମେ
କାଲି ପୁଣି ହୋଇପାରେ ସନ୍ଧି
ବିଜୟ ବି ଲଭି ପାର
ନିରୀହର ଜୀବନକୁ
ମୃତ୍ୟୁ ଜାଲେ ଛନ୍ଦି
କି ଅବା ଦେବ ଯେ ମୂଲ୍ୟ
ସେହି ଜୀବନର ?
କି ମୂଲ୍ୟ ଦେଇ ପାରିବ
ସେ ପିତୃହରାକୁ
ବୃଦ୍ଧ ସେହି ସନ୍ତାନହରାକୁ
ନେଇ ପାରିବ ସେ ସ୍ଥାନ
ଟାଙ୍ଗର ସେ ଭୂଇଁରେ କି
ଫଳାଇବ ଧାନ ?
ଦେବାକୁ ସାମର୍ଥ୍ୟ ନାହିଁ
ନେଲ କାହିଁ ହରି
ଉଜାଡିଲ ଅର୍ଥନୀତି
କେତେ କେତେ ମାରି ?
କି ଜବାବ ଦେବ କୁହ
ଉତ୍ତରପୀଢିଙ୍କୁ
ଫେରାଇ ଦେବକି କୁହ
ସେ ପ୍ରିୟଜନଙ୍କୁ ?
ଶାନ୍ତି ଧ୍ୱଜ ଉଡୁଥିବ
ଅଶାନ୍ତିର କବର ଉପରେ
ଯୁଦ୍ଧ ଛାଡିଯିବ ଦାଗ
କେବେ ନ ଛାଡିବ
ବିରହୀ ଆଖିଲୁହରେ ଭିଜି ଭିଜି
ତାର ପ୍ରିୟଜନ ଖୋଜୁଥିବ ।





ଭୁବନେଶ୍ୱର

# ଏକ୍ସଟ୍ରା ଖେଳାଳିଙ୍କ ପାଇଁ ନିୟମ ବଦଳାଇଲା ବିସିସିଆଇ : ମ୍ୟାଚ୍ ବେଳେ ଗ୍ରାଉଣ୍ଡକୁ ପ୍ରବେଶ ମନା



**ନୂଆଦିଲ୍ଲୀ**

ଚଳିତ ଆଇପିଏଲ୍‌ରେ ଅତିରିକ୍ତ ଖେଳାଳିମାନଙ୍କ ପାଇଁ ବିସିସିଆଇ ନୂଆ ନିୟମ ଲାଗୁ କରିଛି। ମ୍ୟାଚ୍ ସମୟରେ କୌଣସି ଦଳର ଅତିରିକ୍ତ ଖେଳାଳି ଗ୍ରାଉଣ୍ଡ୍ ମଧ୍ୟରେ ପ୍ରବେଶ କରିପାରିବେ ନାହିଁ। ବିନା ଅନୁମତିରେ ଖେଳୁଥିବା ପ୍ଲେୟାରଙ୍କୁ ପାଣି ବି ପିଆଇ ପାରିବେ ନାହିଁ। କେବଳ ମ୍ୟାଚ୍ ପାଇଁ ଦଳ ମ୍ୟାଚ୍ ରେଫରୀଙ୍କୁ ପ୍ରଦାନ କରିଥିବା ୧୬ ଜଣିଆ ଦଳରେ ରହିଥିବା ଖେଳାଳିମାନେ ମ୍ୟାଚ୍ ଚାଲିଥିବା ସମୟରେ ଗ୍ରାଉଣ୍ଡ ଭିତରେ ପ୍ରବେଶ କରିପାରିବେ। ବାକି ଖେଳାଳି ଡଗ୍ ଆଉଟ୍‌ରେ ବସି ପାରିବେ। ସୂଚନାଯୋଗ୍ୟ, ପ୍ରତ୍ୟେକ ଫ୍ରାଞ୍ଚାଇଜ ୨୫ ଜଣିଆ ଦଳ ଗଠନ କରିବାର ନିୟମ ରହିଛି। ମ୍ୟାଚ୍ ପୂର୍ବରୁ ପ୍ରତ୍ୟେକ ଦଳ କେବଳ ୧୬ଜଣିଆ ଦଳ ତାଲିକା ମ୍ୟାଚ୍ ରେଫରୀଙ୍କୁ ପ୍ରଦାନ କରିବେ। ୧୬ ଜଣ ଖେଳାଳିଙ୍କ ବ୍ୟତୀତ ଅନ୍ୟ କାହାକୁ ପଡ଼ିଆରେ ପ୍ରବେଶ କରିବାକୁ ଅନୁମତି ମିଳିବ ନାହିଁ।

ନୂତନ ନିୟମ ଅନୁଯାୟୀ, ଅବଶିଷ୍ଟ ଖେଳାଳିମାନେ ଡଗ୍ ଆଉଟରେ ରହିବେ ଏବଂ ସୀମା ରେଖା ଏବଂ ଏଲଇଡି ବୋର୍ଡ ମଧ୍ୟରେ ଗତି କରିବାକୁ ଅନୁମତି ଦିଆଯିବ ନାହିଁ। ଦଳର ସୂତ୍ର କହୁଛି ଯେ, ସମ୍ପ୍ରତି ସ୍ପଷ୍ଟ ନିର୍ଦ୍ଦେଶ ଜାରି କରାଯାଇଛି ଯେ, ବଦଳ ଖେଳାଳିମାନେ ମ୍ୟାଚ୍ ସମୟରେ ପଡ଼ିଆରେ ବୁଲିପାରିବେ ନାହିଁ ଏବଂ ପାନୀୟ ନେଇପାରିବେ ନାହିଁ।

୧୧ ଜଣ ଖେଳିବେ ଓ ବାକି ୫ ଜଣ ଖେଳାଳି ଆବଶ୍ୟକ ସ୍ଥଳେ ବଦଳ ଭାବେ ଫିଲ୍ଡିଂ କରି ପାରିବେ, ଗ୍ରାଉଣ୍ଡରେ ଥିବା ଖେଳାଳିଙ୍କ ପାଇଁ ପାଣି ନେଇ ପାରିବେ, ବ୍ୟାଟ ଓ ଅନ୍ୟାନ୍ୟ କ୍ରୀଡ଼ା ଉପକରଣ ନେଇ ପାରିବେ କିମ୍ବା ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ ଖେଳାଳିମାନଙ୍କ ନିକଟରେ କିଛି ସୂଚନା ପହଞ୍ଚାଇ ପାରିବେ। ଦଳର ବାକି ଖେଳାଳିମାନେ ଡ୍ରେସିଂ ରୁମ୍ ଓ ଖେଳାଳିଙ୍କ ପାଇଁ ପ୍ରଦତ୍ତ ସ୍ଥାନରେ ବସି ପାରିବେ। କିନ୍ତୁ କୌଣସି କାର୍ଯ୍ୟ ପାଇଁ ଗ୍ରାଉଣ୍ଡରେ ପ୍ରବେଶ କରିପାରିବେ ନାହିଁ କିମ୍ବା ବାଉଣ୍ଡାରୀ ଲାଇନ୍ ନିକଟରେ ବୁଲା ବୁଲି କରିପାରିବେ ନାହିଁ।

# କୋଲକାତାକୁ ୩ ୱିକେଟରେ ହରାଇଲା ଲକ୍ଷ୍ନୌ

**କୋଲକାତା**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ପଞ୍ଚଦଶ ମ୍ୟାଚ୍‌କୁ ଲକ୍ଷ୍ନୌ ସୁପର ଜଏଣ୍ଟସ ଜିତିନେଇଛି। ଶେଷ ବଲରୁ ଗୋଟିଏ ରନ୍ କାଢ଼ି ଦଳକୁ ବିଜୟ ଦେଇଛନ୍ତି ମୁକୁଳ ଚୌଧୁରୀ। ଦଳକୁ ଜିତାଇବା ପାଇଁ ମୁକୁଳ ଲଢ଼େଇ ଜାରି ରଖିବା ସହିତ ଅର୍ଦ୍ଧଶତକ ହାସଲ କରିଛନ୍ତି।



୧୮୨ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଲକ୍ଷ୍ନୌ ବ୍ୟାଟିଂ ଆରମ୍ଭ କରିଥିଲା। ଦଳର ପ୍ରାରମ୍ଭିକ ବ୍ୟାଟିଂ ଭଲ ଥିଲା। କିନ୍ତୁ ଦଳ ୪୧ ରନ୍‌ରେ ଆଇଦେନ ମାର୍କରାମ, ୪୨ ରନ୍‌ରେ ମିଚେଲ ମାର୍ସ ଏବଂ ୭୩ ରନ୍‌ରେ ରିଷଭ ପନ୍ତ ଆଉଟ୍ ହୋଇଥିଲେ। ମାର୍ସ ୧୧ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ଗୋଟିଏ ଛକା ସହିତ ୧୫ ରନ୍ ସଂଗ୍ରହ କରିଥିଲେ। ମାର୍କରାମ ୧୫ଟି ବଲ୍ ଖେଳି ୨୨ ରନ୍ ସଂଗ୍ରହ କରିଥିଲେ। ଏଥିରେ ସେ ୨ଟି ଚୌକା ଏବଂ ଗୋଟିଏ ଛକା ସାମିଲ କରିଥିଲେ। ରିଷଭ ପନ୍ତ ୯ଟି ବଲ୍ ଖେଳି ଗୋଟିଏ ଚୌକା ସହିତ ୧୦ ରନ୍ ସଂଗ୍ରହ କରିଥିଲେ।

ଇଡେନ୍ ଗାର୍ଡେନ୍‌ସରେ ଗୁରୁବାର ଟସ୍ ଜିଣି ଲକ୍ଷ୍ନୌ ଟିମ୍ ଟସ୍ ଜଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଫଳରେ ଆୟୋଜକ ଘରୋଇ ଦଳ ବ୍ୟାଟିଂ କରିବାକୁ ପଡ଼ିଆକୁ ଓହ୍ଲାଇଥିଲା। ଆଜିଙ୍କ୍ୟ ରହାଣେଙ୍କ ନେତୃତ୍ୱରେ କୋଲକାତା ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୪ଟି ୱିକେଟ୍ ହରାଇ ୧୮୧ ରନ୍ ସଂଗ୍ରହ କରିଥିଲା। କୋଲକାତା ପାଇଁ ଅଗ୍ନିକ୍ରିଶ ରଘୁବଂଶୀ ଏବଂ ଆଜିଙ୍କ୍ୟ ରହାଣେ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ରଘୁବଂଶୀ ୩୩ଟି ବଲ୍‌ର ସାମ୍ନା କରିଥିଲେ ଏବଂ ସେ ୫ଟି ଚୌକା ଓ ୨ଟି ଛକା ବଲରେ ୪୫ ରନ୍ କରିଥିଲେ। ରହାଣେ ୨୪ଟି ବଲ୍ ଖେଳି ୪ଟି ଚୌକା ଏବଂ ୨ଟି ଛକା ସହିତ ୪୧ ରନ୍ କରିଥିଲେ।

କୋଲକାତା ପକ୍ଷରୁ ରୋଭମ୍ୟାନ ପାୱେଲ ଅପରାଜିତ ୩୯ ରନ୍ ସଂଗ୍ରହ କରିଥିଲେ। ସେ ୨୪ଟି ବଲ୍ ଖେଳି ୪ଟି ଚୌକା ଏବଂ ୨ଟି ଛକା ମାରିଥିଲେ। କ୍ୟାମରନ ଗ୍ରିନଙ୍କ ବ୍ୟାଟରୁ ୩୨ ରନ୍ ଅମଳ ହୋଇଥିଲା। ସେ ୨୪ଟି ବଲ୍ ଖେଳି ୩ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ସେହିପରି ଫିନ୍ ଆଲେନ୍ ୯ ରନ୍, ରିଙ୍କୁ ସିଂହ ୪ ରନ୍ କରିଥିଲେ। ପ୍ରୀନ୍ସ ଯାଦବ, ମଣିମାରନ ସିଦ୍ଧାର୍ଥ, ଦିଗବେସ ସିଂହ ରାଠୀ ଏବଂ ଆଭେସ ଖାନଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

# ୬୯ତମ ଏସଜିଏଫଆଇ ରଗ୍‌ବୀ ଚାମ୍ପିଅନସିପ୍‌ରେ ୧୪ ବର୍ଷରୁ କମ୍ ବର୍ଗର ପ୍ରତିଯୋଗିତା ଆରମ୍ଭ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାରେ ଆୟୋଜିତ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ (ଏସଜିଏଫଆଇ) ରଗ୍‌ବୀ ଚାମ୍ପିଅନସିପ୍ ୨୦୨୫-୨୬ରେ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗର ପ୍ରତିଯୋଗିତା ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଯାଇଛି। ଏହି ଚାମ୍ପିଅନସିପ୍‌ରେ ଦେଶର ୧୪ଟି ରାଜ୍ୟରୁ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଉଭୟ ବାଳକ ଓ ବାଳିକା ବର୍ଗର ଅଂଶଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଡା. ଏନ୍. ତିରୁମାଲା ନାୟକ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଯୁବ ଖେଳାଳିମାନଙ୍କୁ ସ୍ୱାଗତ କରିଥିଲେ। ସେ ଖେଳାଳୀମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ଉତ୍ତମ ପ୍ରଦର୍ଶନ କରିବାକୁ ଶୁଭକାମନା ଜଣାଇବା ସହ ଖେଳୁଆଡ଼ ମନୋଭାବ ନେଇ ଖେଳିବାକୁ ଅନୁପ୍ରେରିତ କରିଥିଲେ। ସେ ଯୁବ ଖେଳାଳି ମାନଙ୍କର ଉତ୍ସାହ ଓ ନିଷ୍ଠାକୁ ପ୍ରଶଂସା କରିବା ସହ ଏପରି ଚାମ୍ପିଅନସିପ୍ ମାଧ୍ୟମରେ ତୃଣମୂଳସ୍ତରରେ ଖେଳକୁ ପହଞ୍ଚାଯାଇ ପାରିବ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିରେନ୍ଦ୍ର କରକରା ଓ ସହକାରୀ ନିର୍ଦ୍ଦେଶକ (ପି.ଇ.ଟି) ଜ୍ୟୋତି ପ୍ରସାଦ ପରିଡ଼ା ମଧ୍ୟ ଉପସ୍ଥିତ ଥିଲେ। ସେମାନେ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ମଧ୍ୟପ୍ରାଚ୍ୟ ଯୁଦ୍ଧ : ଜୁନ୍ ପର୍ଯ୍ୟନ୍ତ ଘୁଞ୍ଚିଲା ଦୋହା ଡାଏମଣ୍ଡ ଲିଗ୍

**ଜୋହାନ୍ସବର୍ଗ**

ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧକୁ ନେଇ ଅନେକ କ୍ରୀଡ଼ା ପ୍ରତିଯୋଗିତା ପ୍ରଭାବିତ ହୋଇଛି। ପୂର୍ବରୁ ସାଉଦି ଆରବ ଗ୍ରାଁପ୍ରି ଫର୍ମୁଲା ୱାନ୍ ରେସ୍ ବାତିଲ ହୋଇ ସାରିଥିବାବେଳେ ଆଥ୍‌ଲେଟିକ୍ ସିଜନର ପ୍ରଥମ ପ୍ରତିଯୋଗିତା ଦୋହା ଡାଏମଣ୍ଡ ଲିଗ୍‌କୁ ଜୁନ୍ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି।

ଆସନ୍ତା ମାସ ୮ ତାରିଖରେ ଡାଏମଣ୍ଡ ଲିଗ୍‌ର ପ୍ରଥମ ଚରଣ ଆୟୋଜିତ ହେବାର ଥିଲା। ମାତ୍ର ଯୁଦ୍ଧରେ ପ୍ରଭାବିତ କତାରରେ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବା ସମ୍ଭବ ହୋଇ ପାରି ନାହିଁ। ଆୟୋଜକ ପ୍ରାଥମିକ ପର୍ଯ୍ୟାୟରେ ଜୁନ୍ ୧୯ ତାରିଖକୁ ଦୋହା ଡାଏମଣ୍ଡ ଲିଗ୍ ଘୁଞ୍ଚାଇ ଦେଇଛନ୍ତି।



ସୂଚନାଯୋଗ୍ୟ, କୋପା ଆମେରିକା କପ୍ ଚାମ୍ପିଅନ୍ ଆର୍ଜେଣ୍ଟିନା ଓ ୟୁରୋ ଚାମ୍ପିଅନ୍ସିପ୍ ଚାମ୍ପିଅନ ସ୍ପେନ ମଧ୍ୟରେ ଫିନାଲେସିମା ମୁକାବିଲା ମଧ୍ୟ ଦୋହା ସହରରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଥିଲା। ଯୁଦ୍ଧ ଯୋଗୁଁ ଉକ୍ତ ମ୍ୟାଚ୍‌କୁ ବାତିଲ କରାଯାଇଛି। ଏହା ବ୍ୟତୀତ କତାର ମୋଟୋ ଜିପି ଓ ବିଶ୍ୱ ଏଣ୍ଡ୍ୟୁରାନ୍ସ ଚାମ୍ପିଅନସିପ ମଧ୍ୟ ସ୍ଥଗିତ ରଖାଯାଇଛି।

# ସିଏସ୍‌କେରେ ରହିବା ଯନ୍ତ୍ରଣାଦାୟକ ଓ ବିରକ୍ତିକର : ଆର୍ ଅଶ୍ୱିନ

**ନୂଆଦିଲ୍ଲୀ**

ଚଳିତ ଆଇପିଏଲ ସିଜନରେ ଚେନ୍ନାଇ ଚମକି ପାରୁନାହିଁ। ଲଗାତାର ୩ଟି ମ୍ୟାଚ୍ ହାରି ସାରିଛି। ୫ ଥରର ଚାମ୍ପିଅନ ଚେନ୍ନାଇ। ଖାତା ଖୋଲି ନ ଥିବା ଚେନ୍ନାଇର ଶନିଦଶା ପଡ଼ିଛି। ଧୋନି ଏ ପର୍ଯ୍ୟନ୍ୟ ଏକାଦଶକୁ ଫେରି ନାହାନ୍ତି। ଋତୁରାଜଙ୍କ ଅଧିନାୟତ୍ୱ ଉପରେ ପ୍ରଶ୍ନ ଉଠୁଛି। ଜାଡେଜାଙ୍କ ସ୍ଥାନରେ ଦଳରେ ସାମିଲ ସଞ୍ଜୁ ସଂଘର୍ଷ କରୁଛନ୍ତି। ଦଳ ଆସନ୍ତା ୧୧ ତାରିଖରେ ଦିଲ୍ଲୀ ବିପକ୍ଷରେ ଖେଳିବ। ମ୍ୟାଚର ପରିଣାମ କ’ଣ ହେବ ତାହା ଅଲଗା କଥା। ଏବେ ଚେନ୍ନାଇ ସୁପରକିଙ୍ଗସକୁ ନେଇ ବଡ଼ ଖୁଲାସା କରିଛନ୍ତି ପୂର୍ବ କ୍ରିକେଟର। ଗୋଟିଏ ପରେ ଗୋଟିଏ ମ୍ୟାଚ ହାରୁଥିବା ଟେନସନ ଭିତରେ ପୂର୍ବ କ୍ରିକେଟର ଆର ଅଶ୍ୱିନଙ୍କ ବୟାନ ଦଳକୁ ହରଣଗଡ଼ାରେ ପକାଇଛନ୍ତି।

ସିଏସକେ ପକ୍ଷରୁ ଆଇପିଏଲ ଖେଳିବା ମୋ ଲାଗି ମାନସିକ ଭାବେ ବିରକ୍ତକର ଓ ଯନ୍ତ୍ରଣାଦାୟକ ସମୟ ବୋଲି ଭାରତର ଅନ୍ୟତମ କିମ୍ବଦନ୍ତୀ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ କହିଛନ୍ତି। ‘ଆଶ କି ବାତ୍’ ୟୁଟ୍ୟୁବ ଚ୍ୟାନେଲରେ ସେ ଆଇପିଏଲରୁ କାହିଁକି ଅବସର ନେଲେ ସେ ସମ୍ପର୍କରେ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ସିଏସକେରେ ଯେଉଁ ସମୟ ରହିଛି ସେଥିରେ ମୋର ଭୂମିକା, ଭବିଷ୍ୟତ ସମ୍ପର୍କରେ କିଛି ସ୍ପଷ୍ଟତା ନଥିଲା। ଯାହା ଫଳରେ ନିଜକୁ ପ୍ରସ୍ତୁତ କରିପାରୁ ନଥିଲେ। ସତ କହିବାକୁ ଗଲେ ପରବର୍ତ୍ତୀ ସିଜନରେ ଫ୍ରାଞ୍ଚାଇଜ୍ ବଦଳାଇବା ଓ



ଖେଳିବାକୁ ମୋର ଆଉ ଇଚ୍ଛା ନଥିଲା। ଘରୋଇ ମାଟିରେ ଖେଳିବାର ଯେଉଁ ଇଚ୍ଛା ଥିଲା ତାହା ପୂରଣ ହୋଇ ପାରିଲା ନାହିଁ। ଏଭଳି ଯନ୍ତ୍ରଣାଦାୟକ ଭାବେ ରହିବା ଅପେକ୍ଷା ମୁଁ ଅବସର ନେବାକୁ ଚିନ୍ତା କରିଥିଲି ବୋଲି କହିଛନ୍ତ ଅଶ୍ୱିନ।

ପୂର୍ବତନ ଭାରତୀୟ ଅଫ୍-ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ କହିଛନ୍ତି, ଚେନ୍ନାଇ ସୁପରକିଙ୍ଗସ ପାଇଁ ଖେଳିବା ସମୟରେ ଯଦି ସେ ‘ମାନସିକ ଭାବରେ ବିଚଳିତ’ ଏବଂ ପୀଡ଼ାଦାୟକ ପର୍ଯ୍ୟାୟ ଦେଇ ଯାଇ ନଥାନ୍ତେ, ତେବେ ସେ ଆଇପିଏଲରେ ଆହୁରି କିଛି ସମୟ ଖେଳିପାରି ଥାଆନ୍ତେ। ୨୦୨୪ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ ଅଶ୍ୱିନ। ଗତବର୍ଷ ଆଇପିଏଲକୁ ଅଲବିଦା କହିଥିଲେ। ଅଶ୍ୱିନ କହିଛନ୍ତି ସତ କହିବାକୁ ଗଲେ ମୁଁ ଆହୁରି ଆଇପିଏଲ ଖେଳିପାରିଥାନ୍ତି କିନ୍ତୁ ଫ୍ରାଞ୍ଚାଇଜଗୁଡିକୁ ତାଙ୍କ ଭବିଷ୍ୟତ ନିଷ୍ପତ୍ତି ନେବାର ଦ୍ୱନ୍ଦ୍ୱରୁ ରକ୍ଷା କରିବା ପାଇଁ ସେ ଆଇପିଏଲରୁ ଅବସର ନେବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। କାରଣ ଖେଳିବା ପାଇଁ ମୋର ଭାବପ୍ରବଣ କ୍ଷମତା ନଥିଲା।

# ଓଡ଼ିଶା କ୍ରିକେଟ ସଂଘ ପକ୍ଷରୁ କୋରାପୁଟ ଜିଲ୍ଲା ଅଣ୍ଡର ୧୬ କ୍ରିକେଟ ଦଳ ଚୟନ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା କ୍ରିକେଟ ସଂଘ ପକ୍ଷରୁ ଅନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ନିମନ୍ତେ କୋରାପୁଟ ଜିଲ୍ଲା ପକ୍ଷରୁ ଦଳ ଚୟନ କରାଯାଇଛି। ଦୁଇଦିନ ଧରି କୋରାପୁଟ ଜିଲ୍ଲାର ସୁନାବେଡ଼ା ଠାରେ ଆୟୋଜିତ ଚୟନ ପ୍ରକିୟାରେ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନର ଖେଳାଳିମାନେ ଭାଗ ନେଇଥିଲେ। ୧୫ ଜଣ ଖେଳାଳିଙ୍କ ମଧ୍ୟରେ ଅର୍ଜୁନ ରାଉତ, ନୈତିକ ନନ୍ଦନ ବେହେରା, କ୍ରୀଭି କୁମାର ସାହୁ, ରୋସନ ବେହେରା, ପ୍ରେମ ଖୋରା, ଲିଖିତ କୁମାର ପାଣିଗ୍ରାହୀ, ହିମାଂଶୁ ଚାପଡି(କ୍ୟାପଟେନ), ଡି. ସାରିକ, ସୁଭ୍ରାଂଶୁ ଷଡଙ୍ଗୀ, ତନ୍ମୟ କୁମାର ପାତ୍ର, ସଂଗ୍ରାମ ନାଚିକା, ଓମ୍ ବାହାଦୁର ଲାମା, ବ୍ଲେସଦ କୁସାଲ, ଅସିତ କୁମାର ବେହେରା ଓ ଶିବାନନ୍ଦ ଅଧିକାରୀଙ୍କ ନାମ ଚୟନ କରାଯାଇଛି। ଟିମ୍ ମ୍ୟାନେଜର ଭାବେ ୱାଇ ପ୍ରସାଦ ଓ ଟିମ କୋଚ ଭାବେ ଏସ.ଲୋହିତ କୁମାରଙ୍କ ନାମ କଟକର ଓଡିଶା କ୍ରିକେଟ ସଂଘ ପକ୍ଷରୁ ଚୟନ କରାଯାଇଛି। କୋରାପୁଟରୁ ଯାଇଥିବା ଏହି ଟିମ୍ ଶୁକ୍ରବାର ପ୍ରଥମ ମ୍ୟାଚ୍ ନବରଙ୍ଗପୁର ସହ ଖେଳିବେ ପରବର୍ତ୍ତୀ ମ୍ୟାଚ୍ ୧୧ ତାରିଖରେ କଟକ ସହ ଏବଂ ୧୨ ତାରିଖରେ ବୌଦ୍ଧ, ୧୪ ତାରିଖ ମାଲକାନଗିରି ସହ, ୧୫ ତାରିଖରେ ଯାଜପୁର ସହ ଖେଳିବେ।

# ବିରାଟଙ୍କ ମହା ରେକର୍ଡ଼ ଭାଙ୍ଗିଲେ କେଏଲ୍ ରାହୁଲ



**ନୂଆଦିଲ୍ଲୀ**

ଗୁଜରାଟ ବିପକ୍ଷ ଦିଲ୍ଲୀକୁ ପରାଜୟ ସାମ୍ନା କରିବାକୁ ପଡ଼ିଥିଲା। ମାତ୍ର ଦିଲ୍ଲୀ ଲାଗି କେଏଲ୍ ରାହୁଲ ୯୨ ରନର ପାଳି ଖେଳି ଖାସ୍ ରେକର୍ଡ଼ ନିଜ ନାଁରେ କରି ନେଇଥିଲେ। କେଏଲ୍ ରାହୁଲ ଏବେ ଆଇପିଏଲ୍ ଇତିହାସରେ ଓପନର ଭାବେ ସବୁଠାରୁ ଅଧିକ ପାଳିରେ ୪ କିମ୍ବା ତା’ଠାରୁ ଅଧିକ ଛକ୍କା ଲଗାଇଥିବା ବ୍ୟାଟର ହୋଇଯାଇଛନ୍ତି।

ଏଭଳି କରି କେଏଲ୍ ରାହୁଲ ବିରାଟ କୋହଲିଙ୍କୁ ଓପନରରେ ପଛରେ ପକାଇ ଦେଇଛନ୍ତି। ଏହା ୧୮ଥର ଅଟେ ଯେତେବେଳେ ରାହୁଲ ଓପନର ଭାବେ ନିଜ ପାଳିରେ ୪ କିମ୍ବା ତା’ଠାରୁ ଅଧିକ ଛକ୍କା ଲଗାଇଛନ୍ତି। ସେହିଭଳି କୋହଲି ଓପନର ଭାବେ ଆଇପିଏଲରେ ନିଜ ପାଳି ସମୟରେ ୪ କିମ୍ବା ତା’ଠାରୁ ଅଧିକ ଛକ୍କା ୧୭ଥର ଲଗାଇଛନ୍ତି। ଆଇପିଏଲରେ ଭାରତୀୟ ଓପନର ଭାବେ ୪କିମ୍ବା ତା’ଠାରୁ ଅଧିକ ଛକ୍କା : କେଏଲ୍ ରାହୁଲ (୧୮), ବିରାଟ କୋହଲି (୧୭), ଶୁଭମନ ଗିଲ୍ (୧୧), ବିରେନ୍ଦ୍ର ସେହ୍ୱାଗ (୧୦)।

# ମାଲକାନଗିରିରେ କ୍ରୀଡ଼ା ଭିତ୍ତିଭୂମିର ସମୀକ୍ଷା କଲେ ଜିଲ୍ଲାପାଳ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲାର କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଯୁବ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ସଦର ମହକୁମା ସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସ ଏବଂ ହଷ୍ଟେଲ ପରିଦର୍ଶନ କରି କ୍ରୀଡ଼ା ଭିତ୍ତିଭୂମିର ବିକାଶ ଏବଂ ଆଗାମୀ ସିଏମ ଟ୍ରଫି ପାଇଁ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। କ୍ରୀଡ଼ା ଭିତ୍ତିଭୂମିର ଅନୁଧ୍ୟାନ ଓ ସମୀକ୍ଷା କରିବା ସହ ଜିଲ୍ଲାପାଳ ସ୍ପୋର୍ଟସ କମ୍ପ୍ଲେକ୍ସର ବିଭିନ୍ନ ବିଭାଗ ବୁଲି ଦେଖିବା ସହ କ୍ରୀଡ଼ାବିତ୍‌ଙ୍କୁ ଶ୍ରେଷ୍ଠ ସୁବିଧା ଯୋଗାଇବା ପାଇଁ ଗୁରୁତ୍ୱ ଦେଇଛନ୍ତି। ଆଥଲେଟ୍‌ମାନଙ୍କ ଉନ୍ନତ ଅଭ୍ୟାସ ପାଇଁ ଟ୍ରାକ୍ ସ୍ଥିତି ଅନୁଧ୍ୟାନ କରିବା ସହ ଏହାର ରକ୍ଷଣାବେକ୍ଷଣ ଓ ଆବଶ୍ୟକ ଉନ୍ନତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା ଇନଡୋର ଷ୍ଟାଡିୟମଗୁଡ଼ିକର ସୁପରିଚାଳନା ତଥା ଏହାକୁ ଖେଳାଳିଙ୍କ ପାଇଁ ସର୍ବଦା କାର୍ଯ୍ୟକ୍ଷମ ରଖିବାକୁ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ସ୍ପୋର୍ଟସ କମ୍ପ୍ଲେକ୍ସର ପରିସରକୁ ସୁରକ୍ଷିତ ରଖିବା ପାଇଁ ପାଚେରି ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ସିଏମ୍ ଟ୍ରଫି କ୍ରୀଡ଼ା କାର୍ଯ୍ୟକ୍ରମକୁ ମାଲକାନଗିରିରେ ଅତି ଆଡମ୍ବର ସହକାରେ ପାଳନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରତିଯୋଗିତା ଜିଲ୍ଲାର ଗ୍ରାମାଞ୍ଚଳରେ ଥିବା ଲୁକ୍କାୟିତ ପ୍ରତିଭାମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ଏକ ବୃହତ ମଞ୍ଚ ପ୍ରଦାନ କରିବ। କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ଜିଲ୍ଲାପାଳ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରିବାକୁ ଗୁରୁତ୍ୱ ଦେଇଛନ୍ତି। ଏହି ଅବସରରେ ଜିଲ୍ଲାପାଳ ସ୍ପୋର୍ଟସ ହଷ୍ଟେଲରେ ରହୁଥିବା ଅନ୍ତେବାସୀଙ୍କ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି। ଖେଳାଳିମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଏବଂ ଉତ୍ତମ ପରିବେଶ ଯୋଗାଇ ଦେବା ଜିଲ୍ଲା ପ୍ରଶାସନର ପ୍ରାଥମିକତା ବୋଲି ସେ ପ୍ରକାଶ କରିଛନ୍ତି। ଏହି ସମୀକ୍ଷା ବୈଠକରେ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ମାଲକାନଗିରିର ଯୁବବର୍ଗଙ୍କୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ନେବା ପାଇଁ ପ୍ରଶାସନର ଏହି ତତ୍ପରତା ସ୍ଥାନୀୟ କ୍ରୀଡ଼ା ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଖେଳାଇ ଦେଇଛି।

# ଭାରତ ବିପକ୍ଷ ଟେଷ୍ଟ୍‌ରୁ ଓହରିଲେ ରସିଦ



**ନୂଆଦିଲ୍ଲୀ**

ଦିଲ୍ଲୀ କ୍ୟାପିଟାଲ୍‌ସ ବିପକ୍ଷରେ ଗୁଜରାଟ ଟାଇଟାନ୍ସର ରୋମାଞ୍ଚକ ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିବା ଆଫଗାନିସ୍ତାନର ସଫଳତମ ସ୍ପିନ୍ ତାରକା ରସିଦ ଖାନ୍ ଖୁବ୍‌ଶୀଘ୍ର ଟେଷ୍ଟ୍ କ୍ରିକେଟ୍‌ରୁ ସନ୍ନ୍ୟାସ ନେବେ। ପିଠିରେ ଅସ୍ତ୍ରୋପଚାର ହେବା ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ସେ ଏଭଳି ନିଷ୍ପତ୍ତି ନେବାକୁ ବାଧ ହୋଇଥିବା ଜଣାପଡ଼ିଛି। ଏହି କାରଣରୁ ମଧ୍ୟ ରସିଦ ଚଣ୍ଡିଗଡ଼ରେ ଖେଳାଯିବାକୁ ଥିବା ଭାରତ ବିପକ୍ଷ ପ୍ରତୀକ୍ଷିତ ଟେଷ୍ଟ୍ ମ୍ୟାଚ୍‌ରୁ ଓହରି ଯାଇଛନ୍ତି। ଏହି ମ୍ୟାଚ୍ ଆସନ୍ତା ଜୁନ୍ ମାସରେ ଖେଳାଯିବାର ଅଛି। ବୁଧବାର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଲାଭ କରିବା ପରେ ରସିଦ କହିଥିଲେ, ମୁଁ ଭାରତ ବିପକ୍ଷ ଟେଷ୍ଟ୍ ମ୍ୟାଚ୍‌ରେ ଖେଳିବାର ସମ୍ଭାବନା ପ୍ରାୟ ନାହିଁ। ଡାକ୍ତରମାନେ ମୋତେ ଏହା ବିପକ୍ଷରେ ପରାମର୍ଶ ଦେଇଛନ୍ତି। ସେମାନଙ୍କ ବାରଣ ସତ୍ତ୍ୱେ ମୁଁ ଜିମ୍ବାୱେ ବିପକ୍ଷରେ ଟେଷ୍ଟ୍ ମ୍ୟାଚ୍ ଖେଳିଥିଲି। ଏକାକୀ ୬୭ ଓଭର ବୋଲିଂ କରିଥିଲି। ଯାହା ପାଗଳାମୀଠାରୁ କିଛି କମ୍ ନୁହେଁ। ଏବେ କିନ୍ତୁ ଆଉ ଲାଲ୍ ବଲ୍ ଖେଳିବା ମୋ ପକ୍ଷରେ ସମ୍ଭବ ହେବନି। ମୁଁ ଯଦି ଏହା କରେ ସବୁଦିନ ପାଇଁ କ୍ରିକେଟ୍ ପଡ଼ିଆରୁ ଦୂରେଇବାକୁ ବାଧ ହେବି ବୋଲି ଡାକ୍ତରମାନେ ସାନି ଚେତାବନୀ ଦେଇଛନ୍ତି। ସେହିଭଳି ଏବେ ୨୦୨୭ ଦିନିକିଆ ବିଶ୍ୱକପ୍ ଖେଳିବା ତାଙ୍କର ପ୍ରମୁଖ ଲକ୍ଷ୍ୟ ବୋଲି ଏହି ଅବସରରେ ରସିଦ ସ୍ପଷ୍ଟ କରି ଦେଇଛନ୍ତି। ସୂଚନା ଯୋଗ୍ୟ ଯେ ୨୦୧୮ ମସିହାରେ ଭାରତ ବିପକ୍ଷରେ ଆଫଗାନିସ୍ତାନ ଖେଳିଥିବା ନିଜ ସର୍ବପ୍ରଥମ ଟେଷ୍ଟ୍ ମ୍ୟାଚ୍‌ର ରସିଦ ସଦସ୍ୟ ଥିଲେ। ୮ବର୍ଷ ପରେ କିନ୍ତୁ ଭାରତ ବିପକ୍ଷରେ ନିଜ ଶେଷ ଟେଷ୍ଟ୍ ଖେଳିବାର ସୁଯୋଗକୁ ହାତଛଡ଼ା କରିବାକୁ ଯାଉଛନ୍ତି ସେ। ଏବେ ସୁଦ୍ଧା ରସିଦ ମାତ୍ର ୬ଟି ଟେଷ୍ଟ୍ ଖେଳି ୨୪ ୱିକେଟ୍ କରାୟତ୍ତ କରିଛନ୍ତି। ତେବେ ଆଫଗାନିସ୍ତାନ ଅଧିକ ଟେଷ୍ଟ୍ ମ୍ୟାଚ୍ ନ ଖେଳିବା ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି।

# ସ୍ଲୋ ଓଭର-ରେଟ୍ ପାଇଁ ୧୨ ଲକ୍ଷ ଟଙ୍କା ଜରିମାନା ଦେବେ ଶୁବମନ



**ନୂଆଦିଲ୍ଲୀ**

ବୁଧବାର ଏକ ରୋମାଞ୍ଚକର ମ୍ୟାଚ୍‌ରେ ଗୁଜରାଟ ଟାଇଟାନ୍ସ ଦିଲ୍ଲୀ କ୍ୟାପିଟାଲ୍ସକୁ ୧ ରନରେ ପରାସ୍ତ କରିଛି। ଶୁବମନ ଗିଲ୍‌ଙ୍କ ସମେତ ତିନି ଜଣ ଗୁଜରାଟ ବ୍ୟାଟ୍ସମ୍ୟାନ ଅର୍ଦ୍ଧଶତକ ହାସଲ କରି ଦଳକୁ ୨୧୦ ରନର ବିଶାଳ ସ୍କୋରରେ ପହଞ୍ଚାଇବାରେ ସାହାଯ୍ୟ କରିଥିଲେ। କେଏଲ ରାହୁଲ (୯୨) ଏବଂ ପଥୁମ ନିସାଙ୍କା (୪୧) ଦିଲ୍ଲୀକୁ ଏକ ଦୃଢ଼ ଆରମ୍ଭ ଦେଇଥିଲେ ଏବଂ ଡେଭିଡ ମିଲର ଶେଷ ପର୍ଯ୍ୟନ୍ତ ଲଢ଼ିଥିଲେ, କିନ୍ତୁ ଶେଷରେ ଗୁଜରାଟ ବିଜୟୀ ହୋଇଥିଲା। ମ୍ୟାଚ୍ ପରେ ଗିଲ୍‌ଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଥିଲା।

ଶୁବମନଙ୍କୁ ସ୍ଲୋ ଓଭର-ରେଟ ପାଇଁ ଜରିମାନା କରାଯାଇଛି। ଆଇପିଏଲ ଦ୍ୱାରା ଜାରି ଏକ ବିବୃତ୍ତିରେ କୁହାଯାଇଛି, “ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚରେ ସ୍ଲୋ ଓଭର-ରେଟ ବଜାୟ ରଖିବା ପରେ ଗୁଜରାଟ ଟାଇଟାନ୍ସ ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଜରିମାନା କରାଯାଇଛି। ଏହା ଆଇପିଏଲ ଆଚରଣ ସଂହିତାର ଧାରା ୨.୨୨ ଅନୁଯାୟୀ ସିଜିନ୍‌ରେ ତାଙ୍କ ଦଳର ପ୍ରଥମ ଅପରାଧ ଥିଲା, ଯାହା ସର୍ବନିମ୍ନ ଓଭର-ରେଟ ଅପରାଧ ସହିତ ଜଡିତ। ଯଦି ଗୁଜରାଟ ଟାଇଟାନ୍ସ ଏପରି ଭୁଲ ପୁନରାବୃତ୍ତି କରେ, ତେବେ ଅଧିନାୟକ ଗିଲ୍‌ଙ୍କୁ ୨୪ ଲକ୍ଷର ଜରିମାନା କରାଯିବ, ଯେତେବେଳେ ଇମ୍ପାକ୍ଟ ଖେଳାଳି ଏବଂ ପ୍ଲେଇଂ ୧୧ରେ ଥିବା ଖେଳାଳି ମାନଙ୍କୁ ୧୨ ଲକ୍ଷ ଜରିମାନା କରାଯିବ। ତଥାପି ତୃତୀୟ ଅପରାଧ ପାଇଁ ଅଧିନାୟକଙ୍କ ଉପରେ ଥିବା ଗୋଟିଏ ମ୍ୟାଚ ବାସନ୍ଦ ଏବେ ହଟାଇ ଦିଆଯାଇଛି।

# ଖୁବ୍‌ଶୀଘ୍ର ବାହା ହେବେ ସ୍ମୃତି-ପଲାଶ !

**ମୁମ୍ବାଇ**

ସଂଗୀତକାର ପଲାଶ ମୁଛଲ ଏବଂ ଭାରତୀୟ ମହିଳା କ୍ରିକେଟ ଦଳର ବ୍ୟାଟ୍ସମ୍ୟାନ ସ୍ମୃତି ମନ୍ଧାନାଙ୍କ ମଧ୍ୟ ପ୍ୟାଚ୍‌ଅପ୍ ହୋଇଯାଇଛି। ଉଭୟ ଖୁବ୍‌ଶୀଘ୍ର ବିବାହ କରିବେ ବୋଲି ଚର୍ଚ୍ଚା ହେଉଛି। ତେବେ ଏନେଇ ଉଭୟଙ୍କ ପରିବାର ପକ୍ଷରୁ କିଛି କୁହାଯାଇ ନାହିଁ। ନିକଟରେ ଏକ ଭିଡିଓ ସୋସିଆଲ ଭିଡିଆରେ ଭାଇରାଲ ହେଉଛି। ଏହି ଭିଡିଓରେ ପଲାଶଙ୍କ ଭଉଣୀ ତଥା ଗାୟିକା ପଲକ ମୁଛଲ ଏବଂ ତାଙ୍କ ସ୍ୱାମୀ ମିଥୁନ ସ୍ମୃତିଙ୍କ ପିତା ଶ୍ରୀନିବାସଙ୍କ ସହିତ



ନଜର ଆସିଛନ୍ତି। ଭିଡିଓରେ ପଲକ ସ୍ମୃତିଙ୍କ ପିତାଙ୍କ ପାଦ ଛୁଇଁ ଆଶୀର୍ବାଦ ନେଉଥିବା ଦେଖାଯାଉଛି। ଏହି ଫୁଟେଜ ଦେଖି ପ୍ରଶଂସକମାନେ ବହୁତ ଆଶ୍ଚର୍ଯ୍ୟ ହୋଇଛନ୍ତି। ସୋସିଆଲ ମିଡିଆରେ ଭିଡିଓଟି ପ୍ରକାଶ ପାଇବା ମାତ୍ରେ ଦୁଇ ପରିବାର ମଧ୍ୟରେ ସବୁକିଛି ହୋଇଯାଇଥିବା ଚର୍ଚ୍ଚା ହେଉଛି। ଗତ ନଭେମ୍ବରରେ ପଲାଶ ଏବଂ ସ୍ମୃତିଙ୍କ ବିବାହ ସ୍ଥିର ହୋଇଥିଲା। ବିବାହ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇସାରିଥିଲା; କିନ୍ତୁ, ବିବାହ ଉତ୍ସବର ମାତ୍ର ଗୋଟିଏ ଦିନ ପୂର୍ବରୁ ବିବାହ ବାତିଲ କରାଯାଇଥିଲା। ବିବାହର ମାତ୍ର ଗୋଟିଏ ଦିନ ପୂର୍ବରୁ କ୍ରିକେଟରଙ୍କ ପିତା ଶ୍ରୀନିବାସ ମନ୍ଧାନା ଅସୁସ୍ଥ ହୋଇପଡ଼ିବାରୁ ବିବାହ ବାତିଲ ହୋଇଥିଲା। ତାଙ୍କ ପିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ପରେ ବିବାହକୁ ପ୍ରଥମେ କିଛି ଦିନ ପାଇଁ ସ୍ଥଗିତ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ପଲାଶ ସ୍ମୃତିଙ୍କ ସହିତ ପ୍ରତାରଣା କରିଥିବା ରିପୋର୍ଟ ପ୍ରକାଶ ପାଇଥିଲା। ଫଳସ୍ୱରୂପ ବିବାହକୁ ସମ୍ପୂର୍ଣ୍ଣ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଅନେକ ଲୋକ ଏହି ଭିଡିଓକୁ ପୁରୁଣା ବୋଲି ମଧ୍ୟ ଦାବି କରୁଛନ୍ତି। କିନ୍ତୁ ଭିଡିଓର ସତ୍ୟତା ସମ୍ପର୍କରେ କୌଣସି ସରକାରୀ ନିଶ୍ଚିତକରଣ ହୋଇନାହିଁ।

# ଘୋଷାଡ଼ି ନେଲା ସ୍କୁଲ ବସ୍ : ଅଳ୍ପକେ ବର୍ତ୍ତିଲେ ଛାତ୍ରଛାତ୍ରୀ

**ରାଇରଙ୍ଗପୁର, ନ୍ୟୁଜ୍‌ବ୍ୟୁରୋ**

ଗୁରୁବାର ଦିନ ପ୍ରାୟ ୧୦.୩୦ ସମୟରେ ଅଁଳାଡୁବା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସ୍କୁଲ ବସ୍‌ଟି ଛାତ୍ରଛାତ୍ରୀଙ୍କୁ ନେଇ ରାଇରଙ୍ଗପୁର ବଜାର ପଟକୁ ଯାଉଥିଲା। ହେଲେ ଅଁଳାଡୁବା ସ୍ଥିତ ପିଏଚଡ଼ି ଅଫିସ ନିକଟରେ ରାସ୍ତା ଉପରେ ଛିଡ଼ା ହୋଇଥିବା ଏକ ବାଇକ୍‌କୁ ଧକ୍କା ଦେଇ ପ୍ରାୟ ୨୦୦ ମିଟର ଘୋଷାଡ଼ି ନେଇଥିଲା। ସୌଭାଗ୍ୟ ବଶତଃ ବାଇକ୍‌ରେ ନିଆଁ ଲାଗିନଥିବାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ବସ୍‌ରେ ଥିବା ଛାତ୍ରଛାତ୍ରୀ।

# ପ୍ରଶଂସକଙ୍କୁ ସ୍ମାର୍ଟ ଫୋନ୍ ଉପହାର ଦେଲେ ସାମସନ୍

**କୋଚି**

ଚଳିତ ଆଇପିଏଲ୍‌ରେ ବିଶ୍ୱକପ୍ ଫର୍ମ ଦୋହରାଇବାକୁ ସଂଘର୍ଷ କରୁଥିବା ଚେନ୍ନାଇ ସୁପରକିଙ୍ଗ୍ସ ବ୍ୟାଟର ସଞ୍ଜୁ ସାମସନ୍ ନିଜର ଏକ ନିଆରା କାର୍ଯ୍ୟ ପାଇଁ ପ୍ରଶଂସକଙ୍କ ହୃଦୟ ଜିତି ନେଇଛନ୍ତି। ନିଜ ରାଜ୍ୟ କେରଳକୁ ସଡ଼କ ପଥରେ ଯିବା ବେଳେ ଜଣେ ପ୍ରଶଂସକଙ୍କୁ ସେ ୪୦,୦୦୦ ଟଙ୍କା ମୂଲ୍ୟର ସ୍ମାର୍ଟ ଫୋନ୍ ଉପହାର ଦେଇଛନ୍ତି। ଏହି ଘଟଣା ସଂପୃକ୍ତ ପ୍ରଶଂସକଙ୍କ ପାଇଁ ସବୁଦିନ ଲାଗି ଅଭୁଲା ହୋଇଯାଇଛି।



ସ୍ଥାନୀୟ ଖବର କାଗଜରେ ପ୍ରକାଶିତ ରିପୋର୍ଟ ଅନୁସାରେ ଏହି ଘଟଣା ପଲକଡ୍‌ର ମୁନ୍ଦୁର-ଥୋଥା ରାସ୍ତାରେ ଥିବା ପଞ୍ଚପଡ଼ମ ବିଦ୍ୟାଳୟ ନିକଟରେ ଘଟିଥିଲା। ରିପୋର୍ଟ ଅନୁସାରେ ସଞ୍ଜୁ କାର୍‌ରେ କୋଝିକୋଡ଼ରୁ କୋଏମ୍ବାଟୁର ଯାତ୍ରା କରୁଥିଲେ। ଏକ ଫୋନ୍ କଲ୍ ନେବା ଲାଗି ଅପରାହ୍ଣ ୫.୧୫ରେ ପଞ୍ଚପଡ଼ମ ବିଦ୍ୟାଳୟ ନିକଟରେ କାର୍ ଅଟକାଇଥିଲେ। ଠିକ୍ ସେତିକି ବେଳେ ପେସାରେ କେବୁଲ ଅପରେଟର ଥିବା ଶବରିସ ନାମକ ଜଣେ କ୍ରିକେଟ୍‌ପ୍ରେମୀ ନିଜ ବନ୍ଧୁ ମଣିକାନ୍ଦନଙ୍କ ସହ ନିକଟରେ ଥିବା ଏକ ପଡ଼ିଆକୁ କ୍ରିକେଟ୍ ଖେଳିବାକୁ ଯାଉଥିଲେ। ସଡ଼କ କଡ଼ରେ ଛିଡ଼ା ହୋଇଥିବା କାର୍ ଭିତରେ ସଞ୍ଜୁ ଥିବା ଜାଣି ସେମାନେ ଖୁସିରେ ଆତ୍ମବିଭୋର ହୋଇଯାଇଥିଲେ।

ଉଭୟ କାର୍ ପାଖକୁ ଯିବା ବେଳେ ଭିଡିଓ କଲ୍‌ରେ ଥିବା ସଞ୍ଜୁ ସେମାନଙ୍କୁ କିଛି ସମୟ ଅଟକିବାକୁ ସଙ୍କେତ ଦେଇଥିଲେ। କଲ୍ ଶେଷ ହେବା ପରେ ଉଭୟଙ୍କ ସହ ସଞ୍ଜୁ କିଛି ସମୟ କଥା ହୋଇଥିଲେ। ସେଲ୍‌ଫି ବି ଦେଇଥିଲେ। ହେଲେ ଶବରିସ ନେଉଥିବା ମୋବାଇଲ୍‌ର ଡିସ୍‌ପ୍ଲେ ଫାଟି ଯାଇଥିବା ଦେଖି ତୁରନ୍ତ ନିଜ କାର୍‌ରେ ରଖିଥିବା ଏକ ଅରଖ ନୂଆ ସ୍ମାର୍ଟଫୋନ୍ ତାଙ୍କୁ ଉପହାର ଦେଇଥିଲେ। ଏହା ଦେଖି ଶବରିସ ନିଜ ଭାଗ୍ୟକୁ ବିଶ୍ୱାସ କରି ପାରି ନଥିଲେ। କିଛି ସମୟ କଥା ହେବା ପରେ ସଞ୍ଜୁ ଶବରିସ ଓ ମଣିକାନ୍ଦନଙ୍କୁ ଅବିସ୍ମରଣୀୟ ଅନୁଭୂତି ପ୍ରଦାନ କରି ପୁନର୍ବାର ନିଜ ଯାତ୍ରା ଆରମ୍ଭ କରିଥିଲେ।

**OFFICE OF THE NOTIFIED AREA COUNCIL, KHALLIKOTE**

Letter No.- 885 /NAC Khallikote Date.7.4.2026

**"e" Procurement Notice**

13001/126/2627

TENDER REFERENCE NO.: KIT-NAC-01/2026-27

BID ID No 2026-ORULB_127976

Bid documents consisting of work, Estimated cost, Cost of Tender Paper, EMD, Time of completion, Class of contractor and the set of terms and conditions of contract and other necessary documents can be seen in Govt. website. i.e www.tendersodisha.gov.in

1. Name of the Work : Civil construction works as mentioned in DTCN.
2. No. of works : 05 Nos.
3. Estimated cost : Rs.4.99 lakhs to 19.53 lakhs
4. Period of completion : As Per DTCN
5. Date & time of availability of bid document in the portal : From 10.00 AM of 09.04.2026 to 18.04.2026 up to 5.00 PM.
6. Last date / Time for receipt of bids in the portal : 18.04.2026 up to 5.00 PM.
7. Bids received online shall be opened on : 20.04.2026 at 10.00 AM.
8. Name and address of the Officer Inviting Bid : Executive Officer, NAC, Khallikote.

Further details can be seen from the e-procurement portal https://tendersodisha.gov.in

Sd/- Executive Officer
NAC, Khalikote.

OIPR-13001/13110/1/26-27/0001

# ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ହସ୍ପିଟାଲରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ



**ଖୋର୍ଦ୍ଧା ରୋଡ୍, ନ୍ୟୁଜ ବ୍ୟୁରୋ**
ଖୋର୍ଦ୍ଧା ରୋଡ୍ ମଣ୍ଡଳ ସ୍ଥିତ ରେଳ ହସ୍ପିଟାଲରେ "ସ୍ୱାସ୍ଥ୍ୟ ପାଇଁ ଏକାଠି: ବିଜ୍ଞାନ ସହିତ ଠିଆ ହେବା" ଆଧାରରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟସେବା ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ ଉନ୍ନତିରେ ବୈଜ୍ଞାନିକ ପ୍ରଗତିର ଭୂମିକା ସମ୍ପର୍କରେ ଜନସାଧାରଣ ଓ ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ସେମିନାରରେ ପ୍ରତିରୋଧକ ସ୍ୱାସ୍ଥ୍ୟସେବା, ଟୀକାକରଣର ଗୁରୁତ୍ୱ ଏବଂ ସୁସ୍ଥ ଜୀବନଶୈଳୀ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ମଣ୍ଡଳ ଚିକିତ୍ସା ଅଧିକାରୀ ଡାକ୍ତର କେ. ସେଠି ସଭାକୁ ସମ୍ବୋଧିତ କରି ସ୍ୱାସ୍ଥ୍ୟସେବା ପ୍ରଦାନରେ ଆଧୁନିକ ବୈଜ୍ଞାନିକ ପଦ୍ଧତିର ପ୍ରୟୋଗ ଉପରେ ଆଲୋକପାତ କରିଥିଲେ। ସେହିପରି ନର୍ସିଂ ଅଧୀକ୍ଷିକା ମମତା ସାହୁ ଏବଂ ବର୍ଣ୍ଣାଲି ଦାସ ରୋଗୀ ସେବାରେ ଗୁଣାତ୍ମକ ମାନ ବଜାୟ ରଖିବା ପାଇଁ ପ୍ରମାଣିକ ଭିତ୍ତିରେ ଅଭ୍ୟାସର ଆବଶ୍ୟକତା ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ। ମଣ୍ଡଳ ଚିକିତ୍ସା ଅଧିକାରୀ ଡାକ୍ତର ଆର.ଏନ୍. ପଣ୍ଡା ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ହସ୍ପିଟାଲର ସମସ୍ତ ଡାକ୍ତର ଓ ପାରାମେଡିକାଲ୍ କର୍ମଚାରୀମାନେ ଏଥିରେ ସକ୍ରିୟ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ରାଜଧାନୀରେ ନିରବଚ୍ଛିନ୍ନ, ଉଚ୍ଚ ଗୁଣସ୍ତରୀୟ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱରର ବିଦ୍ୟୁତ୍ ସରବରାହ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ବାଲିଅନ୍ତାଠାରେ ୩ଟି ନୂତନ ଗ୍ରୀଡ୍ ସବ୍‌ଷ୍ଟେସନ ଓ ୮ଟି ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସମିସନ ଲାଇନ୍ ଉଦ୍ଘାଟନ କରିଛନ୍ତି। ସୂଚନାଯୋଗ୍ୟ ଯେ, ପ୍ରାୟ ୬୦୦କୋଟି ଟଙ୍କା ବ୍ୟୟରେ ଏହି ୩ଟି ନୂତନ ଗ୍ରୀଡ୍ ସବ୍‌ଷ୍ଟେସନ - ବାଲିଅନ୍ତା, ସତ୍ୟନଗର, ଏବଂ କଟକର ଏସ୍.ସି.ବି. ମେଡ଼ିକାଲରେ ସ୍ଥାପନ କରାଯାଇଛି। ଯାହାଦ୍ୱାରା ଅଞ୍ଚଳର ପ୍ରାୟ ୨୨ଲକ୍ଷ ଉପଭୋକ୍ତା ଲାଭାନ୍ୱିତ ହେବେ। ଏହାସହ ଭୁବନେଶ୍ୱରକୁ ଏକ ବିକଳ୍ପ ବିଦ୍ୟୁତ ଉତ୍ସ ସହିତ ସଂଯୋଗ ମଧ୍ୟ କରାଯାଇଛି। ଆଗାମୀ ଦିନରେ କଟକ ଓ ଭୁବନେଶ୍ୱରକୁ ଏକାଧିକ ଫିଡର ଲାଇନ ଦ୍ୱାରା ସଂଯୁକ୍ତ କରାଯିବ। ଏହାଦ୍ୱାରା ରାଜଧାନୀବାସୀ ନିରନ୍ତର ଗୁଣାତ୍ମକ ବିଦ୍ୟୁତସେବା ପାଇପାରିବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପ୍ରକଳ୍ପ ଗୁଡ଼ିକ ବହୁ ପୂର୍ବରୁ ମଞ୍ଜୁରୀ ପାଇଥିଲେ ମଧ୍ୟ କୋର୍ଟ କେସ୍ ଓ ବିଭିନ୍ନ ସମସ୍ୟା ଯୋଗୁଁ ଏ ଗୁଡ଼ିକର କାର୍ଯ୍ୟ ଆରମ୍ଭ ହୋଇପାରୁ ନ ଥିଲା। ନୂଆ ସରକାର ଦାୟିତ୍ୱ ଗ୍ରହଣ କଲା ପରେ, ଏହି ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇ ସମସ୍ତ ସମସ୍ୟାର ସମାଧାନ କରି ବର୍ଷକ ତଳେ କାମ ଆରମ୍ଭ ହୋଇଥିଲା। ମାତ୍ର ୧ବର୍ଷ ମଧ୍ୟରେ ଓପିଟିସିଏଲ୍ ପକ୍ଷରୁ ୪ଟି ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇଛି। ଏଥି ମଧ୍ୟରୁ ନୟାପଲ୍ଲୀ ଗ୍ରୀଡ ଗତବର୍ଷଠାରୁ ବିଦ୍ୟୁତ ସେବା ଆରମ୍ଭ ହୋଇସାରିଛି। ରାଜଧାନୀବାସୀଙ୍କୁ ବିଶ୍ୱସ୍ତରୀୟ ବିଦ୍ୟୁତସେବା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ଦୃଢ ସଂକଳ୍ପ ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, 'ଯେଉଁଠି ଦୃଢ ଇଚ୍ଛା ଶକ୍ତି ଥାଏ, ସେଠାରେ ଅସମ୍ଭବ ସମ୍ଭବ ହୁଏ'।

ସେହିପରି ରାଜଧାନୀ ପାଇଁ ୭୬୫କେ.ଭି. ଟ୍ରାନ୍ସମିସନ ବ୍ୟବସ୍ଥାର ବିକାଶ କରିବାର ଯୋଜନା ରହିଛି। ପରବର୍ତ୍ତୀ ସମୟରେ କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ଗ୍ରୀଡ୍ ସବ୍-ଷ୍ଟେସନକୁ ଏକାଧିକ ଫିଡର ମାଧ୍ୟମରେ ଯୋଗାଣ ବ୍ୟବସ୍ଥା କରାଯିବ। ଗୁରୁବାର ସ୍ଥିତି ଅନୁଧ୍ୟାନ କଲା ପରେ ମୁଖ୍ୟମନ୍ତ୍ରୀ ଭିଙ୍ଗାରପୁର, ଉତ୍ତମପୁର, ଗଙ୍ଗେଶ୍ୱର, ପାଣ୍ଡରା, ଜଗନ୍ନାଥ ନଗର, ମଙ୍ଗରାଜ, ପଳାଶୁଣୀ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ଆଉ ୩ଟି ଫିଡର ଯୋଗାଇଦେବାକୁ ଟାଟା ପାୱାରକୁ ନିର୍ଦ୍ଦେଶ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିଜ ଅଭିଭାଷଣରେ କହିଥିଲେ ଯେ, ଆମ ସରକାରଙ୍କ ଦ୍ୱାରା ଲୋକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ଆମେ ରକ୍ଷା କରିଛୁ।

ଏଥର ଭୁବନେଶ୍ୱର ଓ ବାଲିଅନ୍ତା ଅଞ୍ଚଳରେ ନୂଆ ଶକ୍ତିର ସ୍ରୋତ ଭାବେ ଏହି ଗ୍ରୀଡ୍ ସବ ଷ୍ଟେସନ କାର୍ଯ୍ୟ କରିବ। ଲୋକମାନେ ଆଉ ଲୋ ଭୋଲଟେଜ ସମସ୍ୟାର ସମ୍ମୁଖୀନ ହେବେ ନାହିଁ। ଏହିଭଳି ବଡ଼ ବଡ଼ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ ସର୍ବଦା ଆବଶ୍ୟକ। ଏଥିପାଇଁ ସ୍ଥାନୀୟ ଲୋକମାନେ ଏଥିରେ ସହଯୋଗ କରନ୍ତୁ ଆଗକୁ ରାଜ୍ୟରେ ଏମିତି ଜାରି ରହିବ। ଧାର୍ଯ୍ୟ ସମୟ ସୀମା ମଧ୍ୟରେ କାର୍ଯ୍ୟ ଶେଷ କରିଥିବାରୁ ଓପିଟିସିଏଲକୁ ଧନ୍ୟବାଦ ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଓପିଟିସିଏଲ୍ ସିଏମ୍‌ଡି ଭାସ୍କର ଜ୍ୟୋତି ଶର୍ମା ଏବଂ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆସାମ, କେରଳ...

୭୦.୪୦% ମତଦାନ ରେକର୍ଡ କରାଯାଇଛି। ୧୨୬ ବିଧାନସଭା ଆସନରେ ମୋଟ ୭୨୨ ଜଣ ପ୍ରାର୍ଥୀ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି। ୩୧,୪୯୦ ବୁଥ୍‌ରେ ଲୋକମାନେ ସକାଳ ୭ଟାରୁ ମତଦାନ ଆରମ୍ଭ କରିଥିବା ବେଳେ ଧାର୍ଯ୍ୟ ସମୟ ସନ୍ଧ୍ୟା ୫ଟା ପରେ ଭୋଟିଂ ଚାଲିଥିଲା। କେରଳର ୧୪୦ ବିଧାନସଭା ଆସନ ପାଇଁ ମଧ୍ୟ ଗୁରୁବାର ମତଦାନ ଶେଷ ହୋଇଛି। ଏଠାରେ ଭୋଟିଂ ଶେଷ ସମୟ ସନ୍ଧ୍ୟା ୬ଟା ଯାଏ ରହିଥିଲା। ତଥାପି ଲୋକମାନେ ବିଭିନ୍ନ ବୁଥରେ ଲମ୍ବା ଧାଡ଼ିରେ ରହିଥିବାରୁ ସେମାନଙ୍କୁ ଭୋଟ ଦେବାକୁ ଅନୁମତି ମିଳିଥିଲା। ଏଠାରେ ସନ୍ଧ୍ୟା ୫ଟା ମଧ୍ୟରେ ଭୋଟିଂ ହାର ୭୫.୦୧% ରେକର୍ଡ କରାଯାଇଛି। ଏହା ୨୦୨୧ରେ ହୋଇଥିବା ୭୪.୦୬% ଭୋଟିଂ ହାର ଠାରୁ ସାମାନ୍ୟ ଅଧିକ। ପୁଡୁଚେରୀର ସମସ୍ତେ ୩୦ ବିଧାନସଭା ଆସନ ପାଇଁ ଲୋକମାନେ ଭୋଟ ଦେଇଛନ୍ତି। ଏଠାରେ ପ୍ରାୟ ୮୭% ଭୋଟିଂ ହୋଇଛି। ଏହି କେନ୍ଦ୍ର ଶାସିତ ଅଞ୍ଚଳରେ ଏନଡିଏ ଏବେ କ୍ଷମତାରେ ରହିଛି। ଗୁରୁବାର ୨ ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳରେ ମତଦାନ ଶେଷ ହୋଇଥିବା ବେଳେ ଆସନ୍ତା ୪ ତାରିଖରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ।

## ଆଜି ରାଜ୍ୟ ...

ସେହିଭଳି ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ଏବଂ ଆଇନ ବିଭାଗ ଭଳି ଅନେକ ବିଭାଗର ପ୍ରସ୍ତାବ ଉପରେ ମନ୍ତ୍ରୀମଣ୍ଡଳ ବୈଠକରେ ଆଲୋଚନା ପରେ ଅନୁମୋଦନ ମିଳିପାରେ।

## ପଶ୍ଚିମବଙ୍ଗ...

କ୍ଷମତାସୀନ ଟିଏମ୍‌ସି ପଶ୍ଚିମବଙ୍ଗର ଆର୍ଥିକ ଅଭିବୃଦ୍ଧିକୁ ଅବହେଳା କରୁଥିବା ଅଭିଯୋଗ କରି ସେ କହିଛନ୍ତି, "ହଲଦିଆ ଏକଦା ଆଧୁନିକ ଭାରତର ପ୍ରମୁଖ ଶିଳ୍ପ କେନ୍ଦ୍ର ରହିଥିଲା। କିନ୍ତୁ ଏବେ ଗୋଟିଏ ପରେ ଗୋଟିଏ କମ୍ପାନୀ ବନ୍ଦ ହେବାରେ ଲାଗିଛି। ଏକଦା ଲୋକମାନେ ହଲଦିଆକୁ କାମ କରିବାକୁ ଆସୁଥିଲେ। କିନ୍ତୁ ଆଜିକା ଦିନରେ ଏଠାକାର ଲୋକ କାର୍ଯ୍ୟ ଅନ୍ୱେଷଣରେ ବାହାରକୁ ଯାଉଛନ୍ତି। ଟିଏମ୍‌ସି ସରକାର ବେଙ୍ଗଲ ଯୁବପିଢ଼ିଙ୍କ ଠାରୁ ଚାକିରି ଛଡ଼ାଇ ନେଇ ଅନୁପ୍ରବେଶକାରୀଙ୍କୁ ଦେଉଛନ୍ତି। ଏହି ବ୍ୟବସ୍ଥାରେ ବିଜେପି କ୍ଷମତାକୁ ଆସିବାକ୍ଷଣି ପୂର୍ଣ୍ଣଚ୍ଛେଦ ପଡ଼ିବ। ଏବେ ଏଠାରେ କୌଣସି ଫ୍ୟାକ୍ଟ୍ରୀ ନାହିଁ। କେବଳ ଅନୁପ୍ରବେଶକାରୀଙ୍କୁ ଆଣିବା ପାଇଁ ଫ୍ୟାକ୍ଟ୍ରୀ ତିଆରି ହେଉଛି।" ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ସପକ୍ଷରେ ଯୁକ୍ତି ରଖି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ବିଜେପି ବେଙ୍ଗଲର ଅର୍ଥନୀତିକୁ ପୁଣି ଟ୍ରାକ୍‌କୁ ଆଣିବ। ଏହି ନିର୍ବାଚନ ବିକଶିତ ବେଙ୍ଗଲ ପାଇଁ। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଏକାଠି କାମ କଲେ ପ୍ରକୃତ ବିକାଶ ହେବ ବୋଲି ମୋଦୀ କହିଛନ୍ତି। ଟିଏମ୍‌ସି ରାଜ୍ୟରେ ଦୁର୍ନୀତିର ସିଣ୍ଡିକେଟ ଚଳାଉଥିବା ଅଭିଯୋଗ କରି ମୋଦୀ କହିଛନ୍ତି ବିଜେପି ନିଶ୍ଚିତ ଭାବେ ଗୋଟିଏ ସ୍ୱଚ୍ଛ ଓ ନିରପକ୍ଷ ଶାସନ ଦେବ। ଟିଏମ୍‌ସି ସରକାର ଅଧୀନରେ କୌଣସି କାମ ଟଙ୍କା ଓ କମିଶନ ବିନା ହେଉନାହିଁ। କିନ୍ତୁ ବିଜେପି ଏହି ଦୁର୍ନୀତି କିମ୍ବା ପ୍ରିୟାପ୍ରୀତିକୁ ସହ୍ୟ କରିବ ନାହିଁ। ଟିଏମ୍‌ସି ସଦସ୍ୟଙ୍କ ନାଁରେ ଥିବା ସମସ୍ତ ଠକେଇ ଓ ଦୁର୍ନୀତିର ତଦନ୍ତ ହେବ। ସମସ୍ତଙ୍କ ହିସାବ ହେବ ବୋଲି ମୋଦୀ ଉପସ୍ଥିତ ଲୋକଙ୍କୁ କହିଛନ୍ତି।

## ମିଶନ ଶକ୍ତି ...

କାର୍ଯ୍ୟକଳାପରେ ସାମିଲ ହୋଇପାରିବେ। ଏଥିସହ ଏନସିଡବ୍ଲ୍ୟୁ ଅଧ୍ୟକ୍ଷା ଶ୍ରୀମତୀ ରାହତକର କହିଥିଲେ ଯେ, ମହିଳାମାନେ ଆତ୍ମନିର୍ଭରଶୀଳ ହେବା ସହ ନିଜ ସୁରକ୍ଷା ପାଇଁ ସଜାଗ ରହିଲେ ହିଁ ଦେଶର ଅର୍ଥନୀତିରେ ସେମାନଙ୍କର ଅବଦାନ ଅଧିକ ସୁଦୃଢ଼ ହେବ। ଜାତୀୟ ମହିଳା କମିଶନ ଏବଂ ମିଶନ ଶକ୍ତି ବିଭାଗର ମିଳିତ ସହଯୋଗରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୫ଟି ଜିଲ୍ଲା ଯଥା- ଖୋର୍ଦ୍ଧା, କଟକ, ପୁରୀ, କେନ୍ଦୁଝର ଏବଂ ଗଞ୍ଜାମର ୫,୦୦୦ ଏସଏଚଜି ସଦସ୍ୟାଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି, ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ମାନସୀ ନିମ୍ଭାଲ ଏବଂ ଅତିରିକ୍ତ ଶାସନ ସଚିବ ଶୈଳେନ୍ଦ୍ର କୁମାର ଜେନାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ମହିଳାଙ୍କ ନେତୃତ୍ୱରେ ବିକାଶର ନୂଆ ପର୍ଯ୍ୟାୟ ଉପରେ ଗୁରୁତ୍ୱାରୋପ କରିଥିଲେ।

## ସଂତୃପ୍ତ ଓ ମାନସ ...

ସେମାନଙ୍କ ମଧ୍ୟରେ ବିଜେଡ଼ିର ୬ଜଣ ସାଂସଦ ରହିଛନ୍ତି। ସେମାନେ ହେଲେ ସସ୍ମିତ ପାତ୍ର, ସୁଲତା ଦେଓ, ମାନସ ମଙ୍ଗରାଜ, ସୁବାଶୀଷ ଖୁଣ୍ଟିଆ, ଦେବାଶୀଷ ସାମନ୍ତରାୟ ଓ ସଂତୃପ୍ତ ମିଶ୍ର। ଏଠାରେ ଉଲ୍ଲେଖଯୋଗ୍ୟ ନିକଟରେ ଅନୁଷ୍ଠିତ ହୋଇଯାଇଥିବା ରାଜ୍ୟସଭା ନିର୍ବାଚନରେ ବିଜେଡ଼ିର ପ୍ରାର୍ଥୀ ଭାବେ ସଂତୃପ୍ତ ମିଶ୍ର ବିଜୟୀ ହୋଇଥିବା ବେଳେ କଂଗ୍ରେସ ସମର୍ଥନରେ ମିଳିତ ପ୍ରାର୍ଥୀ ଥିବା ଡାକ୍ତର ଦତ୍ତେଶ୍ୱର ହୋତା ପରାଜିତ ହୋଇଥିଲେ। ତେବେ ବିଜେପିର ଦୁଇଜଣ ପ୍ରାର୍ଥୀଥିବା ମନମୋହନ ସାମଲ ଓ ସୁଜିତ୍ କୁମାର ରାଜ୍ୟସଭା ନିର୍ବାଚନରେ ବିଜୟଲାଭ କରିଥିବା ବେଳେ ବିଜେପି ସମର୍ଥନରେ ଥିବା ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ମଧ୍ୟ ନିର୍ବାଚନ ଜିତିଥିଲେ। ଏହି ନିର୍ବାଚନ ଫଳାଫଳ ଆସିବା ପରେ ବିଜେଡ଼ିରେ ଅସନ୍ତୋଷ ଓ କନ୍ଦଳ ଘନୀଭୂତ ହୋଇଥିଲା। ସାଂସଦ ଶ୍ରୀ ପାତ୍ରଙ୍କୁ ରାଜ୍ୟସଭାରେ ଦଳର ନେତା ପଦରୁ ହଟାଇବା ପାଇଁ ଗୋଟିଏ ଗୋଷ୍ଠୀ ଉଦ୍ୟମ କରିଥିଲେ। ଏହା ପଛର କାରଣ ସମ୍ପର୍କରେ ଯାହା କୁହାଯାଉଛି ତାହା ହେଲା ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ବରପୁତ୍ର ବିଜୁ ପଟ୍ଟନାୟକଙ୍କ ପ୍ରତି ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଆକ୍ଷେପୋକ୍ତି ନେଇ ରାଜ୍ୟସଭାରେ ବିଜେଡ଼ି ସାଂସଦମାନେ ବକ୍ତବ୍ୟ ରଖିବାରୁ ବଞ୍ଚିତ ହୋଇଥିଲେ। ପୂର୍ବରୁ ଶ୍ରୀ ପାତ୍ର ଏହି ପ୍ରସଙ୍ଗରେ ଜବାବ ରଖିବାରେ ସମୟ ନେଇ ସାରିଥିବାରୁ ବିଜେଡ଼ିର ଅନ୍ୟ ସାଂସଦମାନେ ଅଭିଯୋଗର ଜବାବ ରଖିବାକୁ ସୁଯୋଗ ପାଇନଥିଲେ। ଏଥିପାଇଁ ବିଜେଡ଼ି ସାଂସଦମାନେ କ୍ଷୋଭ ପ୍ରକାଶ କରି ଦଳର ସଭାପତି ଶ୍ରୀ ପଟ୍ଟନାୟକଙ୍କୁ ଚିଠି ଲେଖି ଶ୍ରୀ ପାତ୍ରଙ୍କୁ ତାଙ୍କ ପଦରୁ ହଟାଇବା ପାଇଁ ଦାବି ଜଣାଇଥିଲେ। ଏ ସମ୍ପର୍କରେ ସୂଚନା ପାଇବା ପରେ ଶ୍ରୀ ପାତ୍ର ତାଙ୍କ ଇସ୍ତଫା ପତ୍ର ଦଳର ସଭାପତି ଶ୍ରୀ ପଟ୍ଟନାୟକଙ୍କ ପାଖକୁ ପଠାଇଥିଲେ।

## ଓଏସ୍‌ଏସ୍‌ଟିଇଟି ରେଜଲ୍ଟ ...

ଔପଚାରିକ ପ୍ରେସ୍ ବିଜ୍ଞପ୍ତି ଅନୁସାରେ, ପରୀକ୍ଷା ପାଇଁ ମୋଟ ୫୬,୪୫୬ ପ୍ରାର୍ଥୀ ପେପର-୧ ଓ ୨ ପାଇଁ ପଞ୍ଜିକରଣ କରିଥିଲେ। ଏହି ବର୍ଷ ମୋଟ ଉତ୍ତୀର୍ଣ୍ଣ ପ୍ରତିଶତ ୭୨.୩୮% ରହିଛି, ଯାହା ପ୍ରାର୍ଥୀମାନଙ୍କର ଭଲ ପ୍ରଦର୍ଶନକୁ ଦର୍ଶାଉଛି। ରେଜଲ୍ଟ ଗୁରୁବାର ଅପରାହ୍ନ ୪:୦୦ଟାରୁ ବିଏସଇ ଓଡିଶାର ଔପଚାରିକ ୱେବସାଇଟ୍‌ରେ ଅନଲାଇନ୍ ଉପଲବ୍ଧ ହୋଇଛି। ପାସ କରିଥିବା ପ୍ରାର୍ଥୀମାନେ ଗୁରୁବାର ସନ୍ଧ୍ୟା ୫:୦୦ଟାରୁ ନିର୍ଦ୍ଧାରିତ ଶୁଳ୍କ ଦେଇ ନିଜର ଡିଜିଟାଇଜଡ୍ ସାର୍ଟିଫିକେଟ୍ ଡାଉନଲୋଡ୍ କରିପାରୁଛନ୍ତି। ସାର୍ଟିଫିକେଟ୍‌ର ହାର୍ଡ କପି ପରେ ଜାରି କରାଯିବ।

## ମହାଭାରତ...

ଜଣଙ୍କ ଅଭିଯୋଗ କରିଛନ୍ତି ଯେ ସମସ୍ତ ପ୍ରକାରର ନିୟମକୁ ଉଲ୍ଲଙ୍ଘନ କରି ତାଙ୍କର କିମ୍ବା ତାଙ୍କ ଦୁଇ ପିଲାଙ୍କ ଲାଳନପାଳନ କଥା ବୁଝୁ ନାହାନ୍ତି ସ୍ୱାମୀ। ପତ୍ନୀ ଜଣଙ୍କ ମୁମ୍ବାଇର ଲୋଖଣ୍ଡୱାଲା ସ୍ଥିତ ଗୋଟିଏ ୩ ବିଏଚକେ ଫ୍ଲାଟରେ ରହୁଥିଲେ। ଏହି ଫ୍ଲାଟଟି ତାଙ୍କ ଶ୍ୱଶୁରଙ୍କ ନାଁରେ ରହିଛି। ହେଲେ ସ୍ୱାମୀ ଜଣଙ୍କ ଏହାକୁ ଖାଲି କରିବାକୁ ଚାପ ପକାଇ ଚାଲିଥିଲେ। ସ୍ୱାମୀ ଜଣଙ୍କ କେବଳ ତାଙ୍କ ପତ୍ନୀ କିମ୍ବା ସମ୍ପର୍କୀୟଙ୍କ ବିରୋଧରେ ନୁହେଁ, ବରଂ ପତ୍ନୀଙ୍କ ଓକିଲଙ୍କ ବିରୋଧରେ ମଧ୍ୟ ମାମଲା କରିଥିଲେ।

## ଆସିଲା ବିଜୁ ...

(ଶ୍ରାଦ୍ଧଦିବସ)ରେ ଅନୁଗତମାନେ ଏକାଠି ହୋଇ ଏକ ସାମ୍ମୁଖ୍ୟ ଗଠନ କରିପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ଅନ୍ୟପକ୍ଷରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ମୁରବୀତ୍ୱ ପ୍ରସଙ୍ଗରେ ଏକ ନୂତନ ତଥା ରୋଚକ ତଥ୍ୟ ସାମ୍ନାକୁ ଆସିଛି। ୪୫ ବର୍ଷ ତଳେ ବିଜୁଙ୍କ ଅତ୍ୟନ୍ତ ଘନିଷ୍ଠ ଅନୁଗତ ନଳିନୀକାନ୍ତ ମହାନ୍ତିଙ୍କ ବିବାହର ଆୟୋଜକ, ଶୁଭେଚ୍ଛୁ ତଥା କର୍ତ୍ତା ଭାବେ ତାଙ୍କ ନାମ ନିମନ୍ତ୍ରଣ ପତ୍ରରେ ପ୍ରକାଶ ପାଇଥିଲା। ସେତେବେଳେ ବିଜୁ ପଟ୍ଟନାୟକ ଦଳରେ ତାଙ୍କର ସହଯୋଗୀ ଓ ଅନୁଗତଙ୍କୁ ପରିବାର ଭଳି ମନେ କରୁଥିଲେ ଏବଂ ସେମାନଙ୍କ ସହ ତାଙ୍କର ଅତ୍ୟନ୍ତ ଘନିଷ୍ଠ ଆତ୍ମୀୟତା ରହିଥିଲା। ୧୯୮୧ ମସିହାରେ ନଳିନୀକାନ୍ତ ମହାନ୍ତିଙ୍କ ବାହାଘର ଭୁବନେଶ୍ୱରରେ ଦାମୋଦର ରାଉତଙ୍କ ବାସଭବନରେ ହୋଇଥିଲା। ସେତେବେଳେ ସେହି ବାହାଘର ନିମନ୍ତ୍ରଣ ପତ୍ରରେ ଶୁଭେଚ୍ଛୁ ଭାବେ ସର୍ବାଗ୍ରେ ରହିଥିଲା ବିଜୁ ପଟ୍ଟନାୟକଙ୍କ ନାମ। ଏହା ସହିତ ତାଙ୍କର ଅନୁଗତ ନେତା ଶରତ ଦେବ, ଦାମୋଦର ରାଉତ, ବିଜୟ ମହାପାତ୍ର, ଶ୍ରୀକାନ୍ତ ଜେନା ଓ ଉମେଶ ସ୍ୱାଇଁ ପ୍ରମୁଖଙ୍କର ନାମ ମଧ୍ୟ ସେହି ନିମନ୍ତ୍ରଣ ପତ୍ରରେ ଛପା ହୋଇଥିଲା। ଏଥିରୁ ସ୍ପଷ୍ଟ ଜଣାପଡୁଥିଲା ବିଜୁ ପଟ୍ଟନାୟକ ତାଙ୍କ ଦଳ ଓ ଅନୁଗତନେତାଙ୍କୁ କେତେ ଭଲପାଉଥିଲେ। ପୂର୍ବତନ ବିଜେଡ଼ି ବିଧାୟକ ଅଂଶୁମାନ ମହାନ୍ତି ତାଙ୍କ ପିତା ନଳିନୀକାନ୍ତ ମହାନ୍ତିଙ୍କ ବାହାଘର ନିମନ୍ତ୍ରଣ ପତ୍ରରେ ବିଜୁ ପଟ୍ଟନାୟକଙ୍କ ନାମ ପ୍ରକାଶ ପାଇଥିବା ନେଇ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ବିଜେଡ଼ିର ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ବିଜୁ ଲିଗାସି ଏକାଠି ହେବାନେଇ ହେଉଥିବା ଚର୍ଚ୍ଚାକୁ ସ୍ୱାଗତ କରିଛନ୍ତି। ସେ କହିଛନ୍ତି ବିଜୁବାବୁଙ୍କ ନାମକୁ ନେଇ ଏକାଠି ହେଉଥିବା ଭଲ କଥା। ତାଙ୍କ ନୀତି ଆଦର୍ଶ ମାନୁଛନ୍ତି ବଡ କଥା।

### ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଓ ସର୍ବୋଚ୍ଚ ଯନ୍ତ୍ରୀଙ୍କ କ୍ଷେତ୍ର ପରିଦର୍ଶନ

# ଜଳସେଚନ ପ୍ରକଳ୍ପ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ରାଜ୍ୟର ଜଳସେଚନ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଚାଷୀଙ୍କୁ ନିରନ୍ତର ଜଳ ଯୋଗାଇଦେବା ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବା ଲକ୍ଷ୍ୟରେ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଏବଂ ସର୍ବୋଚ୍ଚ ଯନ୍ତ୍ରୀ ଇଂ ସାଗର ମହାନ୍ତି ବିଭିନ୍ନ ଜିଲ୍ଲା ଗସ୍ତ କରି ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରିଥିଲେ। ମୁଖ୍ୟ ଶାସନ ସଚିବ ବଡ଼ମ୍ବା ବ୍ଲକସ୍ଥିତ ପଦ୍ମନାଭପୁର ଚେକ୍ ଡ୍ୟାମ୍ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଚେକ୍ ଡ୍ୟାମର ନବୀକରଣରେ ବ୍ୟୟ ଏବଂ ଏହାର ଜଳସେଚନ କ୍ଷମତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହ ୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା ୯୦ ପ୍ରତିଶତ ବ୍ୟୟ ଅଟକଳ ଶେଷ କରିବାକୁ ମାସିକ ଲକ୍ଷ୍ୟଧାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ଚାଷୀଙ୍କ ସହ ଆଲୋଚନା କରି ସେ ପାଣି ପଞ୍ଚାୟତ ଗଠନ ଏବଂ ୱାଟର ୟୁଜର୍ସ ଆସୋସିଏସନ ପଞ୍ଜିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଚେକ୍ ଡ୍ୟାମର ସୁରକ୍ଷା ପାଇଁ ଅଫ୍ଲକ୍ସ ବନ୍ଧର ଟର୍ଫିଂ ଏବଂ ଅପ୍-ଷ୍ଟ୍ରିମ୍ ସ୍ଲୋପର ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ନରସିଂହପୁର ବ୍ଲକସ୍ଥିତ ହାଡ଼ୁଆ ଜଳସେଚନ ପ୍ରକଳ୍ପର ସମୀକ୍ଷା ସମୟରେ କଂକ୍ରିଟ ଗ୍ରାଭିଟି ଡ୍ୟାମ୍ ଓ ସ୍ପିଲୱେ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାର୍ଯ୍ୟ ଶେଷ କରବାକୁ କରିଛନ୍ତି। ଏହା ବ୍ୟତୀତ ପ୍ରକଳ୍ପ ଅଂଚଳରେ ଏକ ସ୍କାଡା କଂଟ୍ରୋଲ ରୁମ, ପର୍ଯ୍ୟଟକଙ୍କ ପାଇଁ ସୌନ୍ଦର୍ଯ୍ୟକରଣ ଏବଂ ଶିଶୁ ଉଦ୍ୟାନ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି। ଏହି ପରିଦର୍ଶନ ଏବଂ ସମୀକ୍ଷା ସମୟରେ ମାନ୍ୟବର ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ଆଠଗଡ ଉପଜିଲ୍ଲାପାଳ ଶ୍ରୀ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ, ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ ସାଗର ମହାନ୍ତି ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକର ବିଭିନ୍ନ ପ୍ରକଳ୍ପର ଯାଞ୍ଚ କରିଥିଲେ। ମୁଖ୍ୟଯନ୍ତ୍ରୀ ପାଟଣାଗଡ଼ ବ୍ଲକର ସୁବର୍ଣ୍ଣରେଖା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ ଉପର ଲାନ୍ଥ ଜଳସେଚନ ପ୍ରକଳ୍ପର କ୍ଷେତ୍ର ପରିଦର୍ଶନ କରି ପ୍ରକଳ୍ପ କାର୍ଯ୍ୟରେ ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ନଦୀ ବନ୍ଧର ଖାଲି ସ୍ଥାନକୁ ତୁରନ୍ତ ବନ୍ଦ କରି କାର୍ଯ୍ୟ ଶେଷ କରିବାକୁ ସେ କ୍ଷେତ୍ରୀୟ କର୍ମଚାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏହାସହ ମାୟାବତୀ ନଦୀ ଉପରେ ନିର୍ମିତ ବେରହାମପୁରା ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ସେତୁର ମଧ୍ୟ ସେ ଯାଂଚ କରିଥିଲେ। ନଦୀ ଜଳକୁ ସଂଚୟ କରି ଜଳସେଚନ ଏବଂ ପାନୀୟ ଜଳ ଯୋଗାଣ ପାଇଁ ସେତୁ ଗୁଡ଼ିକରେ ଶଟର୍ ଲଗାଇବା ପାଇଁ ସେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ସମୟରେ ବିଭାଗୀୟ ମୁଖ୍ୟ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ ଏବଂ ପାଟଣାଗଡ଼ର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ କ୍ଷେତ୍ର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଓଡ଼ିଆ ପକ୍ଷ : ବହି କିଣିବା ପାଇଁ ଯୁବ ପିଢ଼ିଙ୍କ ମଧ୍ୟରେ ଉତ୍ସାହ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଛି ଓଡ଼ିଆ ପକ୍ଷ। ଆଜି ଓଡ଼ିଆ ପକ୍ଷ ପାଳନର ନବମ ଦିନରେ 'ଆସ ବହିଟିଏ କିଣିବା ଅଭିଯାନ' କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପୁସ୍ତକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଏଥିସହ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟମାନଙ୍କରେ ମଧ୍ୟ ବିଭିନ୍ନ ପ୍ରକାଶନୀ ସଂସ୍ଥା ପକ୍ଷରୁ ପୁସ୍ତକ ଷ୍ଟଲ ଖୋଲାଯାଇଥିଲା। ପୁସ୍ତକ ଷ୍ଟଲମାନଙ୍କରେ ପାଠକମାନଙ୍କ ଭିଡ଼ ଜମିବା ସହ ବହୁ ପାଠକମାନେ ନିଜ ପାଇଁ ଏବଂ ନିଜ ବନ୍ଧୁ ପରିଜନଙ୍କ ପାଇଁ ବହି କିଣିଥିଲେ। ବହି କିଣିବା ସହ ଏହାର ସେଲ୍ଫି ଉଠାଇ ପାଠକମାନେ ଏହାକୁ ଓଡ଼ିଆ ପକ୍ଷ ୱେବ୍‌ସାଇଟରେ ମଧ୍ୟ ଅପଲୋଡ଼ କରିଛନ୍ତି। ଆଜି ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା 'ଆସ ବହିଟିଏ କିଣିବା' ଅଭିଯାନ କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଏବଂ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ଅତିଥି ଭାବେ ଯୋଗଦେଇ ପୁସ୍ତକ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଏଥିସହ ନିଜେ ମଧ୍ୟ ପୁସ୍ତକ କିଣି 'ଆସ ବହିଟିଏ କିଣିବା' ଅଭିଯାନରେ ନିଜକୁ ସାମିଲ କରିଥିଲେ। 'ପୁସ୍ତକ ହେଉଛି ଆମ ସମାଜର ଦର୍ପଣ। ଜଣେ ଲେଖକ ନିଜର ଲେଖନୀ ଚାଳନା କରି ଯେଉଁ ପୁସ୍ତକଟିଏ ରଚନା କରିଥାଏ ତାହା ଆମକୁ ଆମ ସମାଜର ବାସ୍ତବିକତା ସହ ପରିଚିତ କରାଇଥାଏ ଏବଂ ଏହା ଆମକୁ ଦିଗଦର୍ଶନ ମଧ୍ୟ ପ୍ରଦାନ କରିଥାଏ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ଏବଂ ପ୍ରସାର ସହ ଆମ ଯୁବପିଢ଼ିକୁ ନିଜ ସଂସ୍କୃତି ସହ ପୁନଃ ସଂଯୋଜିତ କରିବା ନିମନ୍ତେ ପୁସ୍ତକ ଏକ ପ୍ରମୁଖ ଭୂମିକା ନିର୍ବାହ କରିଥାଏ। ଆଜିର ପୁସ୍ତକ ପ୍ରଦର୍ଶନୀରେ ଯୁବପିଢ଼ିଙ୍କ ଯୋଗଦାନ ଏବଂ ଯୁବପିଢ଼ିଙ୍କ ମଧ୍ୟରେ ପୁସ୍ତକ ପ୍ରତି ରହିଥିବା ଆଗ୍ରହ ଆମ ସମସ୍ତଙ୍କୁ ଉତ୍ସାହିତ କରିଛି' ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଆଜି 'ଆସ ବହିଟିଏ କିଣିବା' ଅଭିଯାନ କାର୍ଯ୍ୟକ୍ରମର ଆୟୋଜନ ଅବସରରେ ବିଶିଷ୍ଟ ଅତିଥିମାନଙ୍କୁ ଭାଗବତ ପୁସ୍ତକ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଓଡ଼ିଆ ପକ୍ଷ ପାଳନର ଦଶମ ଦିନ ଅର୍ଥାତ ଏପ୍ରିଲ ୧୦ ତାରିଖ ଦିନ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ 'ଲୋକ କଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମର ଆୟୋଜନ କରାଯିବ।

# ରାଜା ସାହାଣୀକୁ ୭ ଦିନିଆ ରିମାଣ୍ଡରେ ନେଲେ ମହୀଶୂର ପୁଲିସ

**କଟକ, ନ୍ୟୁଜ ବ୍ୟୁରୋ**
ଦୁର୍ଦ୍ଦାନ୍ତ ଅପରାଧୀ ରାଜା ସାହାଣୀକୁ ୭ ଦିନିଆ ରିମାଣ୍ଡରେ ନେଲା ମହୀଶୂର ପୁଲିସ। ଚୌଦ୍ୱାର ଜେଲ୍‌ରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରାଜାକୁ ରିମାଣ୍ଡରେ ନିଆଯାଇଛି। ମହୀଶୂର ସୁନା ଦୋକାନ ଲୁଟ୍ ଘଟଣାରେ ପଚରାଉଚରା କରିବ ପୁଲିସ। ଚୌଦ୍ୱାର ଜେଲ୍‌ରୁ ଫେରାର୍ ହୋଇ କର୍ଣ୍ଣାଟକ ମହୀଶୂର ଅଞ୍ଚଳର ଏକ ଗହଣା ଦୋକାନରେ କଳାକନା ବୁଲାଇଥିବା ବିହାରୀ ଅପରାଧୀ ରାଜା ସାହାଣୀ ପାଇଁ ବଢ଼ିଲା ଅଡୁଆ। ଗହଣା ଦୋକାନ ଲୁଟ୍ ମାମଲାରେ ଅଭିଯୁକ୍ତକୁ ଜେରା କରିବା ପାଇଁ କର୍ଣ୍ଣାଟକ ରାଜ୍ୟକୁ ନେବା ଲାଗି ମହୀଶୂର ପୁଲିସ କରିଥିବା ରିମାଣ୍ଡ ଆବେଦନକୁ କଟକ ଜେଏମ୍‌ଏଫ୍‌ସି-୧ କୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ଗୁରୁବାର ଅଭିଯୁକ୍ତକୁ ମହୀଶୂର ପୁଲିସ ୭ ଦିନିଆ ରିମାଣ୍ଡରେ ନେଇଛି। ଅଭିଯୁକ୍ତ ରାଜାକୁ ମହୀଶୂର ପୁଲିସ ଚୌଦ୍ୱାର ଜେଲ୍‌ରୁ ଆଣି ଡାକ୍ତରୀ ପରୀକ୍ଷା ନିରୀକ୍ଷା କରାଇବା ପରେ ନିଜ ରାଜ୍ୟକୁ ନେଇଯିବ ବୋଲି ସୂଚନା ମିଳିଛି। ଜେରା ସାରି ଆସନ୍ତା ୧୫ ତାରିଖରେ ପୁଣି ରାଜାକୁ ମହୀଶୂର ପୁଲିସ ଆଣି କୋର୍ଟରେ ହାଜର କରାଇବ ବୋଲି କଟକ କମିସନରେଟ୍ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ଚୌଦ୍ୱାର ଜେଲ୍‌ରୁ ରାଜା ଚମ୍ପଟ ମାରିବା ଘଟଣାର ତଦନ୍ତ କରୁଥିବା କମିସନରେଟ ପୁଲିସ ଜେଲ୍‌ର ଆଉ କିଛି କର୍ମଚାରୀଙ୍କୁ ପଚରାଉଚରା କରିଥିବା ସୂଚନା ମିଳିଛି। ଦୁଇ ବିହାରୀ ଅପରାଧୀ ଫେରାର୍ ହେବା ଘଟଣାରେ ଜେଲ୍‌ର କର୍ମଚାରୀଙ୍କ ସହ ଜେଲ୍‌ରେ ବିଭିନ୍ନ ମରାମତି କାମରେ ନିୟୋଜିତ ଶ୍ରମିକଙ୍କର ସନ୍ଦେହଜନକ ଭୂମିକା ରହିଥିବା ଚର୍ଚ୍ଚା ହେଉଛି। ଜେଲ୍ ଭିତରେ କାମ କରୁଥିବା ଶ୍ରମିକଙ୍କ ହାତରେ ଅଭିଯୁକ୍ତ ବିହାରୀ ଅପରାଧୀ ଲୁହା କଟର ମଗାଇଥିବା ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି। ତେବେ ଏସବୁ କାର୍ଯ୍ୟରେ ଜେଲ୍ କର୍ମଚାରୀମାନଙ୍କ ଭୂମିକା ସନ୍ଦେହ ଘେରରେ ରହିଛି। ଏମିତିକି ରାଜା ସାହାଣୀ ଜେଲ୍‌ର କିଛି କର୍ମଚାରୀଙ୍କୁ ଆପ୍ୟାୟିତ କରିଥିବାର ମଧ୍ୟ ସୂଚନା ମିଳିଛି। ଅଭିଯୁକ୍ତ ବିହାରୀ ଅପରାଧୀମାନେ ଫେରାର୍ ହେବା ପଛରେ ଜେଲ୍ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ଆରମ୍ଭରୁ ଯେଉଁ ଆଶଙ୍କା କରାଯାଉଥିଲା ତାହାର ଗୁମର ଖୋଲିବାକୁ ଯାଉଛି। ରାଜାକୁ ଜେରାରୁ ମିଳିଥିବା ତଥ୍ୟ ପ୍ରମାଣକୁ କମିସନରେଟ୍ ପୁଲିସ ଜେଲ୍ ବିଭାଗର ଉପରିସ୍ଥ ଅଧିକାରୀଙ୍କୁ ଜଣାଇବ। ଅନ୍ୟପକ୍ଷରେ ରାଜାକୁ ମହୀଶୂର ପୁଲିସ ୭ ଦିନିଆ ରିମାଣ୍ଡରେ ନେଇ ଫେରିବା ପରେ ପୁଣି ତାକୁ ଚୌଦ୍ୱାର ଜେଲ୍‌ରେ ଛାଡ଼ିବ। ଜେଲ୍‌ର କେତେକ କର୍ମଚାରୀଙ୍କ ସହ ରାଜାର ଯୋଗସୂତ୍ର ଭଲ ଥିବାରୁ ସୁରକ୍ଷା ଦୃଷ୍ଟିରୁ ରାଜାକୁ ଚୌଦ୍ୱାରରେ ରଖିବା ପାଇଁ ଜେଲ୍ କର୍ତ୍ତୃପକ୍ଷ ଆଉ ଚାହୁଁନାହାନ୍ତି। ସୁରକ୍ଷା ଦୃଷ୍ଟିରୁ ଅଭିଯୁକ୍ତକୁ ବ୍ରହ୍ମପୁର ସର୍କଲ ଜେଲ୍‌କୁ ସ୍ଥାନାନ୍ତର କରାଇବା ପାଇଁ ଚୌଦ୍ୱାର ଜେଲ୍ କର୍ତ୍ତୃପକ୍ଷ ଗତ ସୋମବାରଠାରୁ କୋର୍ଟରେ ଆବେଦନ କରିଛନ୍ତି। ମହୀଶୂରରୁ ଅଭିଯୁକ୍ତ ଫେରିବା ମଧ୍ୟରେ କୋର୍ଟରୁ ଅନୁମତି ମିଳିଯିବ ବୋଲି ଜେଲ୍ ବିଭାଗର ଜଣେ ଅଧିକାରୀ କହିଛନ୍ତି। ଚୌଦ୍ୱାର ଜେଲ୍‌ରୁ ଫେରାର ହୋଇ ପରେ ପୁଲିସ ହାତରେ ଧରାପଡ଼ିଥିବା ଅନ୍ୟତମ ବିହାରୀ ଅଭିଯୁକ୍ତ ମଧୁକାନ୍ତ ଏବେ ଭୁବନେଶ୍ୱର ଝାରପଡ଼ା ଜେଲ୍‌ରେ ବନ୍ଦୀ ରହିଛି।

# ଓଡ଼ିଆ ସାହିତ୍ୟର ବିଶିଷ୍ଟ କଥାଶିଳ୍ପୀ ସ୍ୱର୍ଗତ ସଦାନନ୍ଦ ତ୍ରିପାଠୀଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡ଼ିଆ ସାହିତ୍ୟର ବିଶିଷ୍ଟ କଥାଶିଳ୍ପୀ ସଦାନନ୍ଦ ତ୍ରିପାଠୀଙ୍କ ଦେହାବସାନ ୨ ଏପ୍ରିଲ ୨୦୨୬ରେ ଘଟିଅଛି। ଓଡ଼ିଆ ଗଳ୍ପଜଗତର ଜଣେ ଅପ୍ରତିଦ୍ୱନ୍ଦ୍ୱୀ କଥାକାର ଥିଲେ ସ୍ୱର୍ଗତ ତ୍ରିପାଠୀ। ତାଙ୍କର ସ୍ମୃତିରେ ଏକ ଶ୍ରଦ୍ଧାଞ୍ଜଳି ସଭା ଗୁରୁବାର ସନ୍ଧ୍ୟାରେ ବୁଦ୍ଧମନ୍ଦିରସ୍ଥ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବହୁ ବିଶିଷ୍ଟ ସାହିତ୍ୟିକ ଯୋଗଦାନ କରି ସଦାନନ୍ଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଶିଷ୍ଟ କବି ଅଶ୍ୱିନୀ କୁମାର ମିଶ୍ର, ପ୍ରାକ୍ତନ ସଚିବ, ଓଡିଶା ସାହିତ୍ୟ ଏକାଡେମୀ ପ୍ରାରମ୍ଭରେ ସଦାନନ୍ଦ ତ୍ରିପାଠୀଙ୍କ ସ୍ମୃତି ଚାରଣ କରିଥିଲେ। ପରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଆବାହକ ଡ. ଗୌରହରି ଦାସ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ। ଏହାପରେ ବିଶିଷ୍ଟ ଗାଳ୍ପିକ ଓ ଔପନାସିକ ଡ଼. ଅରବିନ୍ଦ



ରାୟ, ବରିଷ୍ଠ ଗାଳ୍ପିକ ଓ ଔପନାସିକ ଡ. ଅଜୟ ସ୍ୱାଇଁ, କଥାକାର ସହଦେବ ସାହୁ, କଥାକାର ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ଗାଳ୍ପିକା ଓ ଔପନାସିକା ଡ. କବିତା ବାରିକ,ଲେଖକ ଓ ପ୍ରକାଶକ ବନୋଜ ତ୍ରିପାଠୀ, ଲେଖକ ଓ ବୈଜ୍ଞାନିକ ଡ଼. କାର୍ତ୍ତିକ ସ୍ୱାଇଁ, ବିଶିଷ୍ଟ ଗାଳ୍ପିକ ରବି ପଣ୍ଡା, କବି ଓ ଲେଖକ ଉମାକାନ୍ତ (ଅରୂପ) ରାଉତ, କବି ଡ. ରକ୍ଷକ ନାୟକ, ଗାଳ୍ପିକ, ଔପନାସିକ ଓ ପ୍ରକାଶକ ପ୍ରକାଶ ମହାପାତ୍ର, କବି ଓ ସମାଲୋଚକ କ୍ଷୀରୋଦ ପରିଡ଼ା, ଲେଖକ ଅରୁଣ ସାହୁ, ବିଶିଷ୍ଟ ପ୍ରାବନ୍ଧିକ ଓ ସମାଲୋଚକ ଡ଼. ଅସିତ ମହାନ୍ତି, ଲେଖକ ଓ ଔପନ୍ୟାସିକ କ୍ଷୀରୋଦ ଦାସ, ଗାଳ୍ପିକା ଓ କବି ମୌସୁମୀ ଦାସ୍, ଗାଳ୍ପିକ ଡ଼ା. ମଣିରାମ ଜେନା, ଯୁବ କଥାକାର ଦେବବ୍ରତ ଦାସ, ଗାଳ୍ପିକ ଓ ସମ୍ପାଦକ ଅବିନାଶ ସାହୁ, ଗାଳ୍ପିକ ଓ ସମ୍ପାଦକ ଶ୍ରୀ ଗୋବିନ୍ଦ, ଗାଳ୍ପିକ ଡ. ଆଭାସ ବରାଳ ଏବଂ ବହୁତ ସଦାନନ୍ଦପ୍ରେମୀ ବ୍ୟକ୍ତି ଯୋଗଦାନ କରି ଗାଳ୍ପିକ ସଦାନନ୍ଦ ତ୍ରିପାଠୀଙ୍କ ବିଷୟରେ ସ୍ମୃତିଚାରଣ କରିଥିଲେ।

ଏହି ସଭାକୁ ଡ. ଅରବିନ୍ଦ ରାୟ, ବନୋଜ ତ୍ରିପାଠୀ ଏବଂ ମୌସୁମୀ ଦାସ୍ ପରିଚାଳନା ଏବଂ ସଂଯୋଜନା କରିଥିଲେ। ଏହି ଅବସରରେ ଗାଳ୍ପିକେ ସଦାନନ୍ଦ ତ୍ରିପାଠୀଙ୍କ ଉପରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କ ନାମରେ ଏକ ଟ୍ରଷ୍ଟ ଗଠନ କରାଯିବା ପାଇଁ ନିର୍ଣ୍ଣୟ କରାଗଲା।

ଉତ୍କଳ ଦୀପିକା
ଭୁବନେଶ୍ୱର, ୧୦ ଅପ୍ରେଲ, ଶୁକ୍ରବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

# ଆରମ୍ଭ ହେଲା ଘଟଗାଁ ତାରିଣୀଙ୍କ ଚଇତି ପର୍ବ: ସୁନାବେଶରେ ଦର୍ଶନ ଦେଲେ ମା’

**କେନ୍ଦୁଝର, ୯/୪ ନ୍ୟୁଜ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଘଟଗାଁରେ ଗୁରୁବାରଠୁ ଆରମ୍ଭ ହୋଇଛି ମା’ ତାରିଣୀଙ୍କ ୯୦ତମ ଚଇତି ପର୍ବ। ସପ୍ତାହେ ଧରି ମା’ଙ୍କ ପୀଠରେ ସ୍ୱତନ୍ତ୍ର ନୀତିକାନ୍ତି ହେବ । ମା’ଙ୍କୁ ସୁନାବେଶରେ ସଜ୍ଜିତ କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିବ ମଞ୍ଚ । ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଗୁରୁବାର ସକାଳୁ ଦେହୁରୀମାନେ ମା’ଙ୍କ ମାର୍ଜନା, ବଡ଼ସିଂହାର ବେଶ, ଷୋଡ଼ଶ ଉପଚାର, ମଙ୍ଗଳ ଆଳତି କରି ସୁନାବେଶ କରିଥିଲେ। ଏହା ସହ ମନ୍ଦିର ପରିସରରେ ହୋମଯଜ୍ଞ, ଭାଗବତ ପାରାୟଣ, ଚଣ୍ଡୀପାଠ ଓ ସତ୍ୟନାରାୟଣ ପୂଜା କରାଯାଇଛି । ୧୦୮ ନଡ଼ିଆ ପୂଜାପାଇଁ ଦୁଆରଶୁଣୀ ମନ୍ଦିରରେ ବ୍ୟବସ୍ଥା କରାଯାଇଥିବା ମନ୍ଦିର ଦେହୁରୀ ରବି ଦେହୁରୀ ପ୍ରକାଶ କରିଛନ୍ତି। ଚଇତି ପର୍ବରେ ମା’ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ରାଜ୍ୟର କୋଣ ଅନୁକୋଣରୁ ଶ୍ରଦ୍ଧାଳୁମାନେ ଘଟଗାଁ ଆସିଛନ୍ତି। ହଜାର ହଜାର ଗାଡ଼ି ଆସିଛି । ତିନିଟି ସ୍ଥାନ ଘଟଗାଁ ହାଟପଡ଼ିଆ, ଶାଳବଣ ବାଙ୍କ, ସରସ୍ୱତୀ ଶିଶୁମନ୍ଦିର ପଡ଼ିଆରେ ଗାଡ଼ି ପାକିଂ ବ୍ୟବସ୍ଥା କରାଯାଇଛି। ଆନନ୍ଦପୁର ଆଡୁ ଆସୁଥିବା ଗାଡ଼ିଗୁଡ଼ିକ ଶାଳବଣ ବାଙ୍କ, କେନ୍ଦୁଝର ପଟୁ ଆସୁଥିବା ଗାଡ଼ି ଗୁଡ଼ିକ ହାଟପଡ଼ିଆ ଓ ହରିଚନ୍ଦନପୁର ପଟୁ ଆସୁଥିବା ଗାଡ଼ି ଗୁଡ଼ିକ ସରସ୍ୱତୀ ଶିଶୁ ମନ୍ଦିର ପଡ଼ିଆରେ ପାକିଂ କରିଛନ୍ତି।



# ଡକ୍ଟର କମ୍ବୁପାଣି ସାମନ୍ତ ପାଇଲେ ‘ଭଞ୍ଜଭାରତୀ ଜୟଦେବ ଷଡଙ୍ଗୀ ସ୍ମୃତି ସମ୍ମାନ-୨୦୨୬’

**ଭୁବନେଶ୍ୱର,୯/୪ନ୍ୟୁଜ ବ୍ୟୁରୋ**

ନିଜ ମାତୃଭାଷାକୁ ସଂସ୍କୃତସାହିତ୍ୟର ସମକକ୍ଷ କରିବାର ଉଚ୍ଚାଙ୍ଗ ସାଧକ ତଥା ଆପଣା କାବ୍ୟ ଓ ସଂଗୀତ ଦ୍ୱାରା ଚଷାଠାରୁ ଯୋଷା ପର୍ଯ୍ୟନ୍ତ ଓଡ଼ିଆ ଜନଜୀବନକୁ ସଞ୍ଚରି ଯାଇଥିବା କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ବାସ୍ତବରେ ଓଡ଼ିଶାର ସାରସ୍ୱତ ଅସ୍ମିତା ବୋଲି ମତ ପ୍ରକାଶ ପାଇଛି । ବୁଧବାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ‘ଭୁବନେଶ୍ୱର ଭଞ୍ଜଭାରତୀ’ପକ୍ଷରୁ ଗୀତଗୋବିନ୍ଦ ସଦନ ଆୟୋଜିତ ହେଉଥିବା ତ୍ରିଦିବସୀୟ ଓଡ଼ିଆ ସାହିତ୍ୟ ସମାରୋହର ‘ଭଞ୍ଜନିକୁଞ୍ଜ’ ଶୀର୍ଷକ ଉଦ୍ଘାଟନ ଦିବସରେ ମୁଖ୍ୟ ଅତିଥିଭାବରେ ଯୋଗ ଦେଇ ଓଡିଶା ଉଚ୍ଚନ୍ୟାୟାଳୟର ବିଚାରପତି ବିରଜାପ୍ରସନ୍ନ ଶତପଥୀ ଆଧୁନିକ ଓଡ଼ିଶାରେ ଭଞ୍ଜକବିଙ୍କ ରଚନାବଳୀର ଅନୁଶୀଳନ, ଚିନ୍ତନ ଓ ଚର୍ଚ୍ଚାର ଉପାଦେୟତା ସଂପର୍କରେ ବକ୍ତବ୍ୟ ରଖି ଭୁବନେଶ୍ୱର ଭଞ୍ଜଭାରତୀର ଏହି ସାଧୁ ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ । ସେହିପରି ବରେଣ୍ୟ ଅତିଥି ତଥା ଓଡ଼ିଶା ସାହିତ୍ୟ ଅକାଦମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ଭଞ୍ଜୀୟ ସାହିତ୍ୟସୃଷ୍ଟିର କାଳଜୟୀ ପ୍ରଭାବ ଓ ପ୍ରକର୍ଷ ଉପରେ ବକ୍ତବ୍ୟ ରଖି ଅନୁଷ୍ଠାନର ସମୃଦ୍ଧି କାମନା କରିଥିଲେ । ସଭାର ବରେଣ୍ୟବକ୍ତା ତଥା ପରିଚିତ ଗୀତିକାର ମୋତିଲାଲ ପତି କବି ଉପେନ୍ଦ୍ରଙ୍କ ସାହିତ୍ୟରେ ସାଂଗୀତିକତା ଓ ଶାବ୍ଦିକମୂର୍ଚ୍ଛନାର ଅବତାରଣା କରିଥିଲେ। ସଭାର ସଭାପତି ଓ ମୁଖ୍ୟ ଆଲୋଚକ ତଥା ଭଞ୍ଜଭାରତୀର ସଭାପତି ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟର ବୈଶିଷ୍ଟ୍ୟରେ ବୈଦେହୀଚରିତ୍ରର ମହତ୍ତ୍ୱକୁ ପ୍ରତିପାଦିତ ଉପସ୍ଥାପିତ କରିବା ସହିତ ଭଞ୍ଜ ହିଁ ଓଡ଼ିଆ ଅସ୍ମିତାର ପ୍ରତୀକ ବୋଲି କହିଥିଲେ । ଏହି ଅବସରରେ ଭଞ୍ଜନଗରନିବାସୀ ବର୍ଷୀୟାନ୍ ଭଞ୍ଜ ସାହିତ୍ୟ ଗବେଷକ ଓ ପ୍ରାବନ୍ଧିକ ଡକ୍ଟର କମ୍ବୁପାଣି ସାମନ୍ତଙ୍କୁ ମର୍ଯ୍ୟାଦାଜନକ ‘ଭଞ୍ଜଭାରତୀ ଜୟଦେବ ଷଡଙ୍ଗୀ ସ୍ମୃତିସମ୍ମାନ-୨୦୨୬’ ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ‘ନାଦବ୍ରହ୍ମ’ ପକ୍ଷରୁ ବିଶିଷ୍ଟ କଣ୍ଠଶିଳ୍ପିନୀ ମହାପାତ୍ର ମିନତି ଭଞ୍ଜ, ପ୍ରଫେସର ଜଗନ୍ନାଥ କୁଅଁର ଓ ସାଥୀଙ୍କ ଦ୍ୱାରା ଭଞ୍ଜସଂଗୀତ ପରିବେଷିତ ହୋଇଥିଲା । ଭଞ୍ଜଭାରତୀର ସଦସ୍ୟା ଉତ୍କଳଲକ୍ଷ୍ମୀ ମିଶ୍ର କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ ସୁଶ୍ରୀ ଅନନ୍ୟା ମିଶ୍ର ସଂଯୋଜନା ଓ ସଦସ୍ୟ ଗତିକୃଷ୍ଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଉପସଭାପତି ସୁରେଶ୍ୱର ପାଣିଗ୍ରାହୀ, ସଂପାଦିକା ଶୁଭଶ୍ରୀ ମିଶ୍ର, କୋଷାଧ୍ୟକ୍ଷା ଶୈଳଜା ମିଶ୍ର, ସଦସ୍ୟ ଦିଲୀପ ଦାସ, ଡକ୍ଟର ନୀଳମାଧବ ପ୍ରଧାନ, ଅସୀମା ତ୍ରିପାଠୀ, ଗିରିଜାପ୍ରସାଦ ମିଶ୍ର, ବିନାୟକ ରଥ, ସନ୍ତୋଷ ବେହେରା, ଆଶୁତୋଷ ମହାସୁଆର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ବହୁସଂଖ୍ୟାରେ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଏହି ସମାରୋହ ଆଗାମୀ ଅପ୍ରେଲ ୧୧ତାରିଖ ଯାଏଁ ଚାଲିବ ।



# ଦ୍ୱିତୀୟ ଦିନରେ ୬ ଘଣ୍ଟା ଧରି ହେଲା ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି



**ପୁରୀ, ୯/୪ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ରତ୍ନଭଣ୍ଡାରର ଦ୍ୱିତୀୟ ଦିନର ଗଣତି ମଣତି କାର୍ଯ୍ୟ ଶେଷ ହୋଇଛି। ଗୁରୁବାର ଦିନ ୧୨ ଟା ୧୦ ରୁ ସନ୍ଧ୍ୟା ୬ଟା ୧୦ ପର୍ଯ୍ୟନ୍ତ ଦୀର୍ଘ ୬ ଘଣ୍ଟା ଧରି ଗଣତି ମଣତି କାର୍ଯ୍ୟ କରାଯାଇଥିଲା। ରତ୍ନ ଅଳଙ୍କାର ଏବଂ ମୋତି ମାଣିକ୍ୟର ଚିହ୍ନଟ ଏବଂ ଓଜନ ପାଇଁ ଶ୍ରୀମନ୍ଦିର ବଣିଆ ସେବକ, ରତ୍ନ ବିଶାରଦ, ଆରବିଆଇ ଅଧିକାରୀ ଉପସ୍ଥିତ ରହି ଏହି କାର୍ଯ୍ୟ କରିଥିଲେ। ସମସ୍ତ ରତ୍ନ ଅଳଙ୍କାରର ଥ୍ରୀଡି ମ୍ୟାପିଙ୍ଗ କରାଯାଇଛି। ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ନିର୍ଭୁଲ ଭାବରେ ଏହି ଗଣତି ମଣତି କାର୍ଯ୍ୟ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏଣୁ ଗଣତି ମଣତି କାର୍ଯ୍ୟ ଏକ ସମୟ ସାପେକ୍ଷ କାର୍ଯ୍ୟ। କେବେ ନିର୍ଦ୍ଦିଷ୍ଟ ଭାବରେ ବାହାର ରତ୍ନଭଣ୍ଡାରର ରତ୍ନ ଅଳଙ୍କାର ଗଣତି ମଣତି ଶେଷ ହେବ ଏବେ କହିବା ଠିକ୍ ହେବ ନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି।

ବାହାର ରତ୍ନଭଣ୍ଡାରର ଗଣତି ମଣତି କାର୍ଯ୍ୟ ଶେଷ ହେବା ପରେ ଭିତର ରତ୍ନଭଣ୍ଡାରର ଗଣତି ମଣତି କାର୍ଯ୍ୟ ଆରମ୍ଭ କରାଯିବ। ମହାପ୍ରଭୁଙ୍କ କୃପାରୁ ସବୁକିଛି ସୁରୁଖୁରୁରେ ଗଣତି ମଣତି କାର୍ଯ୍ୟ ହେବ ବୋଲି ଆମର ଆଶା ରହିଛି। ତେବେ ଭିତର ଚନ୍ଦନଯାତ୍ରା ସମୟରେ ଯେଉଁ ସ୍ୱଳ୍ପ ସମୟ ମିଳିବ ସେହି ଭିତରେ ଗଣତି ମଣତି କାର୍ଯ୍ୟ କରାଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ। ସେପଟେ ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର କହିଛନ୍ତି ରାଜ୍ୟ ସରକାରଙ୍କ ଏସଓପି ଆଧାରରେ ସମସ୍ତ କାର୍ଯ୍ୟ କରାଯାଉଛି। ତେବେ ଦୁଇଦିନ ଭିତରେ ୪୦ରୁ ଉର୍ଦ୍ଧ୍ୱ ପ୍ରକାରର ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ କରାଯାଇଛି। ବୁଧବାର ଠାରୁ ଶ୍ରୀମନ୍ଦିର ବାହାର ରତ୍ନ ଭଣ୍ଡାରରେ ଥିବା ଅଳଙ୍କାରର ଗଣତି ମଣତି ପ୍ରକ୍ରିୟା ଆରମ୍ଭ ହୋଇ ୪ ଦିନ ଧରି ଗଣତି ହେବ । ୮, ୯, ୧୦ ଓ ୧୧ ତାରିଖ ଗଣତି କରାଯିବ । ପୁନର୍ବାର ୧୩ ତାରିଖରେ ଆଉ ଗୋଟିଏ ପର୍ଯ୍ୟାୟରେ ଗଣତି ହେବ । ଚଳିତ ମାସରେ ୧୦ରୁ ୧୨ ଦିନ ଧରି ଗଣତିର ପ୍ରକ୍ରିୟା କରାଯିବ । ମହାପ୍ରଭୁଙ୍କର ସ୍ନାନଯାତ୍ରା (ଜୁନ ୨୯) ସୁଦ୍ଧା ସମ୍ପୂର୍ଣ୍ଣ ଗଣତି ମଣତି ସାରିବାକୁ ନିଷ୍ପତ୍ତି ହୋଇଛି । ପ୍ରଥମ ଦିନରେ ମହାପ୍ରଭୁଙ୍କ ସକାଳ ଧୂପ ପରେ ରତ୍ନଭଣ୍ଡାର ଗଣତି ମଣତି ଟିମର ସଦସ୍ୟ ମାନେ ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାରକୁ ପ୍ରବେଶ କରି ରତ୍ନ ଅଳଙ୍କାର ଯାଞ୍ଚ କରିଥିଲେ । ସନ୍ଧ୍ୟା ୬ଟା ଯାଏଁ ଏହି କାର୍ଯ୍ୟ ଜାରି ରହିଥିଲା । ଗଜପତି ମହାରାଜା ଦିବ୍ୟସିଂହ ଦେବ ନିଜେ ଅପରାହ୍ନରେ ଶ୍ରୀମନ୍ଦିରରେ ପହଞ୍ଚି ଗଣତି ମଣତି କାର୍ଯ୍ୟର ଅନୁଧ୍ୟାନ କରିଥିଲେ ।

## ଜନ୍ମଦିନରେ କିସ୍ ଛାତ୍ରଛାତ୍ରୀଙ୍କୁ ଅନନ୍ତ ଅମ୍ବାନୀଙ୍କ ଉପହାର

# ଛାତ୍ରବୃତ୍ତି, ଚାକିରି ଓ ଏକ୍ସପୋଜର ସୁଯୋଗ

**ଭୁବନେଶ୍ୱର, ୯ । ୪ ନ୍ୟୁଜ ବ୍ୟୁରୋ**

ନିଜ ଜନ୍ମଦିନରେ କିସ୍ ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି, ଚାକିରି ଓ ଏକ୍ସପୋଜର ସୁଯୋଗ ଭଳି ଅନେକ ଘୋଷଣା କରିଛନ୍ତି ଅନନ୍ତ ଅମ୍ବାନୀ। ଗୁରୁବାର ନିଜ ଜନ୍ମଦିନ ପାଳନ ଅବସରରେ ଅନନ୍ତ କିସ୍ ଛାତ୍ରଛାତ୍ରୀଙ୍କ ପାଇଁ ରିଲାଏନ୍ସ ଗ୍ରୁପରେ ଚାକିରି ସୁଯୋଗ ସହ ଚଳିତ ଶିକ୍ଷାବର୍ଷରେ କିସ୍ ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି, କେଜିରୁ ପିଜିସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଟପ୍ପରମାନଙ୍କୁ ଅନନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶାଳ ବନ୍ୟପ୍ରାଣୀ କେନ୍ଦ୍ର ବନତାରା ପରିଦର୍ଶନ କରିବାର ସୁଯୋଗ ଆଦି ଘୋଷଣା କରିଛନ୍ତି । ଅନନ୍ତଙ୍କ ଘୋଷଣା ଅନୁସାରେ ପ୍ରତିବର୍ଷ କିସ୍‌ର ୩୦ଜଣ ସ୍ନାତକଙ୍କୁ ରିଲାଏନ୍ସ ଗ୍ରୁପର ବିଭିନ୍ନ କମ୍ପାନୀରେ ଚାକିରି ପ୍ରଦାନ କରାଯିବ। ଏହା ଜନଜାତି ଯୁବକ ଯୁବତୀଙ୍କ ପାଇଁ ସ୍ଥାୟୀ କ୍ୟାରିୟର ପଥ ଖୋଲିବ। ଏହି ଘୋଷଣା ଦ୍ୱାରା ହଜାର ହଜାର ଜନଜାତି ଛାତ୍ରଛାତ୍ରୀ ଉପକୃତ ହେବେ। ସେହିପରି ଶିକ୍ଷାଗତ ଜ୍ଞାନକୁ ଆହୁରି ବୃଦ୍ଧି କରିବା ନିମନ୍ତେ କିସ୍‌ର ସମସ୍ତ ଛାତ୍ରଛାତ୍ରୀଙ୍କୁ ଅନନ୍ତ ଅତିରିକ୍ତ ଅଧ୍ୟୟନ ସାମଗ୍ରୀ ପ୍ରଦାନ କରିଛନ୍ତି। ଏହି ଘୋଷଣା ଦ୍ୱାରା ହଜାର ହଜାର ଜନଜାତି ଛାତ୍ରଛାତ୍ରୀ ଉପକୃତ ହେବେ। ଏହା ସହ ସେମାନଙ୍କ ଶୈକ୍ଷିକ ଅଭିବୃଦ୍ଧି, ଦକ୍ଷତା ବିକାଶ ଓ ଭବିଷ୍ୟତର ଜୀବିକା ନିର୍ବାହରେ ସହାୟକ ହେବ।

ଅନନ୍ତଙ୍କ ଜନ୍ମଦିନ ପାଳନର ଅଂଶ ସ୍ୱରୂପ କିସ ଛାତ୍ରଛାତ୍ରୀମାନେ ଏକ ବିଶାଳ କେକ୍ କାଟି ଉତ୍ସବ ପାଳନ କରିଥିଲେ। ଅନନ୍ତଙ୍କ ଉତ୍ତମ ସ୍ୱାସ୍ଥ୍ୟ, ଖୁସି ଓ ଦୀର୍ଘ ଜୀବନ କାମନା କରି ଶ୍ରୀବାଣୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ କିସ୍ ପିଲାମାନେ ଦୀପ ଜାଳି ପ୍ରାର୍ଥନା କରିଥିଲେ ଏବଂ ଶ୍ରୀବାଣୀକ୍ଷେତ୍ର ବେଦପାଠଶାଳା ଛାତ୍ରଛାତ୍ରୀମାନେ ବେଦପାଠ ଜରିଆରେ ଅନନ୍ତଙ୍କୁ ଶୁଭକାମନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ କିସ୍ ଭୁବନେଶ୍ୱର କ୍ୟାମ୍ପସ ସମେତ ବଲାଙ୍ଗୀର, କଳାହାଣ୍ଡି, ବାରିପଦା ଓ ବାଲେଶ୍ୱର ଆଦି କ୍ୟାମ୍ପସରେ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ। ଛାତ୍ରଛାତ୍ରୀମାନେ ବନତାରା ଲୋଗୋ ଦ୍ୱାରା ଅନୁପ୍ରାଣିତ ମାନବ ଅକ୍ଷର ଗଠନ କରିଥିଲେ। ପରେ ସନ୍ଧ୍ୟାରେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କ ପାଇଁ ଅନନ୍ତଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ରାତ୍ରଭୋଜନର ଆୟୋଜନ କରାଯାଇଥିଲା। ଏହି ଅବସରରେ ସମଗ୍ର କ୍ୟାମ୍ପସରେ ଉତ୍ସବମୁଖର ଓ ଆନନ୍ଦମୟ ପରିବେଶ ସୃଷ୍ଟି ହୋଇଥିଲା। ଛାତ୍ରଛାତ୍ରୀମାନେ ଅନନ୍ତଙ୍କୁ ସେମାନଙ୍କର ଶୁଭ କାମନା ଜଣାଇବା ସହ କୃତଜ୍ଞତା ପ୍ରକାଶ କରିଥିଲେ।

କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଡ. ସାମନ୍ତ ମଧ୍ୟ ଅନନ୍ତଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଡ. ସାମନ୍ତ କହିଲେ, କିସ୍ ପିଲାଙ୍କ ପାଇଁ ଅନନ୍ତ ଯେଉଁ ସବୁ ଘୋଷଣା କରିଛନ୍ତି ତାହା ଦ୍ୱାରା ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସ ଓ ଭବିଷ୍ୟତ ସମ୍ଭାବନାକୁ ବହୁ ପରିମାଣରେ ମଜବୁତ କରିବ। ଏଭଳି ସମର୍ଥନ ସାଧାରଣ ଜନଜାତି ପୃଷ୍ଠଭୂମିରୁ ଆସୁଥିବା ପିଲାମାନଙ୍କ ପାଇଁ ଯଥେଷ୍ଟ ଗୁରୁତ୍ୱ ରଖିବା ସହ ସୁଯୋଗର ନୂତନ ଦ୍ୱାର ଖୋଲିବ ବୋଲି ଡ. ସାମନ୍ତ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କିସ୍‌ର ସମସ୍ତ କ୍ୟାମ୍ପସର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।




# ପୋଖରୀରେ ବୁଡି ୩ ନାବାଳିକା ମୃତ

**ଉମରକୋଟ, ୯ ।୪ ନ୍ୟୁଜ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡ଼ି ୩ ନାବାଳିକାଙ୍କ ମୃତ୍ୟୁ ହୋଇଛି। ଗୋଟିଏ ଗ୍ରାମର ୩ ଶିଶୁ କନ୍ୟାଙ୍କୁ ହରାଇ ଏବେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଉମରକୋଟ ବ୍ଲକ କୁର୍ସୀ ଗ୍ରାମର ଉପର ପାରା ଅଞ୍ଚଳରେ ଘଟିଛି ଏହି ହୃଦୟବିଦାରକ ଘଟଣା। କୁର୍ସୀ ଗ୍ରାମର ଉପରପାରାର ରାଜମନ ଗଣ୍ଡଙ୍କ ଦୁଇ ଝିଅ ସନ୍ଧ୍ୟା ଓ ସନ୍ଧିତା , ବାଲସାଇ ଗଣ୍ଡଙ୍କ ଝିଅ ଭୂମିକା ଗଣ୍ଡ ଗୁରୁବାର ବିଦ୍ୟାଳୟରୁ ଫେରିବା ପରେ ତିନିଜଣ ଯାକ ଝିଅ ଘର ନିକଟସ୍ଥ ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ଗାଧୋଉଥିବା ସମୟରେ ଅସାବଧାନତା ବଶତଃ ଗଭୀର ପାଣିକୁ ଚାଲିଯାଇଥିଲେ ଏବଂ ବୁଡ଼ି ଯାଇଥିଲେ। ବହୁ ସମୟ ଧରି ସେମାନେ ଘରକୁ ନଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ଏବଂ ପରେ ପୋଖରୀରୁ ତାଙ୍କର ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଘଟଣା ପରେ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ପୂରା ଗାଁରେ ଏବେ କାନ୍ଦବୋବାଳି ଛୁଟିଛି। ଏକା ସାଙ୍ଗରେ ତିନି ତିନିଟି କଅଁଳ ଶିଶୁ କନ୍ୟାଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ଗ୍ରାମବାସୀ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-୦୯/୦୪/୨୦୨୬
୪, ୬୪,୨୧୩/- ଟଙ୍କା
ସୁନା:-ଶୂନ୍ୟ
ରୂପା:-ଶୂନ୍ୟ

# ଓସେପାର ଗାଇଡ୍‌ଲାଇନ : ଏପ୍ରିଲ ୨୭ ସୁଦ୍ଧା ଶିଶୁବାଟିକାରୁ ମାଟ୍ରିକ ଯାଏଁ ମିଳିବ ୟୁନିଫର୍ମ

**ଭୁବନେଶ୍ୱର ୦୯/୪ ନ୍ୟୁଜ ବ୍ୟୁରୋ**

ଆସନ୍ତା ୨୭ ତାରିଖ ସୁଦ୍ଧା ରାଜ୍ୟର ଶିଶୁବାଟିକାରୁ ନେଇ ମାଟ୍ରିକ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମିଳିବ ୟୁନିଫର୍ମ । ପୋଷାକର ଗୁଣାବତ୍ତା ଯାଞ୍ଚ ହେବ । ଏନେଇ ସ୍ୱତନ୍ତ୍ର ଗାଇଡଲାଇନ୍ ଜାରି କରିଛନ୍ତି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) । ଏଥିସହ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ସମଗ୍ର ଶିକ୍ଷା ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ଚିଠି କରାଯାଇଛି। ଚିଠିରେ ୟୁନିଫର୍ମ ପ୍ରସ୍ତୁତି, ବଣ୍ଟନ ନେଇ କେଉଁ କେଉଁ ଦିଗ ଉପରେ ଧ୍ୟାନ ଦେବେ ସେନେଇ ସମସ୍ତ ନିୟମାବଳୀ ଉଲ୍ଲେଖ ରହିଛି । ଏଥରକ ଖରା ଛୁଟି ପୂର୍ବରୁ ସବୁ ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ମିଳିବା ନେଇ ପୂର୍ବରୁ ଗଣଶିକ୍ଷା ବିଭାଗ ପୂର୍ବରୁ ନିର୍ଦ୍ଦେଶ ଦେଇସାରିଛି। ଉକ୍ତ ନିର୍ଦ୍ଦେଶକୁ ପାଳନ କରିବା ସହ ତୁରନ୍ତ ଜିଲ୍ଲାସ୍ତରୀୟ କମିଟି ୟୁନିଫର୍ମ ବଣ୍ଟନ ଉପରେ ଦୃଷ୍ଟି ଦେବାକୁ କୁହାଯାଇଛି । ୨୦୨୬-୨୭ ଶିକ୍ଷାବର୍ଷରେ ଶିଶୁବାଟିକାରୁ ଦଶମ ଶ୍ରେଣୀ ପିଲାଙ୍କୁ ସ୍କୁଲ ୟୁନିଫର୍ମ, ହାଉସଡ୍ରେସ୍, ଜୋତା, ମୌଜା ମିଳିବ। ସେହିପରି ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ପରିଚୟପତ୍ର ଓ ଟୋପି ଦିଆଯିବ । ପୂର୍ବରୁ ପୋଷାକ ତିଆରି ଦାୟିତ୍ୱରେ ଥିବା ମହିଳା ଏସଏଚଜି, ଏମଏସଇ, ଏସଏମସି, ଏସଏମଡିସି, ଭିଏମଡିସିଙ୍କୁ ପରିବର୍ତ୍ତନ କରାଯିବନି। ଜିଲ୍ଲାସ୍ତରୀୟ କମିଟି ପୋଷାକ ବଣ୍ଟନ କାମ ତଦାରଖ କରିବେ । ୨୦୨୬-୨୭ରେ ନାମ ଲେଖିଥିବା ଛାତ୍ରଛାତ୍ରୀଙ୍କ ତାଲିକା ପ୍ରସ୍ତୁତ କରିବେ । ସେଥିରେ ଛାତ୍ର, ଛାତ୍ରୀଙ୍କ ନାଁ ଅଲଗା କରି ସେହି ଅନୁସାରେ ପୋଷାକ ବଣ୍ଟନ କରିବେ। ୧୦ ତାରିଖ ସୁଦ୍ଧା ସମସ୍ତ ସ୍କୁଲର ତଥ୍ୟ ବ୍ଲକ ଶିକ୍ଷା ଅଧିକାରୀଙ୍କ ପାଖରେ ପହଞ୍ଚିବ। ୧୨ ତାରିଖ ସୁଦ୍ଧା ସମସ୍ତ ପୋଷାକ ପ୍ରସ୍ତୁତି ଦାୟିତ୍ୱରେ ଥିବା ସଂସ୍ଥାର ୱାର୍କଅର୍ଡରକୁ ସମୀକ୍ଷା କରାଯିବ । ୨୭ ସୁଦ୍ଧା ପୋଷାକ ବଣ୍ଟନ, ୩୦ ସୁଦ୍ଧା ପୋଷାକର ଗୁଣବତ୍ତା ଯାଞ୍ଚ, ମଇ ୨ ତାରିଖ ସୁଦ୍ଧା ପୋଷାକ ବଣ୍ଟନ ସରିବା ସହ ଏହାର ସବିଶେଷ ରିପୋର୍ଟ ଓସେପା ଅଫିସରେ ଦିଆଯିବାକୁ ନିର୍ଦ୍ଦେଶ ରହିଛି।



# ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଗିରଫ

**ଭୁବନେଶ୍ୱର ୦୯।୦୪ ନ୍ୟୁଜ ବ୍ୟୁରୋ**

ଚାକିରୀ ସରକାରୀ, କାମ ବେସରକାରୀ। କଳାଧନରେ କଳାସାମ୍ରାଜ୍ୟ ଗଢିଥିଲେ ଜଳସେଚନ ବିଭାଗର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରାଜେଶ ଚନ୍ଦ୍ର ମହାନ୍ତି । ଦୀର୍ଘ ସମୟରେ ଧରି ବିଭିନ୍ନ ସ୍ଥାନରେ ଚଢଉ ପରେ ଭିଜିଲାନ୍ସ ମୁଖ୍ୟ ଯନ୍ତ୍ରୀ ରାଜେଶ ମହାନ୍ତିଙ୍କୁ ଗିରଫ କରିଛି। ଏହାସହିତ ଜବତ ହୋଇଥିବା ବିଭିନ୍ନ ସଂପତ୍ତିକୁ ସିଜ୍ କରିଛି। ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ କେନ୍ଦ୍ରୀୟ ଜଳସେଚନ ସର୍କଲର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରାଜେଶ ଚନ୍ଦ୍ର ମହାନ୍ତିଙ୍କ ଘର ସମେତ ୬ଟି ଠିକଣା ଚଢାଉ କରିଥିଲା ଭିଜିଲାନ୍ସ । ଯେତେ ପ୍ରୋଜେକ୍ଟ, ସେତେ ଲାଞ୍ଚ । ହଳଦିଆ, ମାଟିଆ, ଧଳା ବିଭିନ୍ନ ରଙ୍ଗର ଏନଭଲପ ଦେଖିବାକୁ ମିଳୁଛି। ଏହି ଏନଭଲପ ଭିତରେ ଥିଲା ଲାଞ୍ଚ ଟଙ୍କା। ଏନଭଲପ ଉପରେ ଲେଖା ହୋଇଛି ବିଭିନ୍ନ ପ୍ରୋଜେକ୍ଟର ନାଁ । ମାନେ ପ୍ରତିଟି ପ୍ରୋଜେକ୍ଟ ଏବଂ ଏଗ୍ରିମେଣ୍ଟ ପାଇଁ ଲାଞ୍ଚ ଟଙ୍କା ଫିକ୍ସ କରିଥିଲେ ବୋଲି ସୂଚନା ମିଳିଛି।

# ଆଜି ନୂଆଦିଲ୍ଲୀ ଯିବେ ବିରୋଧୀ ଦଳ ନେତା ନବୀନ

**ଭୁବନେଶ୍ୱର,୯।୪ ନ୍ୟୁଜ ବ୍ୟୁରୋ**

ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁକ୍ରବାର ନୂଆଦିଲ୍ଲୀ ଗସ୍ତରେ ଯିବେ। ତାଙ୍କ ବଡ଼ ଭାଇ ପ୍ରେମ୍ ପଟ୍ଟନାୟକଙ୍କ ମଙ୍ଗଳବାର ଏକ ଗୁରୁତର ହାର୍ଟ ସର୍ଜରୀ ହୋଇଛି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ବୁଝିବା ଲାଗି ନବୀନ ନୂଆଦିଲ୍ଲୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଶ୍ରୀ ପଟ୍ଟନାୟକ କେତେଦିନ ଲାଗି ଗସ୍ତ କରୁଛନ୍ତି ସେନେଇ କିଛି ସୂଚନା ଦିଆଯାଇନାହିଁ।

**ଏବେ ବଜାରରେ ଉପଲବ୍ଧ...**
**“କଥାକଳିକା”**
**ଅପ୍ରେଲ ସଂଖ୍ୟା-୨୦୨୬**




**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ଅକ୍ଷୟ କୁମାର ମିଶ୍ର
**ସମକାଳର କଥା :** ତ୍ରିନାଥ ପଟ୍ଟନାୟକ, ଦାଶରଥି ଭୂୟାଁ, ବାସନ୍ତୀ ମହାନ୍ତି, ରାଧାଶ୍ୟାମ ରାଉଳ, ରୀନାରାଣୀ ରାଉତରାୟ, ବିଦ୍ୟାଧର ଗୁରୁ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସନ୍ତୋଷୀ ସ୍ୱାଇଁ, ସୁସ୍ମିତା ମହାପାତ୍ର, କନକ ମଞ୍ଜରୀ ମିଶ୍ର, ଅଜୟ କୁମାର ପଟ୍ଟନାୟକ, ଭାଗୀରଥି ବେହେରା, ହଂସନାଥ ମୁଦୁଲି, ବିନୋଦିନୀ ଗନ୍ତାଏତ, କାଳିକିଙ୍କର, ରମେଶ ପଟ୍ଟନାୟକ।
**ଅନ୍ୟ ଭାଷାର କଥା :** ରେନୁ ମଣ୍ଡଳ, ଦେବସ୍ମିତା ବେହେରା।
**ଯୁବ ମାନସର କଥା :** ପ୍ରତାପ କୁମାର ପଣ୍ଡା, ରଶ୍ମି ରଞ୍ଜନ ସାହୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ ‘କଥାକଳିକା’
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
‘ସମ୍ବାଦ କଳିକା’ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
ଘନେଇଲା ଭୟଙ୍କର ଜଳ ସଙ୍କଟ
ବିଶ୍ୱର ୨୫% ଭୂତଳ ଜଳ ଭାରତରେ ବ୍ୟବହାର
ପିଲାଙ୍କୁ ବିପଦ ଏବେ ନୂଆ କୋଭିଡ୍ ଭୂତାଣୁ ‘ସିକାଡା’

**ସଂଗ୍ରହ କରନ୍ତୁ! ସଂଗ୍ରହ କରନ୍ତୁ!**

ସାପ୍ତାହିକ ସମ୍ବାଦ ପତ୍ରିକା ‘ଉତ୍କଳ ଦୀପିକା’ ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com

# ଭାରତୀୟ ମହାକାଶ ଇତିହାସରେ ନୂଆ ଦିଗ ନିର୍ଣ୍ଣୟ କରିବ ଇସ୍ରୋର ମିଶନ ଗଗନଯାନ



**ବେଙ୍ଗାଲୁରୁ(କର୍ଣ୍ଣାଟକ), ୯/୪**

ଭାରତୀୟ ମହାକାଶ ଅନୁସନ୍ଧାନ ପ୍ରତିଷ୍ଠାନ(ଇସ୍ରୋ) ଚେୟାରମ୍ୟାନ ଭି ନାରାୟଣନ ଏକ ନ୍ୟୁଜ ସରବରାହକୁ ସୂଚନା ଦେଇଛନ୍ତି ଯେ, ମହାକାଶକୁ ମାନବଙ୍କୁ ପଠାଇବା ପୂର୍ବରୁ ଇସ୍ରୋ ସତର୍କତା ଅବଲମ୍ବନ କରୁଛି । ପ୍ରକୃତ ମିଶନ ପୂର୍ବରୁ ପ୍ରଥମେ ତିନି ମାନବରହିତ ମିଶନ ପରୀକ୍ଷଣ କରିବ ଇସ୍ରୋ ।

ବେଙ୍ଗାଲୁରୁରେ ଆୟୋଜିତ ଇଣ୍ଟରନ୍ୟାସନାଲ କନଫରେନ୍ସ ଅନ ସ୍ପେଶକ୍ରାଫ୍ଟ ମିଶନ ଅପରେସନ୍ ଉଦଘାଟନ ଅବସରରେ, ଇସ୍ରୋ ମୁଖ୍ୟ ବି ନାରାୟଣନ କହିଛନ୍ତି ଯେ ‘‘ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଦ୍ଦେଶ ଆଧାରରେ ଆମେ ମିଶନ ଗଗନଯାନ ଉପରେ ଦ୍ରୁତ ଗତିରେ କାମ କରୁଛୁ । ମାନବଙ୍କୁ ମହାକାଶ ପଠାଇବା ପୂର୍ବରୁ ମାନବରହିତ ମିଶନକୁ ସଫଳ କରିବା ପାଇଁ ଆମେ ଲକ୍ଷ୍ୟ ରଖିଛୁ’’ । ସେ କହିଛନ୍ତି ଏବେ ମାନବରହିତ ମିଶନରେ କାମ ଚାଲୁଛି । ବର୍ତ୍ତମାନ ସୁଦ୍ଧା ସମସ୍ତ ଗତିବିଧି ଯୋଜନା ମୁତାବକ ସଠିକ ଦିଗରେ ଚାଲିଛି। ଗଗନଯାନକୁ ନେଇ ସେ ଏକ ଜାତୀୟ କାର୍ଯ୍ୟକ୍ରମରେ ସମ୍ବୋଧନ କରି କହିଛନ୍ତି ଯେ, ଏଥିରେ ଅନେକ ଏଜେନ୍ସି ଓ ପ୍ରୟୋଗଶାଳା ସାମିଲ ଅଛନ୍ତି । ମିଶନ ଗଗନଯାନ ପାଇଁ ଆଇଏଡିସି-୦୨ ଟେଷ୍ଟ ଓ ଆବଶ୍ୟକୀୟ କାମ ଦ୍ରୁତଗତିରେ ଚାଲୁଛି । ଏହା ଛଡା କ୍ରୁ ସଦସ୍ୟଙ୍କ ସାହାଯ୍ୟ ପାଇଁ ସଖୀ ନାମକ ଏକ ଡିଜିଟାଲ ଆସିଷ୍ଟାଣ୍ଟ ବିକଶିତ କରାଯାଇଛି । ଯାହାକି ସ୍ୱାସ୍ଥ୍ୟ ସମ୍ବନ୍ଧିତ ରକ୍ଷଣାବେକ୍ଷଣ କରିବା ସହ ରିଅଲ ଟାଇମ ଟେକ୍ନିକାଲ ସାହାଯ୍ୟ କରିବ ।

ଇସ୍ରୋ ମୁଖ୍ୟ ମହାକାଶ ମିଶନରେ ‘ମିଶନ ଅପରେସନ’କୁ ନେଇ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି । ସେ କହିଛନ୍ତି ଯେ ଲଞ୍ଚ ଭେହିକଲ୍ ଅର୍ଥାତ ରକେଟର କାମ ମାତ୍ର ୨୦ରୁ ୨୫ ମିନିଟର ହୋଇଥାଏ। କିନ୍ତୁ ଏହା ପରବର୍ତ୍ତୀ କାମ ଚ୍ୟାଲେଞ୍ଜଦାୟକ ହୋଇଥାଏ । ଯଦି କୌଣସି ସଂଚାର ଉପଗ୍ରହ ୧୫ ବର୍ଷ ପର୍ଯ୍ୟନ୍ତ ପଠାଯାଇଥାଏ ତେବେ ମିଶନ ଅପରେସନ ଟିମକୁ ୧୫ ବର୍ଷ ପର୍ଯ୍ୟନ୍ତ ନଜର ରଖିବାକୁ ପଡିଥାଏ । ସେହିପରି ପଦ୍ମଶ୍ରୀ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ କିରଣ କୁମାର କହିଛନ୍ତି ଯେ ‘‘ମିଶନ ମଙ୍ଗଳଯାନର ସଫଳତା ପାଇଁ ଟିମ୍‌କୁ ଲଗାତାର ୩୦୦ ଦିନ ପର୍ଯ୍ୟନ୍ତ ମିଶନ ଅପରେସନରେ କାମ କରିବାକୁ ପଡିଥିଲା । ମାନବଙ୍କୁ ମହାକାଶ ପଠାଇବା ବେଶୀ ଜଟିଳ ହୋଇପଡେ କାରଣ ଏଠାରେ ମେସିନ ଓ ସଫ୍ଟୱେୟାର ସହ ମାନବ ସୁରକ୍ଷାର ତାଳମେଳ ଦେଖିବାକୁ ପଡେ’’ ।

ଚେୟାରମ୍ୟାନ ନାରାୟଣନ କହିଛନ୍ତି ଯେ ‘‘ରକେଟର ମାନବ ରେଟିଂକୁ ସୁରକ୍ଷିତ କରାଯାଉଛି । ଏହା ଛଡା କ୍ରୁ ଏସକେପ ସିଷ୍ଟମ ଓ ପରିବେଶ ନିୟନ୍ତ୍ରଣ ସୁରକ୍ଷା ବ୍ୟବସ୍ଥା ଭଳି ନୂଆ ଟେକନିକକୁ ବିକଶିତ କରାଯାଉଛି । ଯାହା ଦ୍ୱାରା ମହାକାଶଯାତ୍ରୀଙ୍କ ସୁରକ୍ଷା ନିର୍ଣ୍ଣୟ କରିହେବ ’’।